ବର୍ଷ-୨୬, ସଂଖ୍ୟା-୩୦୦
ଭୁବନେଶ୍ୱର
ନଭେମ୍ବର, ୧୦, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 300
Bhubaneswar
November, 10, 2026, Tuesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆଜ ତୃତୀୟ ଦିନିକିଆ

ଛାତ୍ରଛାତ୍ରୀ ଓ ଯୁବକଙ୍କ ପାଇଁ କ୍ୟାବିନେଟ୍‌ରେ ବଡ ଘୋଷଣା

ଭୁବନେଶ୍ୱର,୯।୧୧(ମହାଭାରତ):ପଂଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ଆକୃଷ୍ଟ କରିବା ପାଇଁ ମୋହନ ମାଝୀଙ୍କ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀ ଯୁବପିଢ଼ିଙ୍କୁ ପ୍ରାଥମିକତା ଦେଇ ରାଜ୍ୟ ସରକାର କ୍ୟାମ୍ପସରେ ଦୈନିକ ୧ଜିବି ଡାଟା ସହ ମାଗଣା ୱାଇଫାଇ ଏବଂ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରୁ ଆଟେମ୍ପ୍ଟ କଟକଣାକୁ ହଟାଇ ଦେଇଛନ୍ତି। ଆବଶ୍ୟକ ଯୋଗ୍ୟତା ପୂରଣ କରୁଥିବା ଆଶାୟୀ ପ୍ରାର୍ଥୀମାନେ ଏଣିକି ବିନା କୌଣସି 'ପ୍ରୟାସ' ସୀମାରେ ଯେତେଥର ଚାହିଁବେ ପରୀକ୍ଷା ଦେଇପାରିବେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାତିରେ ଲୋକସେବା ଭବନରେ ରାଜ୍ୟ ମନ୍ତ୍ରିପରିଷଦ ଓ ପରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ମନ୍ତ୍ରିପରିଷଦ ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ଚିଠା ବଜେଟକୁ ଅନୁମୋଦନ ମିଳିଛି। ଏହାସହିତ କ୍ୟାବିନେଟ୍ ବୈଠକରେ ମୋଟ ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏ ସମ୍ପର୍କରେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ , ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଡିଜିଟାଲସ୍ତରରେ ସଶକ୍ତ କରିବା ଓ ଗ୍ରାମାଂଚଳ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ପିଲାମାନଙ୍କ ମଧ୍ୟରେ ଥିବା ଡିଜିଟାଲ୍ ବିଭାଜନକୁ ଦୂର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଫ୍ଲାଗସିପ୍ ଯୋଜନା 'ଓଡ଼ିଶା ଶିକ୍ଷାନେଟ୍'କୁ ଅନୁମୋଦନ ଦେଇଛନ୍ତି।

୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୨୮-୨୯ ପର୍ଯ୍ୟନ୍ତ ମୋଟ୍ ୩ବର୍ଷ ଅବଧି ପାଇଁ ଏହି ଯୋଜନା ବାବଦରେ ୩୯୩.୬୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ନୂଆ ବ୍ୟବସ୍ଥା ଅଧୀନରେ ଓଡ଼ିଶାର ୬୦୧ଟି ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟକୁ ନିଶୁଳ୍କ, ସୁରକ୍ଷିତ ତଥା ହାଇସ୍ପିଡ୍ ୱାଇଫାଇ ସଂଯୋଗୀକରଣ ଯୋଗାଇ ଦିଆଯିବ। କଲେଜ କ୍ୟାମ୍ପସ ମଧ୍ୟରେ ଅଧ୍ୟୟନରତ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ଶୈକ୍ଷିକ, ଗବେଷଣା ଓ ଦକ୍ଷତା ବିକାଶ ଉଦ୍ଦେଶ୍ୟରେ ପ୍ରତିଦିନ ୧ ଜିବି ପର୍ଯ୍ୟନ୍ତ ନିଶୁଳ୍କ ଇଣ୍ଟରନେଟ୍ ଡାଟା ଉପଭୋଗ କରିପାରିବେ। ଏହାଦ୍ୱାରା ୬ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ସିଧାସଳଖ ଉପକୃତ ହେବାସହ ଇ-ବୁକ୍, ଡିଜିଟାଲ୍ ଲାଇବ୍ରେରୀ, ଭର୍ଚୁଆଲ୍ କ୍ଲାସରୁମ୍ ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ସହଜସାଧ୍ୟ ହୋଇପାରିବ।

ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ) ପରୀକ୍ଷାରେ ଥିବା ଆଟେମ୍ପଟ' କଟକଣାକୁ ହଟାଇ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଓଡ଼ିଶା ସିଭିଲ ସର୍ଭିସ ଚାକିରି ଆଶାୟୀ ପ୍ରାର୍ଥୀମାନେ କରିଆସୁଥିବା ଦାବି ଉପରେ ସରକାର ସହାନୁଭୂତିର ସହ ମୋହର ଲଗାଇଛନ୍ତି।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନସ୍ଥ 'ଓଡ଼ିଶା ସିଭିଲ ସର୍ଭିସେସ୍ (ସମନ୍ୱିତ ପ୍ରତିଯୋଗିତାମୂଳକ ନିଯୁକ୍ତି ପରୀକ୍ଷା) ନିୟମାବଳୀ, ୧୯୯୧'ରେ ବଡ଼ ସଂଶୋଧନ କରାଯାଇ ଓସିଏସ୍ ପରୀକ୍ଷାରେ ଅଂଶଗ୍ରହଣ ଲାଗି ଥିବା ଆଟେମ୍ପ୍ଟ ବା 'ପ୍ରୟାସ ସଂଖ୍ୟା' କଟକଣାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ନିର୍ଦ୍ଧାରିତ ବୟସ ଓ ଅନ୍ୟାନ୍ୟ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ପୂରଣ କରୁଥିବା ଆଶାୟୀ ପ୍ରାର୍ଥୀମାନେ ବିନା କୌଣସି ପ୍ରୟାସ ସୀମାରେ ଯେତେ ଥର ଚାହିଁବେ ପରୀକ୍ଷାରେ ଅବତୀର୍ଣ୍ଣ ହୋଇପାରିବେ। ଏହା ମେଧାବୀ ପ୍ରାର୍ଥୀମାନଙ୍କୁ ଚାପମୁକ୍ତ ପରିବେଶରେ ନିଜ ଦକ୍ଷତା ପ୍ରଦର୍ଶନ କରିବା ସହ ଅଧିକ ନ୍ୟାୟସଙ୍ଗତ ଓ ସମାନ ସୁଯୋଗ ସୁନିଶ୍ଚିତ କରିବ।

ସେହିପରି ରାଜ୍ୟ କ୍ୟାବିନେଟ୍ ଆଜି ଖରିଫ ବିପଣନ ଋତୁ ୨୦୨୬-୨୭ ପାଇଁ ବ୍ୟାପକ ଖାଦ୍ୟ ଓ ଧାନ ସଂଗ୍ରହ



ନୀତିକୁ ଅନୁମୋଦନ କରିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ, ଖରିଫ ଋତୁରେ ୫୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ (ପ୍ରାୟ ୭୮ ଲକ୍ଷ ମେଟ୍ରିକ ଟନ୍ ଧାନ) ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଓ ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନପୁଟ ସହାୟତା ମିଶାଇ ଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ମୋଟ ୩୧୦୦ ଟଙ୍କା ପ୍ରଦାନ କରାଯିବ।

ଧାନ ବିକ୍ରିର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ପ୍ରଦାନ ବ୍ୟବସ୍ଥା ହୋଇଛି । ଉପଗ୍ରହ ଚିତ୍ର ଜରିଆରେ ୧୦୦% ଫିଲ୍ଡ ଭେରିଫିକେସନ୍, ଡିଜିଟାଲ୍ ସମ୍ମତି ଆଧାରରେ ଯୋଗ୍ୟ ଭାଗଚାଷୀଙ୍କ ପଞ୍ଜିକରଣ ଓ ୫ହଜାର ମେଟ୍ରିକ ଟନ୍‌ରୁ ଅଧିକ କ୍ଷମତା ଥିବା ମଣ୍ଡିରେ ଏଆଇ ଭିତ୍ତିକ ଶସ୍ୟ ବିଶ୍ଳେଷକ ଯନ୍ତ୍ର ଓ ସିସିଟିଭି ଲଗାଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱଚ୍ଛ କରାଯିବ।

ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟିଙ୍କୁ ନିରବଚ୍ଛିନ୍ନ ସେବା ନିଶ୍ଚିତ କରିବା ପାଇଁ ବେସରକାରୀ ଡିଲରମାନଙ୍କ କାର୍ଯ୍ୟକାଳ ସମୟସୀମାକୁ ରାଜ୍ୟ କ୍ୟାବିନେଟ୍ ପୁଣିଥରେ ୨୦୨୭ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ଗୋ-ପାଳକଙ୍କ ସୁରକ୍ଷା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ 'ଓଡ଼ିଶା ଗୋ-ପ୍ରଜନନ (ନିୟନ୍ତ୍ରଣ) ବିଧେୟକ, ୨୦୨୬' ଚିଠାକୁ କ୍ୟାବିନେଟ୍ ଗ୍ରହଣ କରିଛନ୍ତି, ଯାହା ଆଗାମୀ ଦିନରେ ବିଧାନସଭାରେ ଉପସ୍ଥାପିତ କରାଯିବ।

ଗ୍ରାମାଂଚଳ ପ୍ରଶାସନର କର୍ମଚାରୀଙ୍କ ମନୋବଳ ବଢ଼ାଇବାକୁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅନ୍ତର୍ଗତ ପଂଚାୟତ ନିର୍ବାହୀ ଅଧିକାରୀ କ୍ୟାଡର ସଂଶୋଧନ ନିୟମାବଳୀ, ୨୦୨୬କୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ପୂର୍ବରୁ ପିଇଓରୁ ଜିପିଡିଓ ପଦୋନ୍ନତି ସୁଯୋଗ ମାତ୍ର ୨.୫ ପ୍ରତିଶତ ଥିବାବେଳେ ଏବେ ପେ-ଲେଭଲ-୭ରେ ୨୦୩୦ ଓ ପେ-ଲେଭଲ-୯ରେ ୧୨୬୪ଟି ପଦବୀ ସହ ମୋଟ ୩୨୯୪ଟି ପଦବୀରେ ପଦୋନ୍ନତି ସୁଯୋଗ ସୃଷ୍ଟି ହୋଇଛି ଓ ପିଇଓ ପଦବୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକକୁ ବୃଦ୍ଧି କରାଯାଇଛି।ରାଜ୍ୟର ଭିତ୍ତିଭୂମି ଓ ଶକ୍ତି ସୁରକ୍ଷା କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲାର ରାଣୀବାହାଲଠାରେ ଓଏଚପିସି ମାଧ୍ୟମରେ ନିର୍ମିତ ହେବାକୁ ଥିବା ୬୦୦ ମେଗାୱାଟ ବିଶିଷ୍ଟ 'ଉପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ'ର ଆର୍ଥିକ ଢାଂଚାକୁ ଅନୁମୋଦନ ମିଳିଛି। ମୋଟ ୪୭୦୮.୬୪ କୋଟି ଟଙ୍କାର ଏହି ମେଗା ପ୍ରକଳ୍ପ ପାଇଁ ମେସର୍ସ ମେଘା ଇଞ୍ଜିନିୟରିଂ ଆଣ୍ଡ୍ ଇନଫ୍ରାଷ୍ଟ୍ରକ୍ଚର୍ସ ଲିମିଟେଡକୁ ୩୩୭୨.୮୮ କୋଟି ଟଙ୍କା (ଜିଏସଟି ବ୍ୟତୀତ) ମୂଲ୍ୟରେ ଇପିସି କଣ୍ଟ୍ରାକ୍ଟର ଭାବେ ଦାୟିତ୍ୱ ଦିଆଯାଇଛି, ଯାହା ୨୦୩୦-୩୧ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ଗ୍ରୀଡ୍ ସ୍ଥିରତା ଓ ଶକ୍ତି ସଂରକ୍ଷଣରେ ବଡ଼ ଭୂମିକା ନେବ।

ଜଳସମ୍ପଦ କ୍ଷେତ୍ରରେ ବଡ଼ ନିଷ୍ପତ୍ତି ନେଇ ନୂଆପଡ଼ା ଜିଲ୍ଲାର ପାର୍ବତୀ ଗିରି ମେଗା ଲିଫ୍ଟ ଯୋଜନା (କ୍ଲଷ୍ଟର-୨୮) ଅନ୍ତର୍ଗତ ୭ଟି ପ୍ରକଳ୍ପ ପାଇଁ ୨୮୯.୬୮ କୋଟି ଟଙ୍କାର ଟେଣ୍ଡର ମଞ୍ଜୁର ହୋଇଛି, ଯାହାକି ୩ଟି ବ୍ଲକର ୫୯ଟି ଗ୍ରାମର ୮୮୦୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇବ। ସେହିପରି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକର ପଥର୍ଲାଠାରେ ତେଲ୍ ନଦୀର ଉପନଦୀ ଉପରେ ଅନ୍ତଃନଦୀ ଜଳାଶୟ ନିର୍ମାଣ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ଟେଣ୍ଡର ଅନୁମୋଦନ ଲାଭ କରିଛି।

ନଗର ଉନ୍ନୟନ ବିଭାଗ ଅଧୀନରେ ୧୯ ଜଣ ସହକାରୀ ସହର ଯୋଜନା ଅଧିକାରୀଙ୍କ ନିଯୁକ୍ତି ନିମନ୍ତେ ବୟସ ସୀମା ୨୧-୪୨ ବର୍ଷ ଧାର୍ଯ୍ୟ ସହ ନିୟମାବଳୀ ସଂଶୋଧନ ହୋଇଛି। ଆଇନ ବିଭାଗ ଅଧୀନରେ ପ୍ରଶିକ୍ଷଣରତ ବିଚାର ବିଭାଗୀୟ ଅଧିକାରୀଙ୍କ ପାଇଁ ଏକ ବର୍ଷ ପ୍ରତିଷ୍ଠାନଗତ ତାଲିମ ପରେ ଆଉ ଏକ ବର୍ଷ ଆଇନ ସହାୟକ କାର୍ଯ୍ୟ ଲାଗି ୨୦୦୭ ନିୟମାବଳୀ ସଂଶୋଧନକୁ ମଧ୍ୟ କ୍ୟାବିନେଟ୍ ଗ୍ରହଣ କରିଛନ୍ତି।

କ୍ଲାସ ଚାଲିଥିବା ବେଳେ ସ୍କୁଲରେ ଟଳି ପଡ଼ିଲେ ୮ମ ଶ୍ରେଣୀ ଛାତ୍ର

କେନ୍ଦ୍ରାପଡ଼ା,୯।୧୧(ମହାଭାରତ):: ପାଠପଢ଼ା ଚାଲିଥିବା ବେଳେ ଘଟିଛି ଅଘଟଣ। ସ୍କୁଲର ଶ୍ରେଣୀ ଗୃହରେ ଟଳି ପଡ଼ିଛନ୍ତି ଜଣେ ୮ମ ଶ୍ରେଣୀ ଛାତ୍ର। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ମହାଦେଇଆଡ଼ିଆର କମଳା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟରେ ଏପରି ଗୋଟିଏ ଘଟଣା ଘଟିଛି। ମୃତ ଛାତ୍ରୀ ଜଣଙ୍କ ହେଉଛନ୍ତି ୧୩ ବର୍ଷୀୟ ବିଶ୍ୱରୂପା ବେହେରା। ଆଜି ସେ ଅନ୍ୟ ପିଲାମାନଙ୍କ ଭଳି ସକାଳୁ ସ୍କୁଲ ଆସିଥିଲେ। ସ୍କୁଲରେ ସବୁ କିଛି ସ୍ୱାଭାବିକ ରହିଥିଲେ। ଅନ୍ୟମାନଙ୍କ ଭଳି ବିଶ୍ୱରୂପା ଶ୍ରେଣୀ ଗୃହରେ ରହିଥିଲେ। ବିଜ୍ଞାନ ଶିକ୍ଷକ ପିଲାଙ୍କୁ ସବୁ ଦିନ ଭଳି ପାଠ ମଧ୍ୟ ପଢ଼ାଉଥିଲେ। କିନ୍ତୁ କ୍ଲାସ ଚାଲିଥିବା ବେଳେ ହଠାତ ଘଟିଥିଲା ଅଘଟଣ। ସମସ୍ତଙ୍କ ସାମ୍ନାରେ ଚେତା ହରାଇଥିଲେ ବିଶ୍ୱରୂପା। ତାଙ୍କ ଚେତା ଫେରାଇ ଆଣିବାକୁ ପ୍ରଥମେ କ୍ଲାସରେ ଉପସ୍ଥିତ ଶିକ୍ଷକ ଓ ପରେ କର୍ମଚାରୀମାନେ ଉଦ୍ୟମ କରିଥିଲେ।କିନ୍ତୁ ବିଶ୍ୱରୂପାଙ୍କ ଚେତା ଫେରି ନଥିଲା। ଶେଷରେ ଖବର ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ପାଖରେ ପହଞ୍ଚିଥିଲା। ସେ କ୍ଲାସରୁମକୁ ଦୌଡ଼ି ଆସିବା ସହ ଛାତ୍ରୀଙ୍କ ଅଭିଭାବକଙ୍କୁ ଖବର ଦେଇଥିଲେ। ଏଥିସହ ଛାତ୍ରୀଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।ହେଲେ ସେତେବେଳେକୁ ବହୁତ ବିଳମ୍ବ ହୋଇ ସାରିଥିଲେ। ହସ୍ପିଟାଲରେ ବିଶ୍ୱରୂପାଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏବେ କେଉଁ ପରିସ୍ଥିତିରେ ବିଶ୍ୱରୂପାଙ୍କ ମୃତ୍ୟୁ ଘଟିଛି, ତା'ର ଯାଞ୍ଚ ଏବେ ପୁଲିସ କରୁଛି।

ଓଡ଼ିଶା ଗସ୍ତରେ ଆସିବେ ଉପରାଷ୍ଟ୍ରପତି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ

ଭୁବନେଶ୍ୱର,୯।୧୧(ମହାଭାରତ): ଓଡ଼ିଶା ଗସ୍ତରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଚଳିତମାସରେ ଆସିବାର କାର୍ଯ୍ୟକ୍ରମ ରହିଛି। ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ବିଧାୟକମାନଙ୍କ ସଂସଦୀୟ ଦକ୍ଷତା ବୃଦ୍ଧି ପାଇ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେବେ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଚଳିତମାସ ୨୮ତାରିଖରେ ଆସି ଉଭୟ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମ ଯୋଗ ଦେବେ ବୋଲି ଜଣାପଡ଼ିଛି।

ଉପରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଉପରାଷ୍ଟ୍ରପତି ଆସନ୍ତା ୧୫ତାରିଖରେ ଓଡ଼ିଶା ଆସି ବିଧାନସଭା ପରିସରରେ ଆୟୋଜିତ ହେବାକୁ ଥିବା ବିଧାୟକମାନଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ଯୋଗଦେବେ। ବିଧାନସଭା ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ୧୬ ତାରଖରେ ଏହି ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ମୋଟ ୩ଟି ସେସନରେ ପରିଚାଳିତ ହେବ। ପ୍ରଥମ ଅଧିବେଶନରେ ଉପରାଷ୍ଟ୍ରପତିଙ୍କ ସମେତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ। ଏହାପରେ ଦୁଇଟି ସ୍ୱତନ୍ତ୍ର ଟେକ୍ନିକାଲ ସେସନ ଅନୁଷ୍ଠିତ ହେବ।ଗୋଟିଏ ସେସନରେ ବିଧାନସଭାରେ ଥିବା ମୋଟ ୩୫ଟି କମିଟି ଓ ଅର୍ଥ ସମ୍ବନ୍ଧୀୟ ୪ଟି ସ୍ୱତନ୍ତ୍ର କମିଟିର କାର୍ଯ୍ୟଦକ୍ଷତା ତଥା ଏହାର ସଠିକ୍ କ୍ରିୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା କରାଯିବ। ଅନ୍ୟ ଏକ ସେସନରେ ବଜେଟ୍ ଉପସ୍ଥାପନା, ଖର୍ଚ୍ଚ, ଅନୁପାତ ଓ ଏଷ୍ଟିମେଟ୍ ଭଳି ବୈଷୟିକ ପ୍ରସଙ୍ଗରେ ବିଧାୟକମାନଙ୍କ ଅଂଶଗ୍ରହଣ ନେଇ ଉପରାଷ୍ଟ୍ରପତି ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବେ।

କେରଳ ଓ ଓଡ଼ିଶା ଭଳି ରାଜ୍ୟରେ ଏହି କମିଟି ବ୍ୟବସ୍ଥା ବେଶ୍ ସୁଦୃଢ଼ ରହିଥିବାରୁ ଏହାକୁ ଆହୁରି କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସଂସଦୀୟ ବ୍ୟାପାର



ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ସେହିପରି ନଭେମ୍ବର ୨୮ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସିବାର ସମ୍ଭାବନା ରହିଛି ବୋଲି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ଏହି ଗସ୍ତର ଚୂଡ଼ାନ୍ତ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନ ଥିଲେ ହେଁ, ସେ ଏକାଧିକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିଜେପିର ସାଂଗଠନିକ ବୈଠକରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ଓ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଦଳୀୟ ପ୍ରସ୍ତୁତି ଉପରେ ଏହି ଗସ୍ତ ସମୟରେ ମାନସମନ୍ଥନ ହେବାର ସମ୍ଭାବନା ରହିଛି। ରାଜ୍ୟର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଦାବି ଓ ପ୍ରଶାସନିକ ସମସ୍ୟାଗୁଡ଼ିକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିବା ସହିତ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ପାଇଁ ଏହା ରାଜ୍ୟ ସରକାରଙ୍କ ଲାଗି ଏକ ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଉଛି।

ଜାନୁଆରୀ ୩୦ ସୁଦ୍ଧା ସୀମା ପୁନଃନିର୍ଦ୍ଧାରଣ

ଭୁବନେଶ୍ୱର,୯।୧୧(ମହାଭାରତ): ରାଜ୍ୟରେ ମ୍ୟୁନିସିପାଲିଟି ଓ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନଏସି) ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରଶାସନିକ ପ୍ରସ୍ତୁତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଜାରି ହୋଇଛି। ସେପଟେ ସରକାର ଏଥର ପୌର ନିର୍ବାଚନରେ ଏସଇବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଯୋଜନା କରୁଛନ୍ତି। ବୌଦ୍ଧ ଜିଲ୍ଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜିଲ୍ଲାରେ ମ୍ୟୁନିସିପାଲିଟି ଓ ଏନଏସିର



ସୀମା ନିର୍ଦ୍ଧାରଣ, ୱାର୍ଡ ପୁନର୍ଗଠନ ଏବଂ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ ଧାର୍ଯ୍ୟ ହୋଇଛି ସମୟସୀମା। ଡିସେମ୍ବର ୧୦ ତାରିଖରେ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ପରେ ଡିସେମ୍ବର ୧୯ ତାରିଖ ସୁଦ୍ଧା ସାଧାରଣ ଲୋକେ ନିଜର ଆପତ୍ତି ଓ ଅଭିଯୋଗ ଦାଖଲ କରିପାରିବେ। ଡିସେମ୍ବର ୨୪ ତାରିଖରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ବିଜ୍ଞପ୍ତିକୁ ନେଇ ଯଦି କାହାର କୌଣସି ଆପତ୍ତି ଥାଏ, ତେବେ ଡିସେମ୍ବର ୨୪ରୁ ଜାନୁଆରୀ ୭ ତାରିଖ ମଧ୍ୟରେ ଅପିଲ୍ କରିପାରିବେ। ସେହିପରି ଜାନୁଆରୀ ୧୫ରୁ ୨୫ ତାରିଖ ମଧ୍ୟରେ ଅପିଲ୍ଗୁଡ଼ିକର ଶୁଣାଣି ହେବ। ଆଉ ଜାନୁଆରୀ ୩୦ ତାରିଖ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ଡେଡ୍ଲାଇନ୍ ଧାର୍ଯ୍ୟ କରିଛି ବିଭାଗ। ଏହା ପୌର ନିର୍ବାଚନର ପ୍ରସ୍ତୁତି ପାଇଁ ପ୍ରାରମ୍ଭିକ ପଦକ୍ଷେପ। ନିର୍ବାଚନର ତାରିଖ ଓ ଭୋଟ୍ ଗ୍ରହଣ ସମ୍ପର୍କିତ ଘୋଷଣା ଏହି ନିର୍ଦ୍ଦେଶରେ ହୋଇନାହିଁ। ସରକାର ଏସଇବିସି ସଂଖ୍ୟା ଗଣନା ପାଇଁ ଏସିଇବିସି କମିଶନ ଗଠନ କରିଛନ୍ତି। ଏଥିସହିତ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହେଉଛି। ତେଣୁ ପୌର ନିର୍ବାଚନ ବିଳମ୍ବ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ବହୁଚର୍ଚ୍ଚିତ ଭାଗିରଥି ମାଣ୍ଡାଙ୍କ ହତ୍ୟା ମାମଲା

ଜେଲ୍ ଗଲେ ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ

ରାୟଗଡ଼ା, ୯।୧୧ (ମହାଭାରତ): ବହୁଚର୍ଚ୍ଚିତ ଭାଗିରଥି ମାଣ୍ଡାଙ୍କ ହତ୍ୟା ମାମଲାରେ ଜେଲ୍ ଗଲେ ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ(୭୬)। ୨୦୧୦ ମସିହା ଡିସେମ୍ବର ୨୩ ତାରିଖରେ ଘଟିଥିବା କାଉନସିଲର ଭାଗିରଥି ମାଣ୍ଡାଙ୍କ ହତ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସୋମବାର ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ରାଓ।ଆତ୍ମସମର୍ପଣ ପରେ ମାଜିଷ୍ଟ୍ରେଟ୍ ତାଙ୍କର ଜାମିନ ଆବେଦନ ଖାରଜ କରି ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।


ଭାଗିରଥି ମାଣ୍ଡାଙ୍କ ହତ୍ୟା ମାମଲାରେ ଓଡ଼ିଶା ହାଇକୋର୍ଟ ୨୦୨୬ ମସିହା ଜାନୁଆରି ୨୨ ତାରିଖରେ ଅଭିଯୁକ୍ତମାନଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି ମୂଳ ଅଭିଯୋଗକାରୀ ଜଗନ୍ନାଥ ମାଣ୍ଡାଙ୍କ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଆବେଦନର ଶୁଣାଣି କରି ହାଇକୋର୍ଟଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଜାମିନକୁ ଖାରଜ କରିଦେଇଥିଲେ। ଏଥିସହ ଅଭିଯୁକ୍ତମାନଙ୍କୁ ଦୁଇ ସପ୍ତାହ ମଧ୍ୟରେ ଉପଖଣ୍ଡ ନ୍ୟାୟିକ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସୋମବାର ଶ୍ରୀ ରାଓ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏନେଇ ଭାସ୍କର ରାଓଙ୍କ ଓକିଲ ନବକୁମାର କଣ୍ଡା କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କ ମହକିଲ ଆତ୍ମସମର୍ପଣ କରିଛନ୍ତି। ଖୁବ୍‌ଶୀଘ୍ର ଉଚ୍ଚତର ଅଦାଲତରେ ଜାମିନ ପାଇଁ ଆବେଦନ କରାଯିବ।ଏହି ମାମଲାରେ ରାଓଙ୍କ ସମେତ ଅନ୍ୟ ଅଭିଯୁକ୍ତ ଇପିଲି ସନ୍ୟାସୀ ରାଜୁ, କେ. କ୍ରିଷ୍ଣା ରାଓ ଏବଂ ପି. ଦିଲୀପ କୁମାର ମଧ୍ୟ ଆତ୍ମସମର୍ପଣ କରିଛନ୍ତି।ସୂଚନାଯୋଗ୍ୟ ଯେ, ଏହି ହତ୍ୟାକାଣ୍ଡ ଘଟଣାରେ ୨୦୧୦ ଡିସେମ୍ବର ୨୩ ତାରିଖରେ ରାୟଗଡ଼ା ଥାନାରେ ମାମଲା ନମ୍ବର ୨୦୮/୨୦୧୦ ଅନୁଯାୟୀ ଏତଲା ରୁଜୁ ହୋଇଥିଲା। ଏହି ମାମଲାରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଧାରା ୧୨୦-ବି (ଅପରାଧିକ ଷଡ଼ଯନ୍ତ୍ର), ୩୦୨ (ହତ୍ୟା), ୨୦୧ (ପ୍ରମାଣ ନଷ୍ଟ), ୩୬୪ (ଅପହରଣ) ଏବଂ ୩୪ (ଏକାଧିକ ବ୍ୟକ୍ତିଙ୍କ ସାଧାରଣ ଉଦ୍ଦେଶ୍ୟ) ଭଳି ସଂଗିନ ଦଫା ଲଗାଯାଇଥିଲା।ପରବର୍ତ୍ତୀ ସମୟରେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ୨୦୧୧ ଏପ୍ରିଲ ୫ ତାରିଖରେ କଟକ ସିଆଇଡି-ସିବି ଥାନାରେ ଏହା କେସ୍ ନମ୍ବର ୧୦/୨୦୧୧ ଭାବେ ପୁନଃ ପଞ୍ଜୀକୃତ ହୋଇଥିଲା।

ମିଶନ ମୋଡରେ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଯୋଜନା

ଭୁବନେଶ୍ୱର୯।୧୧(ମହାଭାରତ): : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଜଳ ସଂରକ୍ଷଣ ଓ ଜଳ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର (ଆଇଏଏସଏସ) ଯୋଜନାକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ୪ଟି ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମୋଟ ୮୯ଟି ପ୍ରକଳ୍ପ ହାତକୁ ନିଆଯାଇଅଛି।



ଇତିମଧ୍ୟରେ ୧୦ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏହାଦ୍ୱାରା ପ୍ରାୟ ୧.୧୦ କୋଟି ଘନମିଟର ଜଳ ସଂରକ୍ଷଣ କ୍ଷମତା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୧୨୨ରୁ ଅଧିକ ଗ୍ରାମର ପ୍ରାୟ ୧.୮୨ ଲକ୍ଷ ଲୋକ ଉପକୃତ ହେବେ। କଳାହାଣ୍ଡିର ଜୁକ୍କ, ବଲାଙ୍ଗୀରର ଛତାମଖନା, ଗଞ୍ଜାମର ଜକମାରପଲ୍ଲୀ, ଢୋଲପିଟା ଓ ଧନେଇ, ବରଗଡ଼ର ମହୁଲପାଳି, ଯାଜପୁରର ସପ୍ତମାତୃକା ଏବଂ ସମ୍ବଲପୁରର ଗୋଚରା, କିରାସାସନ ଓ ବୁଢ଼ାରଜାଠାରେ ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ୧୩ଟି ଜିଲ୍ଲାରେ ୨୨ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ସୁନ୍ଦରଗଡ଼ରେ ୫ଟି ଓ ଖୋର୍ଦ୍ଧାରେ ୩ଟି ପ୍ରକଳ୍ପ ନିର୍ମାଣାଧୀନ ଥିବାବେଳେ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ କାର୍ଯ୍ୟ ଅଗ୍ରଗତି କରୁଛି। ଏହାବ୍ୟତୀତ ଆଉ ୩୫ଟି ପ୍ରକଳ୍ପ ପାଇପ୍ଲାଇନ୍‌ରେ ରହିଛି। ସେଥିମଧ୍ୟରୁ ୧୨ଟି ପ୍ରକଳ୍ପ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ଜଳ ସଂରକ୍ଷଣ ପ୍ରକଳ୍ପଗୁଡ଼ିକ ଦ୍ୱାରା ବର୍ଷା ଦିନେ ନଦୀରେ ପ୍ରବାହିତ ଜଳକୁ ସଂରକ୍ଷଣ କରି ଅଣମୌସୁମୀ ସମୟରେ ଉପଯୋଗ କରାଯାଇପାରିବ। ଏହାଦ୍ୱାରା କୃଷି ପାଇଁ ଜଳସେଚନ, ଭୂତଳ ଜଳସ୍ତର ବୃଦ୍ଧି, ପାନୀୟ ଜଳ ଉପଲବ୍ଧତା, ମତ୍ସ୍ୟଚାଷ ଓ ଗ୍ରାମୀଣ ଜୀବିକା ସୁଦୃଢ଼ ହେବ। ଜଳବାୟୁ ପରିବର୍ତ୍ତନ ଓ ଅନିୟମିତ ବର୍ଷା ଜନିତ ଜଳ ସଙ୍କଟର ମୁକାବିଲାରେ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

ଦ୍ୱୈତ ନଗରୀରେ ଶୀତର ଆଗମନ

ବଢ଼ିଲା ଥଣ୍ଡା, ୨୦ ଡିଗ୍ରି ତଳକୁ ଖସିଲା ପାରଦ

ଭୁବନେଶ୍ୱର୯।୧୧(ମହାଭାରତ): ଆଜି ସକାଳେ ଦ୍ୱୈତ ନଗରୀରେ ଶୀତର ପ୍ରକୋପ ଅନୁଭୂତ ହୋଇଛି। ଏବର୍ଷ ପ୍ରଥମ ଥର ଲାଗି ୨୦ ଡିଗ୍ରି ତଳକୁ ଖସିଛି ପାରଦ ଆଉ କମିଛି ତାପମାତ୍ରା। ସକାଳ ଓ ରାତିରେ ଅନୁଭୂତ ହେଉଛି ଶୀତର ପ୍ରଭାବ। ନଭେମ୍ବର ଆରମ୍ଭରୁ ଦ୍ୱୈତ ନଗରୀରେ ଶୀତର ଆଗମନୀ ସଙ୍କେତ ମିଳିଛି ।ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, କଟକରେ ସର୍ବନିମ୍ନ ତାପମାତ୍ରା ୧୭.୬ ଡିଗ୍ରି ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ପାରଦ ୧୮.୯ ଡିଗ୍ରି ସେଲସିୟସ୍‌କୁ ଖସିଛି । ଉଭୟ ସହରରେ ୨୦ ଡିଗ୍ରୀ ତଳକୁ ତାପମାତ୍ରା ଖସିବା ପରେ ଥଣ୍ଡାର ଅନୁଭୂତି ବଢ଼ିଛି । ବିଶେଷକରି ସକାଳୁ ଘରୁ ବାହାରୁଥିବା ଲୋକ ଏବଂ ରାତିରେ ଯାତାୟତ କରୁଥିବା ଲୋକଙ୍କୁ ଥଣ୍ଡା ଅଧିକ ଅନୁଭୂତ ହେଉଛି । ତେବେ ଧୀରେ ଧୀରେ ପାରଦ ଖସୁଥିବାରୁ ଆଗକୁ ଦ୍ୱୈତ ନଗରୀରେ ଶୀତର ପ୍ରଭାବ ଆହୁରି ବଢ଼ିବ କି, ତାହା ଉପରେ ନଜର ରହିଛି ।





ଜୀବନଚର୍ଯ୍ୟା



ଛେନା ପୁର ମଣ୍ଡା ପିଠା

ଆବଶ୍ୟକ ସାମଗ୍ରୀ : ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

ପ୍ରସ୍ତୁତ ପ୍ରଣାଳୀ : ପ୍ରଥରେ ଅରୁଆ ଚଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚଉଁଳେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁୟ ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

ନଭେମ୍ବର ୧୩ରେ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବ 'ରଣବାଳୀ'



ବିବାହ ପରେ ପରଦାରେ ଏକାଠି ନଜର ଆସିଥିବା ଦକ୍ଷିଣ ଭାରତୀୟ ସିନେମା ଜଗତର ଲୋକପ୍ରିୟ ଯୋଡ଼ି ବିଜୟ

ଦେବରକୋଣ୍ଡା ଓ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ରଣବାଳୀ' ବର୍ତ୍ତମାନ ଓଟିଟି ପ୍ଲାଟଫର୍ମରେ ପ୍ରଦର୍ଶିତ ହେବାକୁ ଯାଉଛି। ସିନେମା ହଲ୍‌ରେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହେବା ପରେ ମାତ୍ର ଚାରି ସପ୍ତାହ ମଧ୍ୟରେ ଏହି ଫିଲ୍ମଟି ଓଟିଟିରେ ଆସୁଛି।ପ୍ରସିଦ୍ଧ ଓଟିଟି ପ୍ଲାଟଫର୍ମ 'ନେଟ୍‌ଫ୍ଲିକ୍ସ' ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ 'ରଣବାଳୀ'ର ଓଟିଟି ରିଲିଜ୍ ତାରିଖ ଘୋଷଣା କରିଛି। ଆସନ୍ତା ନଭେମ୍ବର ୧୩ ତାରିଖରେ ଏହି ଫିଲ୍ମଟି ଓଟିଟିରେ ଷ୍ଟ୍ରିମ୍ ହେବ।

ଦର୍ଶକମାନେ ଏହାକୁ ତେଲୁଗୁ ବ୍ୟତୀତ ହିନ୍ଦୀ, ତମିଲ, କନ୍ନଡ ଓ ମାଲାୟାଲମ୍ ଭାଷାରେ ମଧ୍ୟ ଉପଭୋଗ କରିପାରିବେ। ନେଟ୍‌ଫ୍ଲିକ୍ସ ଏହାର କ୍ୟାପସନ୍‌ରେ ଲେଖିଛି,'ସିଙ୍ଗନାମାଲା ବବ୍‌ବିଲି ରଣବାଳୀ ଅସ୍ତୁନ୍ନାଡୁ।'ରାହୁଲ ସାଙ୍କୃତ୍ୟନଙ୍କ ନିର୍ଦ୍ଦେଶିତ ଓ ମୈତ୍ରୀ ମୁଭି ମେକର୍ସଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମଟିର ବଜେଟ୍ ପ୍ରାୟ ୧୨୦ କୋଟି ଟଙ୍କା ଥିଲା। ଅକ୍ଟୋବର ୧୬ ତାରିଖରେ ପ୍ରେକ୍ଷାଳୟକୁ ଆସିଥିବା ଏହି ଫିଲ୍ମଟି ପ୍ରଥମ ଦିନରେ ୯.୨୫ କୋଟି ଟଙ୍କା ଆୟ କରି ଭଲ ଆରମ୍ଭ କରିଥିଲା।କିନ୍ତୁ, ଧୀରେ ଧୀରେ ଦର୍ଶକଙ୍କ ମଧ୍ୟରେ ଏହାର କ୍ରେଜ୍ କମିଯିବାରୁ ବକ୍ସ ଅଫିସ୍‌ରେ ଏହା ଏକ ବଡ଼ ଝଟକା ପାଇଲା। ଦ୍ୱିତୀୟ ସପ୍ତାହ ଶେଷ ସୁଦ୍ଧା ଏହାର ଦୈନନ୍ଦିନ ଆୟ ୧ କୋଟି ଟଙ୍କାରୁ ଖସିଯାଇଥିଲା। ଘରୋଇ ବଜାରରେ ମୋଟ୍ ୫୮ କୋଟି ଓ ବିଦେଶୀ ବଜାରରୁ ୧.୪ ନିୟୁତ ଡ଼ଲାର୍ ସହ ଫିଲ୍ମଟି ବିଶ୍ୱବ୍ୟାପୀ ମୋଟ୍ ୮୦ କୋଟି ଟଙ୍କା ଆୟ କରିଥିଲା, ଯାହାକି ଏହାର ମୋଟ୍ ବଜେଟ୍ ତୁଳନାରେ ବହୁତ କମ୍ ଥିଲା।

ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି

ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞଙ୍କ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।




■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

ଏହିସବୁ ଉପାୟରେ ଦୂର କରନ୍ତୁ ଅଶୁଭ ଗ୍ରହର ପ୍ରଭାବ

ଅକୌଣସି ବ୍ୟକ୍ତିଙ୍କ କୁଣ୍ଡଳୀ ତା'ର ଜୀବନ ବିଷୟରେ ଅନେକ କିଛି ତଥ୍ୟ ଦେଇଥାଏ । ଅଶୁଭ ଗ୍ରହ ଯୋଗୁଁ ଅନେକଙ୍କ ଜୀବନରେ ଖରାପ ପ୍ରଭାବ ପଡିଥାଏ । ଯଦି ଆପରଙ୍କ ଉପରେ ଗ୍ରହର ଅଶୁଭ ପ୍ରଭାବ ପଡିଥାଏ ତେବେ ଜୀବନରେ ସବୁ କାମ ଅଶୁଭ ହୋଇଥାଏ । ଏମିତି କିଛି ଉପାୟ ରହିଛି,ଯାହା ସାହଯ୍ୟରେର ଆପଣ ନିଜ କୁଣ୍ଡଳୀରେ ଥିବା ଅଶୁଭ ଗ୍ରହଙ୍କ ଖରାପ ପ୍ରଭାବକୁ ଦୂର କରିପାରିବେ। ଆପଣଙ୍କ କୁଣ୍ଡଳୀରେ ଚନ୍ଦ୍ରମା ଦୁର୍ବଳ ହେଲେ ମାନସିକ ଚିନ୍ତା ଏବଂ ହୃଦ ସନ୍ଧ୍ୟ11ୟ ରୋଗ ଦେଖାଦିଏ । ଚନ୍ଦ୍ରମାର ଅଶୁଭ ପ୍ରଭାବ ଯୋଗୁଁ ବ୍ୟକ୍ତି ମାନସିକ ରୂପେ ବହୁତ ଦୁର୍ବଳ ହୋଇପଡେ। ଚନ୍ଦ୍ରମାଙ୍କ ଅଶୁଭ ପ୍ରଭାବକୁ ଦୂର କରିବା ପାଇଁ




ପ୍ରତି ସୋମବାର ଶିବଙ୍କ ଜଳାଭିଷେକ କରନ୍ତୁ ଏବଂ ଓଁ ଶ୍ରୀ ଶ୍ରୀ ସଃ ଚନ୍ଦ୍ରମସେ ନମଃ ମନ୍ତ୍ର ଜାପ କରନ୍ତୁ।

ଯଦି ଆପଣଙ୍କ ଭାଗ୍ୟରେ ମଙ୍ଗଳ ଦୋଷ ରହିଥାଏ ତେବେ ବ୍ୟକ୍ତି ମାନସିକ ରୂପେ ବହୁତ ଚିନ୍ତାରେ ରୁହେ । ଏଥିରୁ ନିଜକୁ ରକ୍ଷା କରିବା ଆପଣ ହନୁମାନଙ୍କ ଉପାସନା କରିବା ସହ ସୁନ୍ଦରକାଣ୍ଡ ପାଠ କରନ୍ତୁ। ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୁର୍ବଳ ହେଲେ ମାନ ସମ୍ମାନ ହାନି ହୋଇଥାଏ । ଏପରି ସ୍ଥିତିରେ ରକ୍ଷା ପାଇବାକୁ ହେଲେ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ । ଏବଂ ଓଁ ସୂର୍ଯ୍ୟାୟଃ ନମଃ ଜପ କରନ୍ତୁ । କୁଣ୍ଡଳୀର ଶୁକ୍ରଙ୍କ ଖରାପ ପ୍ରଭାବ ପଡିଲେ ବୈବାହିକ ଜୀବନରେ ଜଟିଳତା ଦେଖାଦିଏ । ଏଥିପାଇଁ ଶୁକ୍ରବାର ଦିନ ଚାଉଳ ଦାନ କରିବା ସହ ମା ଲକ୍ଷ୍ମୀଙ୍କ ପୂଜା କରନ୍ତୁ ।

କୁଣ୍ଡଳୀରେ ଶନିଙ୍କ ଖରାପ ପ୍ରଭାବ ପଡିଲେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଏ । କୌଣସି କାମରେ ସଫଳତା ମିଳିନଥାଏ । ଏଥିପାଇଁ ଆପଣ ଶନିବାର ଦିନ ଅଶ୍ୱତ୍ଥ ଗଛରେ ଜଳ ଅର୍ପଣ କରିବା ସହ ଗଛ ତଳେ ସୋରିଷ ତେଲରେ ଦୀପ ଜଳାନ୍ତୁ । ସମସ୍ୟାରୁ ମୁକ୍ତି ମିଳିବ।

ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ



ହିନ୍ଦୁ ଧର୍ମରେ ରହିଛି ଅନେକ ପରମ୍ପରା ଏବଂ ପ୍ରଥା । ବୈଦିକ ଯୁଗରୁ ଆରମ୍ଭ ହୋଇଥିବା ଅନେକ ପ୍ରଥା ଆଜି ମଧ୍ୟ ଭାରତରେ ପ୍ରଚଳିତ ହେଉଛି । ଯେମିତିକି ମନ୍ଦିରରେ ଖାଲି ପାଦରେ ପ୍ରବେଶ କରିବା ଏକ ହିନ୍ଦୁ ପ୍ରଥା । ତଥାପି, ଜାପାନୀମାନଙ୍କ ସମେତ ଅନ୍ୟ ଧର୍ମର ଲୋକମାନେ ମଧ୍ୟ କୌଣସି ପବିତ୍ର ସ୍ଥାନରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଜୋତା କିମ୍ବା ଚପଲ କାଢ଼ି ଦିଅନ୍ତି । ଏହାର କାରଣ ହେଉଛି ମନ୍ଦିରଗୁଡ଼ିକ ପବିତ୍ର ସ୍ଥାନ ବୋଲି କୁହାଯାଏ । ତେଣୁ ଭକ୍ତମାନେ ସେମାନଙ୍କର ପବିତ୍ରତା ବଜାୟ ରଖିବା ଉଚିତ ।ଏହା ବିଶ୍ୱାସ କରାଯାଏ ଯେ ଜୋତା ବିନା ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ଆପଣ ଭଗବାନଙ୍କ ସହିତ ସହଜରେ ସଂଯୋଗ ସ୍ଥାପନ କରିପାରିବେ । ଏହା ମଧ୍ୟ ଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏକ ଉପାୟ । ପୌରାଣିକ କଥା ଅନୁଯାୟୀ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାମାନଙ୍କୁ ଅସମ୍ମାନ କରିବା ସହିତ ସମାନ ।ତେଣୁ, ଏହାକୁ ସର୍ବଦା ଏଡାଇବା ଉଚିତ । ଏହି କାରଣରୁ ମନ୍ଦିରରେ ପ୍ରବେଶ କରିବା ସମୟରେ ଲୋକମାନଙ୍କୁ ଚମଡ଼ା ବେଲ୍ଟ ଏବଂ ପର୍ସ କାଢ଼ିବାକୁ କୁହାଯାଏ ।ଅଧିକାଂଶ ମନ୍ଦିରର ଚଟାଣରେ ହଳଦୀ, ଚନ୍ଦନ ଏବଂ ସିନ୍ଦୁରର ଲେପ ଦିଆଯାଇଥାଏ । ଆୟୁର୍ବେଦ ଅନୁସାରେ, ଏଗୁଡ଼ିକ ସ୍ୱାସ୍ଥ୍ୟ ବର୍ଦ୍ଧକ ଗୁଣର ଉତ୍ସ । ଯେତେବେଳେ ଆପଣ ମନ୍ଦିର ଚଟାଣରେ ଜୋତା ବିନା ପ୍ରବେଶ କରନ୍ତି, ସେତେବେଳେ ଆପଣ ଏହି ଉପାଦାନଗୁଡ଼ିକର ଲାଭ ପାଇପାରିବେ । ବିଶ୍ୱାସ ଅନୁସାରେ, ମନ୍ଦିର ଏପରି ଏକ ସ୍ଥାନ ଯାହା ମାନସିକ ଶାନ୍ତି ପ୍ରଦାନ କରେ । ତେଣୁ ଯେତେବେଳେ ଆପଣ ମନ୍ଦିରରେ ଖାଲି ପାଦରେ ପ୍ରବେଶ କରନ୍ତି, ସେତେବେଳେ ଆପଣଙ୍କ ପାଦ ଦେଇ ସକାରାତ୍ମକ ଶକ୍ତି ଆପଣଙ୍କ ଶରୀରରେ ପ୍ରବେଶ କରେ ।ଏହା ଆପଣଙ୍କ ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ । ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବାର କିଛି ମହ□ ହେଉଛି ଯେ ଏହା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ହିନ୍ଦୁ ପରମ୍ପରା । ମନ୍ଦିରକୁ ଏକ ଅତ୍ୟନ୍ତ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ । ସେଠାରେ ପ୍ରବେଶ କରିବା ଭଗବାନଙ୍କ ଘରେ ପ୍ରବେଶ କରିବା ପରି। ଦେବତାମାନଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧା ପ୍ରଦର୍ଶନ କରିବା ପାଇଁ ଏହାକୁ ପାଳନ କରାଯିବା ଉଚିତ । ତଥାପି, ଏହା ପରମ ଚେତନା ବା ବ୍ରହ୍ମଙ୍କ ସହିତ ଆପଣଙ୍କର ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିପାରିବ ।

ଚେହେରାରେ ଚମକ ଆଣିଥାଏ ବିରିଡାଲି ଫେସପ୍ୟାକ୍

ଭାରତୀୟ ଭୋଜନରେ ଡାଲିର ବେଶ ମହତ୍ତ୍ୱ ରହିଥାଏ। ଏଥିରେ ଥିବା ଭିଟାମିନ ଏବଂ ପ୍ରୋଟିନ ଶରୀର ପାଇଁ ବେଶ ଲାଭକାରୀ ହୋଇଥାଏ । ଆପଣ ନିଜ ଚେହେରାରେ ବିରି ଡାଲିକୁ ଏମିତି ଭାବେ ବ୍ୟବହାର କରିପାରିବେ, ଫଳରେ ଏହା ଚେହେରାରୁ



ସୁନ୍ଦରତା ବଜାୟ ରଖିବାରେ ସାହାଯ୍ୟ କରିଥିଲେ । ଆସନ୍ତୁ, ଜାଣିବା କେମିତି ବ୍ୟବହାର କରିବେ ବିରି ଡାଲି..

ଟୋନିଂ କରିବା ପାଇଁ : ବିରି ଡାଲିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଥାଏ। ଟ୍ୟାନ୍ରୁ ରକ୍ଷା ପାଇବା ପାଇଁ ଆପଣ ଏହାକୁ ବ୍ୟବହାର କରିପାରିବେ । ୧/୨ କପ ଡାଲିକୁ ରାତିସାରା ପାଣି ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ପେଷ୍ଟ କରିଦିଅନ୍ତୁ। ଏଥିରେ ୧/୨ ଚଉଳ ଗୁଣ୍ଡ ମିଶାଇ ଏବଂ ଚମଚ ଲେମ୍ବୁ ଚୁପୁଡିଦିଅନ୍ତୁ । ଏହାକୁ ଏକାଠି ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ଧୋଇଦିଅନ୍ତୁ ।

ତ୍ୱଚାରୁ ଦାଗ ଦୂର କରିବା ପାଇଁ : ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ଦାଗ ଦୂର କରିବାରେ ବେଶୀ ପ୍ରଭାବୀ ହୋଇଥାଏ । ଏହା ତ୍ୱଚାରେ ହେଲଥି ଗ୍ଲୋ ଆଣିଥାଏ । ୧/୨ କପ ବିରି ଡାଲିକୁ ରାତିରେ ଭିଜାଇ ସକାଳୁ ପେଷ୍ଟ କରିଦିଅନ୍ତୁ । ଏଥିରେ ଏକ ଚମଚ ଚଉଳ ପେଷ୍ଟ ମିଶାଇ ଭଲଭାବେ ପେଷ୍ଟ କରି ଲେମ୍ବୁ ରସ ମିଶାଇ ଦିଅନ୍ତୁ।

ସହରାଞ୍ଚଳ ବିକାଶମୂଳକ କାର୍ଯ୍ୟର ସମୀକ୍ଷା



ଭୁବନେଶ୍ୱର,୯।୧୧ (ମହାଭାରତ): ରାଜ୍ୟର ସହରାଂଚଳରେ ଚାଲିଥିବା ପ୍ରମୁଖ ବିକାଶମୂଳକ ପଦକ୍ଷେପ ଓ ବିଭାଗର ପ୍ରାଥମିକତାଭିତିକ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର। ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବିଭାଗର ବିଭିନ୍ନ ଯୋଜନା ଓ ପ୍ରମୁଖ ପ୍ରସଙ୍ଗର ସମୀକ୍ଷା କରିଥିଲେ। ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ ଶ୍ରୀ ଗଙ୍ଗାଧର ନାୟକ ଓ ଶ୍ରୀ ବିନୟ କୁମାର ଦାଶଙ୍କ ସମେତ ବିଭାଗର ସମସ୍ତ ଅତିରିକ୍ତ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ଡ୍ରାଫ୍ଟ ଓଡ଼ିଶା ପାର୍କିଂ ନୀତି-୨୦୨୬, ସହରୀ ଯାତାୟାତ ଯୋଜନା , ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ ଏବଂ ଜିଲ୍ଲା ସହର ଉନ୍ନୟନ ସଂସ୍ଥା ଗୁଡ଼ିକର କାର୍ଯ୍ୟଧାରା ସମେତ ବିଭାଗର ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଡ୍ରାଫ୍ଟ ଓଡ଼ିଶା ପାର୍କିଂ ନୀତି-୨୦୨୬ ସମ୍ପର୍କିତ ଉପସ୍ଥାପନାରେ ରାଜ୍ୟର ସହରାଂଚଳ ଗୁଡ଼ିକରେ ପାର୍କିଂ ବ୍ୟବସ୍ଥାର ରୂପାନ୍ତରଣ ପାଇଁ ପ୍ରସ୍ତାବିତ ଢାଂଚା ଉପରେ ଆଲୋକପାତ କରାଯାଇଥିଲା । ଦ୍ରୁତଗତିରେ ବଢୁଥିବା ଯାନବାହନ ସଂଖ୍ୟା ଯୋଗୁଁ ସହରର ସୀମିତ ରାସ୍ତା ଓ ସ୍ଥାନ ଉପରେ ବଢୁଥିବା ଚାପକୁ ଦୃଷ୍ଟିରେ ରଖି ଏକ ସୁପରିକଳ୍ପିତ, ନିୟନ୍ତ୍ରିତ ଓ ପ୍ରଯୁକ୍ତିବିଦ୍ୟାଭିତିକ ପାର୍କିଂ ବ୍ୟବସ୍ଥା ଗଠନ କରିବା ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥାୟୀ ସହରୀ ଯାତାୟାତ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପାର୍କିଂ ପରିଚାଳନାକୁ ଗୁରୁତ୍ୱ ଦେବା ସହ ପଥଚାରୀଙ୍କ ସୁବିଧା, ସାଧାରଣ ପରିବହନ ଓ ଉପଲବ୍ଧ ଭିତିଭୂମିର ସୁବିନିଯୋଗ ଉପରେ ଏଥିରେ ବିଶେଷ ଧ୍ୟାନ ଦିଆଯାଇଛି । ପ୍ରସ୍ତାବିତ ନୀତିରେ ରାସ୍ତାର ସ୍ଥାନ ବଂଟନ କ୍ଷେତ୍ରରେ ପଥଚାରୀ, ସାଇକେଲ ଚାଳକ, ଦିବ୍ୟାଙ୍ଗ ବ୍ୟକ୍ତି, ଜରୁରୀକାଳୀନ ସେବା ଏବଂ ସାଧାରଣ ପରିବହନକୁ ପ୍ରାଥମିକତା ଦେବାର ବ୍ୟବସ୍ଥା ରହିଛି । ଏଥିସହ ପାର୍କିଂ ବ୍ୟବସ୍ଥାର ବୈଜ୍ଞାନିକ ଓ ସ୍ଥାନଭିତିକ ଯୋଜନା ପାଇଁ ସହରସ୍ତରୀୟ ପାର୍କିଂ ମାଷ୍ଟର ପ୍ଲାନ୍ ଏବଂ ଅଂଚଳଭିତିକ ପାର୍କିଂ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ରହିଛି । ପାର୍କିଂ ଚାହିଦା ଅନୁଯାୟୀ ଶୁଳ୍କ ନିର୍ଦ୍ଧାରଣ, ରାସ୍ତାକଡ଼ ଓ ରାସ୍ତା ବାହାରେ ଥିବା ପାର୍କିଂ ସ୍ଥଳ ପାଇଁ ଭିନ୍ନ ଭିନ୍ନ ଶୁଳ୍କ ବ୍ୟବସ୍ଥା, ଡିଜିଟାଲ୍ ପାର୍କିଂ ଅନୁମତିପତ୍ର, ରିଅଲ୍ ଟାଇମ୍ ପାର୍କିଂ ସୂଚନା, ଇଲେକ୍ଟ୍ରୋନିକ୍ ଦେୟ ବ୍ୟବସ୍ଥା ଏବଂ ପ୍ରଯୁକ୍ତିବିଦ୍ୟାଭିତିକ ତଦାରଖ ଭଳି ପ୍ରମୁଖ ବ୍ୟବସ୍ଥା ଏହି ନୀତିରେ ସ୍ଥାନ ପାଇଛି । ଏଥିସହ ଉପଲବ୍ଧ ପାର୍କିଂ ସ୍ଥଳଗୁଡ଼ିକର ମିଳିତ ବ୍ୟବହାର, ବୈଦ୍ୟୁତିକ ଯାନ ପାଇଁ ଉପଯୁକ୍ତ ପାର୍କିଂ ସୁବିଧା ଏବଂ ସାଧାରଣ ପରିବହନ ଓ ଅଣ-ମୋଟର ଚାଳିତ ଯାତାୟାତ ବ୍ୟବସ୍ଥା ସହ ପାର୍କିଂ ଭିତିଭୂମିର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି । ବାଣିଜ୍ୟିକ ଅଂଚଳ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ଆବାସିକ ଅଂଚଳ, ଶିଳ୍ପାଂଚଳ ଓ ପରିବହନ କେନ୍ଦ୍ରଗୁଡ଼ିକ ପାଇଁ ସ୍ୱତନ୍ତ୍ର ପାର୍କିଂ ଏବଂ ଯାତାୟାତ ପରିଚାଳନା ବ୍ୟବସ୍ଥାର ପ୍ରସ୍ତାବ ରହିଛି । ଏହାର ସଫଳ କାର୍ଯ୍ୟକାରିତା ଓ ନିୟମର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ପୌରସଂସ୍ଥା, ଟ୍ରାଫିକ୍ ପୋଲିସ ଏବଂ ଅନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତମ ସମନ୍ୱୟ ସ୍ଥାପନ ଉପରେ ମଧ୍ୟ ଏହି ନୀତିରେ ଗୁରୁତ୍ୱ ଦିଆଯାଇଛି । ସହରୀ ଯାତାୟାତ ଯୋଜନା ଓ ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ ସମ୍ପର୍କିତ ଆଲୋଚନାରେ ଭବିଷ୍ୟତର ସହରୀ ଭିତିଭୂମି ଓ ଯାତାୟାତ ସମ୍ପର୍କିତ ପଦକ୍ଷେପଗୁଡ଼ିକର ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ମତବିନିମୟ ହୋଇଥିଲା ।

ବେଦଧ୍ୱନୀ ମହୋତ୍ସବ ଉଦଯାପିତ

ଭୁବନେଶ୍ୱର,୯।୧୧ (ମହାଭାରତ): ଜ୍ୟୋତି କଳା ପରିଷଦ, ଭୁବନେଶ୍ୱର ଦ୍ୱାରା ଜୟଦେବ ଭବନ ଠାରେ ଅୟୋଜିତ ଦୁଇ ଦିବସୀୟ 'ବେଦଧ୍ୱନୀ ମହୋତ୍ସବ' ଆଜି ଉଦଯାପିତ ହୋଇ ଯାଇଛି । କାର୍ଯ୍ୟକ୍ରମର ଦ୍ୱିତୀୟ ତଥା ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ମହାନଗର ନିଗମର ଅଧକ୍ଷା ଶ୍ରୀମତୀ ସୁଲୋଚନା ଦାସ ଯୋଗ ଦେଇଥିଲେ ଓ ଆଜିର ଏ ବେଦଧ୍ୱନୀ ମହୋତ୍ସବ ଯୁବପିଢ଼ି ମାନଙ୍କ ପାଇଁ ସମର୍ପିତ। ଏହା ତାହାର ଉଦାହରଣ ବୋଲି କହିବା ସହିତ ଅନୁଷ୍ଠାନର ପ୍ରୟାସ ସୁଦୂରପ୍ରସାରୀ ଓ ଦୀର୍ଘଜୀବୀ ହେଉ ବୋଲି ସେ ମତବ୍ୟକ୍ତ କରିଥିଲେ ।ଏଥିରେ ଓଡିଶୀ, ସମ୍ବଲପୁରୀ, ଗୋଟିପୁଅ ଓ ପାଇକ ନୃତ୍ୟ ଓ ପୁରୀର ସୁପ୍ରସିଦ୍ଧ ସାହି ଯାତର ବିଶେଷ ପ୍ରଦର୍ଶନ ହୋଇଥିଲା। ଏହି ପ୍ରତିଯୋଗିତାରେ ଅନେକ କୁନି ଓ କଳାକାରମାନେ ଅଂଶଗ୍ରହଣ କରିଥିଲେ। ସବୁ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ସମର୍ଥ ହୋଇଥିବା ପ୍ରାୟ ୬୦ ରୁ ଉର୍ଦ୍ଧ କଳାକାରମାନଙ୍କୁ ମହୋତ୍ସବର ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବର ଉଦ୍ଘାଟନ ଦିବସରେ ମୁଖ୍ୟ ଅତିଥି ଭାବେ ଶ୍ରମ ଆୟୁକ୍ତ ଏବଂ ଶିଳ୍ପ ଏବଂ କାରଖାନା ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ସମ୍ମାନୀୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ଝାରସୁଗୁଡ଼ାର ପ୍ରାକ୍ତନ ଜିଲାପାଳ ଅବସରପ୍ରାପ୍ତ ଆଇଏଏସ ସରୋଜ କୁମାର ସାମଲ ଯୋଗଦେଇ କହିଲେ ଯେ ସବୁ ସଙ୍ଗୀତର ମୂଳ ଆଧାର ବେଦ । ତତ୍ ସହିତ ଓଡିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ନିରନ୍ତର ପ୍ରେରିତ ଏହି ଅନୁଷ୍ଠାନ । ଦୀର୍ଘ ୧୨ ବର୍ଷ ଧରି ଉନ୍ମେଷମୁଖୀ ପ୍ରତିଭା ସୃଷ୍ଟି କରି ଚାଲିଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉତ୍କଳୀୟ ସ୍ୱାଭିମାନ ଅନୁଷ୍ଠାନର ସଭାପତି ତଥା ଓଡିଆ ମହାମଞ୍ଚର ନିର୍ଦ୍ଦେଶକ ସମାଜ ସେବୀ ଶ୍ରୀଯୁକ୍ତ ମନୋଜ କୁମାର ନାୟକ ଓଡିଶୀ ନୃତ୍ୟ ଭାବ, ଭଙ୍ଗୀ ଓ ଭକ୍ତିର ଅପୂର୍ବ ସମନ୍ୱୟ ଓ ଆଜିର ଯୁବପିଢି ଓଡିଶୀ ପ୍ରତି ଆଗ୍ରହ ରଖି କଳାକୁ ଦେଶ ତଥା ଦେଶ ବାହରେ ପ୍ରସାର ଓ ପ୍ରଚାର କରୁଛନ୍ତି।

ପାହାଡ଼ ଉପର ଓ ତଳ ଲୋକଙ୍କୁ ସ୍ଥାନାନ୍ତର କରାଯିବ

ଭୁବନେଶ୍ୱର,୯।୧୧ (ମହାଭାରତ): ଗଜପତି ଓ କନ୍ଧମାଳ ଭଳି ଜିଲ୍ଲାରେ ଅନେକ ପାହାଡ଼ ଓ ପର୍ବତ ରହିଛି । ଏହି ପାହାଡ଼ଗୁଡ଼ିକର ପାଦଦେଶରେ ଅନେକ ଲୋକ ବସବାସ କରୁଛନ୍ତି ଏବଂ ଚାଷବାସ କରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ପାହାଡ଼ରୁ ପଥର ଓ ମାଟି ଖସି ସିଧାସଳଖ ଘର ଉପରେ ପଡ଼ିବା ଯୋଗୁଁ ସେମାନଙ୍କ ଜୀବନ ଓ ସମ୍ପତି ପ୍ରତି ବଡ଼ ବିପଦ ସୃଷ୍ଟି ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ସର୍ଭେ କରିବା ସହ ବିଶେଷଜ୍ଞମାନଙ୍କ ପରାମର୍ଶ ନିଆଯାଇଛି । ଯେଉଁ ଅଂଚଳରେ ଘରଗୁଡ଼ିକ ପାହାଡ଼ ଧସିବାର ଅଧିକ ବିପଦ ମଧ୍ୟରେ ରହିଛି, ସେଠାକାର ପରିବାରଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସମ୍ପ୍ରତି ଯେଉଁ ଭୂସ୍ଖଳନ ଘଟଣା ଘଟିଛି, ସେଥିରେ ପ୍ରଭାବିତ ପରିବାରମାନଙ୍କୁ ମଧ୍ୟ ଏହି ପରାମର୍ଶ ଦିଆଯାଇଛି। ସେମାନେ ସରକାରଙ୍କ ପରାମର୍ଶକୁ ଗ୍ରହଣ କରିଛନ୍ତି। ନୂତନ ଭାବରେ ଘର ନିର୍ମାଣ ପାଇଁ ସେମାନେ ଯେଉଁ ସୁରକ୍ଷିତ ସ୍ଥାନ ପସନ୍ଦ କରିବେ, ସେହି ସ୍ଥାନରେ ସରକାର ଘର ନିର୍ମାଣ କରିଦେବେ। ଏଥିପାଇଁ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଘର ନିର୍ମାଣ ସହାୟତା ବାବଦରେ ୧ ଲକ୍ଷ ୪୦ ହଜାର ଟଙ୍କାର ବ୍ୟବସ୍ଥା ରହିଛି। ଏହି ଅର୍ଥକୁ ଅନ୍ତ୍ୟୋଦୟ ଗୃହ ଯୋଜନା ସହିତ ସମନ୍ୱୟ କରି ପ୍ରଭାବିତ ପରିବାରମାନଙ୍କୁ ଘର ଯୋଗାଇ ଦିଆଯିବ। ଏହା ସହିତ ଘର ନିର୍ମାଣ ପାଇଁ ଆବଶ୍ୟକ ଜମିର ବ୍ୟବସ୍ଥା ମଧ୍ୟ ସରକାର କରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୂତନ ଘରଗୁଡ଼ିକ ଆଉ ପାହାଡ଼ ଧସିବା କିମ୍ବା ପଥର ଖସିବା ଭଳି ବିପଦସଙ୍କୁଳ ସ୍ଥାନରେ ନିର୍ମାଣ କରାଯିବ ନାହିଁ। ସୁରକ୍ଷିତ ସ୍ଥାନ ଚୟନ କରି ସେଠାରେ ପ୍ରଭାବିତ ପରିବାରମାନଙ୍କୁ ପୁନର୍ବାସ କରାଯିବ।



ଶିଶୁ ସାଂସ୍କୃତିକ ମହୋତ୍ସବ ମହକ ଉଦଯାପିତ

ଭୁବନେଶ୍ୱର,୯।୧୧ (ମହାଭାରତ): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସାଂସ୍କୃତିକ ଶିଶୁ ମହୋତ୍ସବ 'ମହକ-୨୦୨୬' ର ଉଦ୍ୟାପନୀ ଓ ପୁରସ୍କାର ବିତରଣ ସମାରୋହ ବୁଧବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମର ପ୍ରାକ୍ଟିସ୍ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ମହକ-୨୦୨୬ ପ୍ରତିଯୋଗିତାଗୁଡ଼ିକରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ କନ୍ଧମାଳ ଜିଲ୍ଲାକୁ ରାଜ୍ୟସ୍ତରୀୟ 'ଚାମ୍ପିଅନ୍' ଏବଂ ପୁରୀ ଜିଲ୍ଲାକୁ 'ରନର୍ସ-ଅପ୍' ଭାବେ ପୁରସ୍କୃତ କରାଯାଇଥିଲା।

ଏହି ଭବ୍ୟ ସମାରୋହରେ ଏକାମ୍ର ଭୁବନେଶ୍ୱରର ବିଧାୟକ ଶ୍ରୀ ବାବୁ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।



ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଯୋଗଦେଇ ଶିଶୁମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ତଥା କମିସନର ଡ. ମୃଣାଳିନୀ ଦରସ୍ୱଲ୍ ନିଜ ବକ୍ତବ୍ୟରେ କହିଥିଲେ ଯେ, ଶିଶୁମାନଙ୍କ ସୃଜନଶୀଳତା ଓ ପ୍ରତିଭା ବିକାଶ ପାଇଁ ମଂଚସବୁବେଳେ ପ୍ରସ୍ତୁତ ରହିଛି। ପ୍ରତ୍ୟେକ ଶିଶୁ ନିର୍ଭୟରେ ସହିତ ସେମାନଙ୍କର ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିବା ଉଚିତ୍। ଏଥିପାଇଁ ସମସ୍ତ କର୍ମକର୍ତା ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମର ଆରମ୍ଭରେ ମହିଳା ଓ ଶିଶୁ ବିକାଶ ବିଭାଗର ଆଇସିଡିଏସ୍ ଏବଂ ସମାଜ ମଙ୍ଗଳ ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୫ ଜଣ ଶିଶୁ ଯତ୍ନ ଅନୁଷ୍ଠାନର ପୂର୍ବତନ ଅନ୍ତେବାସୀଙ୍କୁ ସେମାନଙ୍କର ଅସାଧାରଣ ସଫଳତା ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ 'ମହକ-୨୦୨୬' ଅନ୍ତର୍ଗତ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳତା ଓ ଉତ୍ସାହର ସହ ସମାପ୍ତ ହୋଇଛି।

ଡମଣା ହାଟରେ ଶୀତଳ ଭଣ୍ଡାର ଉଦ୍‌ଘାଟିତ

ଭୁବନେଶ୍ୱର,୯।୧୧ (ମହାଭାରତ): ଡମଣା ହାଟରେ ଶୀତଳ ଭଣ୍ଡାରର ଶୁଭ ଉଦ୍‌ଘାଟନ ଓ ପାର୍କିଂ ସ୍ଥଳର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ମନୋଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ଶୀତଳ ଭଣ୍ଡାରର ଉଦ୍‌ଘାଟନ କରିବା ସହିତ ଭିତ୍ତିପ୍ରସ୍ତର କାର୍ଯ୍ୟର ଶୁଭ ଉଦ୍‌ଘାଟନ କରିଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ସୌରଚାଳିତ ଶୀତଳ ଭଣ୍ଡାରର ୧୦ ମେଟ୍ରିକ୍ ଟ୍ରନର କ୍ଷମତା ରହିଛି। ଯାହା ଦ୍ୱାରା ବ୍ୟବସାୟୀମାନେ ବଳକା ପରିବାପତ୍ରକୁ ସୁରକ୍ଷିତ ରଖି ପାରିବେ। ୧ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ୧ ଏକର ପରିମିତ ଏରିଆରେ ପାର୍କିଂ ସ୍ଥଳ ନିର୍ମାଣ କରାଯିବ। ତଳେ ଫେବର ବ୍ଲକ ପଡିବା ସହ ଚତୃପାର୍ଶ୍ୱରେ ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରାଯିବ।



ଏଥିରେ ହାରାହାରି ୫୦୦ ଚାରିଚକିଆ ଓ ଦୁଇ ଚକିଆ ବାଡି ରହି ପାରିବ। ୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବାର ସମୟ ସୀମା ରହିଛି। ଡମଣା ହାଟରେ ଦୀର୍ଘ ଦିନ ଧରି ଗାଡି ପାର୍କିଂ ସମସ୍ୟା ରହିଥିଲା। ବ୍ୟବସାୟୀ ଓ ଗ୍ରାହକମାନେ ବାଧ୍ୟ ହୋଇ ରାସ୍ତା ଉପରେ ଗାଡି ପାର୍କିଂ କରୁଥିଲେ। ବିଭିନ୍ନ ସମୟରେ ଗାଡି ମଧ୍ୟ ଚୋରି ହେଉଥିଲା। ପାର୍କିଂ ସ୍ଥଳ ନିର୍ମାଣ ହେଲେ ଏସବୁ ସମସ୍ୟା ଦୂର ହେବ ବୋଲି ଲୋକମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ହାଟର ସଭାପତି ଦେବେନ୍ଦ୍ର କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ଦାଶ, ଜ୍ୟୋତିକାନ୍ତ ବେହେରା, ତୁଷାର ପ୍ରସାଦ ସାହୁ, ପ୍ରଫୁଲ କୁମାର ଭୂୟାଁ ଓ ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ।

ସୀମା ବିବାଦର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ

ଭୁବନେଶ୍ୱର,୯।୧୧ (ମହାଭାରତ): କୋଟିଆରେ ନିର୍ବାଚନ କରିବାକୁ ପ୍ରୟାସ ଜାରି ରଖିଛି ଆନ୍ଧ୍ର । ନିଜ ଦାୟିତ୍ୱ ନିର୍ବାହ ନ କରି କୋର୍ଟ ଯାଉଛୁ କହି ସୀମା ବିବାଦ ପ୍ରସଙ୍ଗକୁ ଏଡ଼ାଇ ଯାଉଛନ୍ତି ରାଜ୍ୟ ସରକାର । ନିଜର ଅସହାୟତା ପ୍ରକାଶ କରି ରାଜ୍ୟ ସରକାର ଆନ୍ଧ୍ର ସରକାର ପାଖରେ ନିଜକୁ ଆତ୍ମସମର୍ପଣ କରିଥିବାରୁ କଡ଼ା ନିନ୍ଦା କରିଛି ବିଜେଡି। ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଯୋଗୁଁ ଓଡିଶା ସୀମାରେ ଆନ୍ଧ୍ର ସରକାର ଅନୁପ୍ରବେଶ କରୁଛନ୍ତି । ସୀମା ବିବାଦର ସମାଧାନ ପାଇଁ ବିଜେପି ସରକାରଙ୍କ ଆନ୍ତରିକତା ନାହିଁ । ଯେଉଁଥି ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ । ନିଜ ଦାୟିତ୍ୱ ନିର୍ବାହ ନ କରି ସୀମା ବିବାଦ ପ୍ରସଙ୍ଗକୁ ଏଡ଼ାଇ ଯାଉଛନ୍ତି ରାଜ୍ୟ ସରକାର । ନିର୍ବାଚନ ସମୟରେ ସୀମା ବିବାଦକୁ ନେଇ ବିଜେପି ଦେଇଥିବା ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ । ସୀମା ବିବାଦ ସମାଧାନ କରିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି । ଫଳସ୍ୱରୂପ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଧୂଳିପୁଟ ଗ୍ରାମପଞ୍ଚାୟତର ଜୁମଡାଙ୍ଗ ଗ୍ରାମରେ ଆନ୍ଧ୍ର ଅନୁପ୍ରବେଶ କରି ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ହାତେଇବାକୁ ବସିଛି । ଚିତ୍ରକୋଣ୍ଡାରେ ଆନ୍ଧ୍ରର ଅନୁପ୍ରବେଶକୁ ନେଇ ମାଲକାନଗିରି ଜିଲ୍ଲା ବିଜେଡିର ଏକ



ଟିମ୍ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଇଥିଲା । କିନ୍ତୁ ସବୁ ଜାଣି ସୁଦ୍ଧା ସରକାର ନିଦାବିଷ୍ଟ ସାଜିଛନ୍ତି । ଚିତ୍ରକୋଣ୍ଡାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗୁରୁପ୍ରିୟା ସେତୁ କରି ଅପହଞ୍ଚ ଇଲାକାକୁ ଯୋଗାଯୋଗର ବାଟ ଫିଟାଇଥିଲେ । କିନ୍ତୁ ବିଜେପି ସରକାରରେ ସେଠାରେ ବିକାଶ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସୀମା ବିବାଦର ସମାଧାନ କରିବା ସହିତ ଆନ୍ଧ୍ରର ନିର୍ବାଚନ ପଣ୍ଡ କରିବା ପାଇଁ ପଦକ୍ଷେପ ନିଅନ୍ତୁ ସରକାର ।


ଡ଼ ଲେନିନ ମହାନ୍ତି କହିଥିଲେ ଯେ, ସୀମା ବିବାଦକୁ ନେଇ ବିଜେଡି ସରକାର ସମୟରେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯାଇଥିଲା । ସୀମା ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟ ରାୟ ପ୍ରକାଶ କରିଥିଲେ ସୁଦ୍ଧା କେନ୍ଦ୍ର ସରକାର ତାହା ପାଳନ କରିଲେ ନାହିଁ । ବର୍ତ୍ତମାନ ଓଡ଼ିଶା ଓ ଆନ୍ଧ୍ର ସମେତ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ସୀମା ବିବାଦ ସମାଧାନ ନ ହେବା ଅତ୍ୟନ୍ତ ନିନ୍ଦନୀୟ । ଆନ୍ଧ୍ର କେବଳ କୋଟିଆ ନୁହେଁ, ଏବେ ମାଲକାନଗିରି ଜିଲ୍ଲା ଉପରେ ଦୃଷ୍ଟି ପକେଇଛି । ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଧୂଳିପୁଟ ଗ୍ରାମପଞ୍ଚାୟତର ଜୁମଡାଙ୍ଗ ଗ୍ରାମର ବାସିନ୍ଦାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ହାତେଇବାକୁ ପ୍ରୟାସ କରୁଛି ଆନ୍ଧ୍ର । କିନ୍ତୁ ରାଜ୍ୟ ସରକାରଙ୍କ ପାଖରେ ଏହାର କୌଣସି ଖବର ନାହିଁ । ବିଜେପିର ନେତା ଓ ମନ୍ତ୍ରୀ ମାନେ ସୀମା ବିବାଦକୁ ନେଇ କେବଳ ବାହାସ୍ଫୋଟ ମାରୁଛନ୍ତି ।

ଅଜିମ୍ ପ୍ରେମଜୀ ଫାଉଣ୍ଡେସନ ସୋସିଆଲ ଷ୍ଟାର୍ଟଅପ୍ ପ୍ରୋଗ୍ରାମ୍ ପ୍ରଚଳନ

ଭୁବନେଶ୍ୱର,୯।୧୧ (ମହାଭାରତ): ବିକାଶ କ୍ଷେତ୍ରର ବୃତ୍ତିଧାରୀଙ୍କୁ ଅବହେଳିତ ସମୁଦାୟଙ୍କର ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉଥିବା ନାଗରିକ ସମାଜ ସଂଗଠନ ସ୍ଥାପନ ଏବଂ ତାହର ନେତୃତ୍ୱ ନେବା ନିମନ୍ତେ ସମର୍ଥନ ଯୋଗାଇଦେବାକୁ ଅଜିମ୍ ପ୍ରେମଜୀ ଫାଉଣ୍ଡେସନ୍ ଏକ ସୋସିଆଲ ଷ୍ଟାର୍ଟଅପ୍ (ସାମାଜିକ ଷ୍ଟାର୍ଟଅପ୍) ପ୍ରୋଗ୍ରାମ୍ ପ୍ରଚଳନ କରିଛି। ଅନେକ ବୃତ୍ତିଧାରୀଙ୍କର ଗୋଷ୍ଠୀଗୁଡିକ ସହିତ କାର୍ଯ୍ୟ କରିବା ଏବଂ ସେମାନଙ୍କର ଚାଲେଞ୍ଜଗୁଡିକ ବୁଝିବା କ୍ଷେତ୍ରରେ ଦୀର୍ଘବର୍ଷର ଅନୁଭୂତି ରହିଛି, କିନ୍ତୁ ସେମାନେ ନିଜର ସଂଗଠନ ଆରମ୍ଭ କରିବା ନିମନ୍ତେ ସେମାନଙ୍କ ନିକଟରେ ଆର୍ଥିକ ସମର୍ଥନ ଓ ମାର୍ଗଦର୍ଶନର ଅଭାବ ରହିଛି। ଏହି କାର୍ଯ୍ୟକ୍ରମ ସେମାନଙ୍କୁ ସ୍ଥାନୀୟସ୍ତରରେ ମୂଳାଧାର ରଖୁଥିବା ସଂଗଠନଗୁଡିକ ସ୍ଥାପନ ଦିଗରେ ଆର୍ଥିକ ସହାୟତା, ମାର୍ଗଦର୍ଶନ ଓ ଶିକ୍ଷଣ ସୁଯୋଗଗୁଡିକ ଯୋଗାଇଦେଇ ଏହି ତାରତମ୍ୟ ଦୂର କରିବାକୁ ଲକ୍ଷ୍ୟ ରଖିଛି। ରାଜୀବ ଘୋଷ, ହେଡ୍-ଫିଲାନ୍ଥ୍ରୋପି, ଅଜିମ୍ ପ୍ରେମଜୀ ଫାଉଣ୍ଡେସନ କହିଥିଲେ, "ତୃଣମୂଳ ସ୍ତରରେ, ବିଶେଷକରି ଅବହେଳିତ ଅଞ୍ଚଳଗୁଡିକରେ ଆମେ ଅଧିକ ସଂଗଠନର କାର୍ଯ୍ୟ ଆବଶ୍ୟକ କରୁଛୁ। ଗୋଷ୍ଠୀଗୁଡିକ ସମ୍ମୁଖୀନ ହେଉଥିବା ଚାଲେଞ୍ଜ ସମ୍ପର୍କରେ ଅନେକ ଅଭିଜ୍ଞ ବୃତ୍ତିଧାରୀ ବୁଝିପାରିଛନ୍ତି ଏବଂ ସେମାନେ ଏ କ୍ଷେତ୍ରରେ ଅଧିକ ଅବଦାନ ରଖିବାକୁ ଚାହୁଁଛନ୍ତି। ଏହି କାର୍ଯ୍ୟକ୍ରମ ସେମାନଙ୍କୁ ସେମାନଙ୍କର ନିଜସ୍ୱ ସଂଗଠନ ନିର୍ମାଣ କରିବା ଦିଗରେ ସହାୟତା କରିବାକୁ ଲକ୍ଷ୍ୟ ରଖିଛି। ଏହା ପ୍ରଚଳିତ, ପଞ୍ଜିକୃତ ସଂଗଠନଗୁଡିକୁ (ଉଭୟ ପରିପକ୍ୱ ଓ ସାମ୍ପ୍ରତିକ ଆଦ୍ୟ ପର୍ଯ୍ୟାୟର) ସମର୍ଥନ ଯୋଗାଇ ଦେଉଥିବା ଫାଉଣ୍ଡେସନ୍‌ର ନିୟମିତ ଅନୁଦାନ କାର୍ଯ୍ୟକ୍ରମ ଠାରୁ ଭିନ୍ନ ଅଟେ।" ପ୍ରଥମ ଗୋଷ୍ଠୀରେ ଓଡ଼ିଶା, ଉତ୍ତର-ପୂର୍ବ ଭାରତ, ପୂର୍ବ ଉତ୍ତର ପ୍ରଦେଶ ଓ ବେଙ୍ଗାଲୁରୁ ସହରାଞ୍ଚଳ ଆଦି ଚାରିଟି ସ୍ଥାନରୁ ୧୦୦ ଅଂଶଗ୍ରହଣକାରୀ ରହିବେ। ଏହା ଜରିଆରେ ସମର୍ଥନ ଯୋଗାଇଦିଆଯିବାକୁ ଥିବା କାର୍ଯ୍ୟକ୍ଷେତ୍ରଗୁଡିକ ମଧ୍ୟରେ ଗ୍ରାମାଞ୍ଚଳ ଜୀବିକା ଉପାର୍ଜନ, ସ୍ୱାସ୍ଥ୍ୟ, ଯୁବ, ମାନସିକ ସ୍ୱାସ୍ଥ୍ୟ, ଅକ୍ଷମତା, ପିଲାଙ୍କ କଲ୍ୟାଣ, ଆଦିବାସୀ ସମୁଦାୟଙ୍କର କଲ୍ୟାଣ, ଶିଶୁ ଯତ୍ନ କେନ୍ଦ୍ର ସମେତ ସହରାଞ୍ଚଳ ଅଣଆନୁଷ୍ଠାନିକ ବସତିରେ କାର୍ଯ୍ୟ କରିବା, ଗୋଷ୍ଠୀ ପରିମଳ ଓ କଲ୍ୟାଣ ସମ୍ପର୍କିତ ଅଧିକାର ଆଦି ଅନ୍ତର୍ଭୁକ୍ତ ରହିଛି। ଆବେଦନକାରୀଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବ, ତାଙ୍କର ସ୍ନାତକ ଡିଗ୍ରୀ ସହିତ ତୃଣମୂଳ ବିକାଶ କ୍ଷେତ୍ରରେ ଅନ୍ୟୂନ ତିନିବର୍ଷର ଅଭିଜ୍ଞତା ରହିଥିବ। ସେମାନେ ଏକ ନୂତନ ନାଗରିକ ସମାଜ ସଂଗଠନ ସ୍ଥାପନ ଓ ତାହାର ନେତୃତ୍ୱ ନେବାକୁ ଚାହୁଁଥିବେ, ସେମାନେ ପସନ୍ଦଯୋଗ୍ୟ ଭୌଗୋଳିକ ଅଞ୍ଚଳ ସ୍ଥାନାନ୍ତାଶ ଏବଂ ଏକ ଦୀର୍ଘ-ମିଆଦୀ ପ୍ରତିବଦ୍ଧତା ରଖିବାକୁ ଇଚ୍ଛୁକ ଥିବା ଆବଶ୍ୟକ। ଯେଉଁମାନେ ଏକ ସଂଗଠନ ପଞ୍ଜିକରଣ କରିସାରିଛନ୍ତି, ସେମାନେ ଏଥିପାଇଁ ଯୋଗ୍ୟ ନୁହଁନ୍ତି।

ସ୍ୱଚ୍ଛ ଶକ୍ତି ନିବେଶ ପ୍ରସ୍ତାବ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ବିଜେପି

ଭୁବନେଶ୍ୱର,୯।୧୧ (ମହାଭାରତ): ନୂଆଦିଲ୍ଲୀରେ ଆୟୋଜିତ 'ଭାରତ ନବୀକରଣଯୋଗ୍ୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬'ରେ ଓଡ଼ିଶା ପାଇଁ ପ୍ରାୟ ୧.୧୭ ଲକ୍ଷ କୋଟି ଟଙ୍କାର ସମ୍ଭାବ୍ୟ ଅକ୍ଷୟ ଶକ୍ତି ନିବେଶ ପ୍ରସ୍ତାବ ଆସିବାକୁ ରାଜ୍ୟ ବିଜେପି ସ୍ୱାଗତ କରିଛି। ଏହି ଅବସରରେ ୧୮ଟି କମ୍ପାନୀ ସହ ହୋଇଥିବା ଚୁକ୍ତି ଓଡ଼ିଶାର ଶକ୍ତି ସୁରକ୍ଷା, ଶିଳ୍ପ ବିକାଶ ଓ ରୋଜଗାର ସମ୍ଭାବନାକୁ ନୂଆ ଦିଗ ଦେବ। ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ରାଜ୍ୟ ବିଜେପି ତରଫରୁ ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ସତ୍ୟବ୍ରତ ପଣ୍ଡା ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି, ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକରେ ପ୍ରାୟ ୧୧,୭୪୨ ମେଗାୱାଟ୍ କ୍ଷମତା ସଂଯୋଜନର ସମ୍ଭାବନା ରହିଛି। ପମ୍ପ୍ଡ ଷ୍ଟୋରେଜ୍, ଜଳବିଦ୍ୟୁତ୍, ସୌର ଓ ପବନ ଶକ୍ତି, ବ୍ୟାଟେରୀ ସଂରକ୍ଷଣ, ସବୁଜ ହାଇଡ୍ରୋଜେନ୍ ଏବଂ ସବୁଜ ଡାଟା ସେଣ୍ଟର ଭଳି କ୍ଷେତ୍ରରେ ନିବେଶ ଓଡ଼ିଶାର ଅର୍ଥନୀତିକୁ ଅଧିକ ବିବିଧ ଓ ପ୍ରତିଯୋଗିତାକ୍ଷମ କରିପାରିବ। ସୌର ଓ ପବନ ଶକ୍ତିର ଉତ୍ପାଦନ ସବୁ ସମୟରେ ସମାନ ରହେନାହିଁ। ତେଣୁ ଶକ୍ତି ସଂରକ୍ଷଣ ଓ ସୁଦୃଢ଼ ବିଦ୍ୟୁତ୍ ନେଟୱାର୍କ ଉପରେ ଗୁରୁତ୍ୱ ଏହି ଯୋଜନାର ବିଶେଷତ୍ୱ। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନାରେ ସଂଚାରଣ ବ୍ୟବସ୍ଥାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ୧୫,୯୪୮ କୋଟି



ଟଙ୍କା ମଞ୍ଜୁରି ଏହି ପ୍ରସ୍ତୁତିକୁ ମଜଭୁତ କରିବ। ୨୦୪୭ ସୁଦ୍ଧା ରାଜ୍ୟର ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣଜୀବାଶ୍ମ ଉତ୍ସରୁ ଏବଂ ଶିଳ୍ପ ସମୂହଙ୍କ ବିଦ୍ୟୁତ୍ ବ୍ୟବହାରର ଅତିକମ୍‌ରେ ୩୩ ପ୍ରତିଶତ ପ୍ରତିଯୋଗିତାମୂଳକ ଦରରେ ସବୁଜ ଶକ୍ତିରୁ ପୂରଣ କରିବାର ଲକ୍ଷ୍ୟ ସ୍ୱାଗତଯୋଗ୍ୟ। ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ଏହି ପରିବର୍ତନକୁ ବାଣିଜ୍ୟିକ ସୁଯୋଗ ସହ ଯୋଡ଼ିପାରିବ। ଗ୍ରିଡ୍ କୋର ଆଇଆଇଟି ଭୁବନେଶ୍ୱର ଓ ଅନ୍ୟ ବିଶେଷଜ୍ଞ ସଂସ୍ଥା ସହ ମିଳିତ ଗବେଷଣା, ପ୍ରଯୁକ୍ତି ଓ ଦକ୍ଷତା ବିକାଶକୁ ଆଗେଇନେବ। ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଏବଂ କ୍ଷୁଦ୍ର ଉଦ୍ୟୋଗକୁ ଏହି ସବୁଜ ପ୍ରକଳ୍ପର ଯୋଗାଣ ଓ ସେବା ସୁଯୋଗ ସହ ଯୋଡ଼ିଲେ ବିକାଶର ଲାଭ ଅଧିକ ପରିବାର ପାଖରେ ପହଞ୍ଚିବ। ମୋଦୀଜୀଙ୍କ ସ୍ୱଚ୍ଛ ଶକ୍ତି ଦୃଷ୍ଟିକୋଣ ଓ ମୋହନ ସରକାରଙ୍କ ନିବେଶମୁଖୀ ପଦକ୍ଷେପ ଓଡ଼ିଶା ପାଇଁ ବଡ଼ ସୁଯୋଗ ଆଣିଛି। ସମୟବଦ୍ଧ ଅନୁମୋଦନ, ପରିବେଶସମ୍ମତ କାର୍ଯ୍ୟାନ୍ୱୟନ ଓ ନିୟମିତ ସମୀକ୍ଷା ଦ୍ୱାରା ଏହି ପ୍ରସ୍ତାବଗୁଡ଼ିକୁ ବାସ୍ତବ ପ୍ରକଳ୍ପରେ ପରିଣତ କରିବା ଆମର ପ୍ରାଥମିକତା ହେଉ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଓଡ଼ିଶାର ଅର୍ଥନୀତି ପାରମ୍ପରିକ ଭାବେ 'ଖଣି ଓ ଖନନ' ଉପରେ ବହୁମାତ୍ରାରେ ନିର୍ଭରଶୀଳ ଥିଲା। କିନ୍ତୁ ଆଜି ବିଜେପି ସରକାରଙ୍କ ସୁଚିନ୍ତିତ ନୀତି ଓ ବିକାଶମୂଳକ ଚିନ୍ତାଧାରା ଯୋଗୁଁ ଓଡ଼ିଶା 'ମାଇନ୍ସ ରୁ ମାଇକ୍ରୋଚିପ୍' ଏବଂ ଉଚ୍ଚ ପ୍ରଯୁକ୍ତିବିଦ୍ୟା ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ଏହି କ୍ରମରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏତେ ବଡ଼ ପୁଞ୍ଜିନିବେଶ ଆସିବା ଓଡ଼ିଶା ଅର୍ଥନୀତିରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିଛି।

ମହାଭାରତ

ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ

ମଙ୍ଗଳବାର, ୧୦ ନଭେମ୍ବର, ୨୦୨୬

ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ଏକାଠି !

ଓଡ଼ିଶାରେ ନବୀନଙ୍କ ବିଜୁ ଜନତା ଦଳ, ୟୁପିରେ ମାୟାବତୀଙ୍କ ବିଏସପି, ପଞ୍ଜାବରେ ଶିରୋମଣି ଅକାଳି ଦଳ, ତେଲେଙ୍ଗାନାରେ କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆରଏସ), ଜାମ୍ମୁ-କାଶ୍ମୀରରେ ମେହବୁବା ମୁଫତିଙ୍କ ପିଡିପି ଇତ୍ୟାଦି କିଛି ଦଳ ଏହି ଶ୍ରେଣୀଭୁକ୍ତ ଅଛନ୍ତି। ତେବେ ଜାତୀୟ ରାଜନୀତିରେ ମୁକାବିଲା ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ହେଉଛି। କିନ୍ତୁ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକରେ ଅଂଶୀଦାର ଦଳମାନଙ୍କ ମଧ୍ୟରେ ବୁଝାମଣା ନାହିଁ। ଅଧିକାଂଶ ରାଜ୍ୟରେ ସେମାନେ ପରସ୍ପର ବିରୋଧରେ ଲଢୁଛନ୍ତି। ଦିଲ୍ଲୀ ଏବଂ ହରିୟାନାରେ କଂଗ୍ରେସ ତଥା ଆପ୍ ପରସ୍ପର ବିରୋଧରେ ଲଢ଼ି ପରାଜିତ ହେଲେ। ପଶ୍ଚିମବଙ୍ଗରେ ମମତାଙ୍କ ଟିଏମସି ଏକଲା ଚଲୋ ନୀତିରେ ଚାଲିଛି। ରାଜ୍ୟରେ କଂଗ୍ରେସ ଏବଂ ବାମପନ୍ଥୀ ମେ□କୁ ମମତା ହେୟଜ୍ଞାନ କରୁଛନ୍ତି। ସେହିପରି ୟୁପି ବ୍ୟତିତ ଅନ୍ୟ କେତେକ ରାଜ୍ୟରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ମଧ୍ୟରେ ବୁଝାମଣା ନାହିଁ। ନିର୍ବାଚନରେ ଆସନ ବୁଝାମଣା ନହେବା ଭିନ୍ନ କଥା। କିନ୍ତୁ ବଡ଼ କଥା ହେଲା ଏହିସବୁ ଦଳମାନେ ପରସ୍ପର ବିରୋଧରେ ବିଷୋଦଗାର କରୁଛନ୍ତି। ଏହାର କାରଣ ହେଲା ସହଯୋଗୀ ବା ମିତ୍ର ଦଳମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ବା ବିଶ୍ୱାସ ନାହିଁ। କେବଳ କ୍ଷମତା ପାଇଁ ବା ବିଜେପିକୁ ପରାଜିତ କରିବା ନିମନ୍ତେ ଏମାନେ ଏକାଠି ହୋଇଛନ୍ତି। ରାଷ୍ଟ୍ରୀୟ ସ୍ୱାର୍ଥ ନିମନ୍ତେ ଏମାନେ ଏକାଠି ହୋଇନାହାଁନ୍ତି। ଯେ ପର୍ଯ୍ୟନ୍ତ ବନ୍ଧୁ ଦଳମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଆସ୍ଥା, ବିଶ୍ୱାସ ଏବଂ ସମ୍ମାନ ନରହିବ ସେ ପର୍ଯ୍ୟନ୍ତ ମେ□ ସଫଳ ହେବ ନାହିଁ ବା ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। କେବଳ ଇଣ୍ଡିଆ ବ୍ଲକ ନୁହେଁ, ଶାସକ ଏନଡିଏରେ ମଧ୍ୟ ଅଂଶୀଦାର ଦଳମାନଙ୍କ ମଧ୍ୟରେ ଆସ୍ଥା ଏବଂ ବିଶ୍ୱାସର ଅଭାବ ରହିଛି। ଏହାର ଉଦାହରଣ ବିହାରରେ ଦେଖିବାକୁ ମିଳିବ। ରାଜ୍ୟରେ ବିଜେପି ଓ ଜେଡିୟୁ ମଧ୍ୟରେ ବୁଝାମଣା ଥିଲେ ମଧ୍ୟ ଦୁଇ ଦଳ ପରସ୍ପର ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ନୀତିଶ କୁମାର ବାରମ୍ବାର ଏନଡିଏରୁ ଓହରିଯାଉଛନ୍ତି, ପୁଣି ସାମିଲ ହେଉଛନ୍ତି। ମହାରାଷ୍ଟ୍ରରେ ତିନିଦଳକୁ ନେଇ ଗଠିତ ମହାୟୁତିରେ ସମାନ ପରିସ୍ଥିତି। ଦୁଇ ବର୍ଷ ତଳେ ଅନୁଷ୍ଠିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱରେ ଏନଡିଏ ବା ମହାୟୁତି ବିପୁଳ ବିଜୟ ହାସଲ କରିଥିଲା। ବିଜେପି ବ୍ୟତିତ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏବଂ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ମହାୟୁତିର ଅଂଶୀଦାର ଦଳ। ରାଜ୍ୟ ବିଧାନସଭାର ମୋଟ ୨୮୮ ଆସନ ମଧ୍ୟରୁ ମହାୟୁତି ୨୩୨ ଆସନ ଜିତି ଏକପ୍ରକାର ଇତିହାସ ରଚନା କରିଥିଲା। ମେ□ର ମୁଖ୍ୟ ବା ବୃହତମ ଅଂଶୀଦାର ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଉଭୟେ ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରେ ତାଙ୍କ ଅକାଳ ବିୟୋଗ ୨ପରେ ତାଙ୍କ ପତ୍ନୀ ହୋଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ସରକାର ସପକ୍ଷରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ରହିଛି। ବିରୋଧୀ ସେମାନଙ୍କ ଆଖପାଖରେ ମଧ୍ୟ ନାହାଁନ୍ତି। କେନ୍ଦ୍ରରେ ମଧ୍ୟ ସେମାନଙ୍କ ସରକାର ଚାଲିଛି। ଏବେ ୫ ବର୍ଷ ସମ୍ପୂର୍ଣ୍ଣ ଶାସନ କରିବାର ସୁଯୋଗ। କିନ୍ତୁ ବିଜେପି ଓ ସିନ୍ଦେଙ୍କ ଶିବସେନା ମଧ୍ୟରେ ବିଭେଦ ଆରମ୍ଭ ହୋଇଯାଇଛି। ନିର୍ବାଚନରେ ଆଶାତୀତ ସଫଳତା ପରେ ସରକାରର ନେତୃତ୍ୱ ପ୍ରସଙ୍ଗ ନେଇ ବେଶ କିଛି ଦିନ ବିବାଦ ଚାଲିଲା। ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମହାୟୁତି ସରକାରର ସଫଳତା ସପକ୍ଷରେ ପୁନର୍ବାର ମହାରାଷ୍ଟ୍ରବାସୀ ରାୟ ଦେଇଥିଲେ। ତେଣୁ ସଂଖ୍ୟା ଦୃଷ୍ଟିରୁ କମ ହେଲେ ବି ଶିବସେନା ନେତା ଏକନାଥ ସିନ୍ଦେ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ତାଙ୍କ ସମର୍ଥକମାନେ ମତବ୍ୟକ୍ତ କରିଥିଲେ। କିନ୍ତୁ ବାସ୍ତବତା ହେଲା ମହାରାଷ୍ଟ୍ରବାସୀ ବିଜେପି ନେତୃତ୍ୱାଧିନ ଏନଡିଏ ସପକ୍ଷର ରାୟ ଦେଇଥିଲେ।

ଦୋଦୁଲ୍ୟମାନ ଏର୍ଦୋଗାନ

॥ ସୌମେନ୍ଦ୍ର ଜେନା ॥

> “ ଦେଶ ଭିତରେ ଏବେ ଏର୍ଦୋଗାନଙ୍କ ସପକ୍ଷରେ ସମର୍ଥନ ନାହିଁ । ତାର କାରଣ ହେଲା ୨୦୧୯ରେ ସହରାଞ୍ଚଳ ନିର୍ବାଚନରେ ଏର୍ଦୋଗାନଙ୍କ ଦଳ ଏକେପିର ପରାଜୟ । ପ୍ରମୁଖ ସହର ଆଙ୍କରା ଏବଂ ଇସ୍ତାନବୁଲରେ ଏର୍ଦୋଗାନଙ୍କ ମେଣ୍ଟ ପିପୁଲ୍ସ ଆଲାଏନ୍ସ ପରାଜିତ ହୋଇଥିଲା । ଦୁଇଟିଯାକ ସହରରେ ବିରୋଧୀ ନେସନାଲ ଏଲାଏନ୍ସର ପ୍ରାର୍ଥୀ ବିଜୟୀ ହୋଇଥିଲେ ।

କରୋନା ଲହର ଯୋଗୁ ପୃଥିବୀର ଅନେକ ଦେଶରେ ଜନଜୀବନର ଯେ କ୍ଷତି ହୋଇଛି ତା ନୁହେଁ ବିକାଶ ହୋଇଛି ବାଧାପ୍ରାପ୍ତ ଓ ଅର୍ଥନୀତି ହୋଇଛି ସଂକୁଚିତ । ବ୍ୟାଙ୍କର କାରବାର, ଖାଉଟୀ ବଜାରର ଦର ସବୁଠି ସୃଷ୍ଟି ହୋଇଛି ସଙ୍କଟ । ତେଣୁ ଗୋଟିଏ ପଟେ ସଟଡାଉନ ଓ ଲକ୍‌ଡାଉନର ଧାରା ଜାରି ରହିଥିବା ସମୟରେ ଅନ୍ୟପଟେ ଆର୍ଥିକ ପରିସ୍ଥିତିକୁ କେମିତି ସମ୍ଭାଳି ହେବ ତାହା ଏକ ବଡ ପ୍ରଶ୍ନ ହୋଇଛି । ଏହି ସବୁ ଆହ୍ୱାନ ମଧ୍ୟରେ ଅନେକ ଦେଶରେ ଶାସନରେ ଥିବା ଲୋକେ ପାଗଳାମୀ ଦ୍ୱାରା କିପରି ବ୍ୟବସ୍ଥାକୁ ଭାଙ୍ଗିବାର କାରଣ ହୋଇଥାନ୍ତି ତାର ଜ୍ୱଳନ୍ତ ଉଦାହରଣ ହେଲେ ତୁର୍କୀର ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ । ତାଙ୍କର ସଂକୀର୍ଣ୍ଣ ଦୃଷ୍ଟିକୋଣ, କ୍ଷମତା କୈନ୍ଦ୍ରିକ ବିଚାରଧାରା କିପରି ତୁର୍କୀର ଅର୍ଥ ବ୍ୟବସ୍ଥାକୁ ଏବେ ସଙ୍କଟାପନ୍ନ କରିଛି ତାହା ବେଶ୍ ସ୍ପଷ୍ଟ । କୋରୋନା ଯୋଗୁ ଉତ୍ପାଦନ, ଯୋଗାଣରେ ସବୁଠି ସମସ୍ୟା ସୃଷ୍ଟି ହୋଇଛି । ଶ୍ରମିକଙ୍କ ଅଭାବ, କଳକାରଖାନା ବନ୍ଦ ରହିବା, ଯାନବାହନ ଚଳାଚଳ ନକରିବା ଫଳରେ ସବୁ ଦେଶରେ ବାଣିଜ୍ୟ ହ୍ରାସ ହୋଇଛି । ଏହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମେରିକା ଡଲାରର ସୁଧହାର ବୃଦ୍ଧି କରିବା ସହ ଅଧିକ ନୋଟ ଛାପିଲା, ଭାରତ ଓ ଚୀନ ନିଜର ବିଦେଶୀ ମୁଦ୍ରା ଭଣ୍ଡାର ଖୋଲି ଖର୍ଚ୍ଚ କରିବାକୁ ଉଦ୍ୟମ କଲେ । ଅଥଚ ତୁର୍କୀର ରାଷ୍ଟ୍ରପତି ଏଠାର ଠିକ୍ ଓଲଟା ମାର୍ଗରେ ଯାଇ ନିଜ ଦେଶର ମୁଦ୍ରା ଲିରାକୁ ଇସଲାମ ଧର୍ମସହ ଯୋଡିଲେ । ସୁଧହାର ବୃଦ୍ଧିପାଇଁ ଇସ୍‌ଲାମ ଅନୁମତି ଦେଇନାହିଁ ବୋଲି କହି ସୁଧହାର ହ୍ରାସ କଲେ । ଆର୍ଥିକ ବଜାରରେ ସନ୍ତୁଳନ ଆଣିବା ପରିବର୍ତ୍ତେ ସେ ବଜାରକୁ ଭାଙ୍ଗିବା ଠିକ ମନେ କଲେ । କେବଳ ଏତିକି ନୁହେଁ ଗତ ଦୁଇବର୍ଷ ମଧ୍ୟରେ ସଙ୍କଟ କାଳରେ ସଂଯମତା ନରଖି ୧୬୫ ବିଲିଅନ ଡଲାର ହାତଖୋଲା ଖର୍ଚ୍ଚ କଲେ । ସିରିଆ ଠାରୁ ନାଗାର୍ଣ୍ଣୋ-କାରାବାଖ, କାଶ୍ମିରଠାରୁ କାବୁଲ ପର୍ଯ୍ୟନ୍ତ ସବୁଠି ତୁର୍କୀର ଜବରଦସ୍ତ ଭୂମିକା ରଖିବା ପାଇଁ ଉଦ୍ୟମ କଲେ । ନିଜକୁ ବର୍ତ୍ତମାନର ଅଟୋମନ ସାମ୍ରାଜ୍ୟର ଖଲିଫା ମନେକରି ବିଶ୍ୱବିଜୟୀ ହେବାକୁ ଚାହିଁଲେ । ଫଳରେ ଭାରତର ସବ୍‌ମେରିନ୍ ନିର୍ମାଣ ଦୌଡରୁ ତୁର୍କୀକୁ ବାଦ କରାଗଲା । ଲିବିୟା, ୟୁକ୍ରେନରେ ତୁର୍କୀର ଡ୍ରୋନ୍ ଯୋଗାଣକୁ ରୁଷିଆ ଭିନ୍ନ ଦୃଷ୍ଟିରେ ଦେଖି ବିରୋଧ କଲା । ସିରିଆରେ ତୁର୍କୀର ଆଭିମୁଖ୍ୟକୁ ଆମେରିକା ସରକାର ବିରୋଧ କଲେ । ନାଟୋର ସଦସ୍ୟ ରହିଥିବା ତୁର୍କୀକୁ ଆମେରିକା ସହାୟତାର ସମୀକ୍ଷା କରିବାକୁ କହିଲା । ମଧ୍ୟପ୍ରାଚ୍ୟର ସାଉଦି ଆରବ, ୟୁଏଇ, କାତାର ଆଦି ରାଷ୍ଟ୍ର ତୁର୍କୀର ସୈନ୍ଧୁରୀପଣିଆକୁ ବିରୋଧ କରିବାକୁ ଲାଗିଲେ । ଆର୍ମେନିଆ, ପର୍ତ୍ତୁଗାଲ ଓ ଗ୍ରୀସ ପରି ତୁର୍କୀର ଶତ୍ରୁ ରାଷ୍ଟ୍ରଗୁଡିକ ସହ ଭାରତର ମିତ୍ରତା ବୃଦ୍ଧି ଓ କ୍ଷେପଣାସ୍ତ୍ର ବିକ୍ରିନେଇ ଆଲୋଚନା ହେଲା । ଏସିଆ-ଇଉରୋପର ପ୍ରବେଶ ଦ୍ୱାର ଭାବେ ପରିଚିତ ତୁର୍କୀ ମଧ୍ୟ ଦେଇ ସଂଖ୍ୟାଧିକ ଶରଣାର୍ଥୀ ଇଉରୋପକୁ ପ୍ରବେଶ କରିବା ଉଦ୍ୟମକୁ ଇଉରୋପୀୟ ୟୁନିଅନ୍ ସମେତ ଅନେକ ରାଷ୍ଟ୍ରରେ ବିରୋଧ କରାଯିବା ଯୋଗୁ ଏର୍ଦୋଗାନଙ୍କ ବିଦେଶରେ ବନ୍ଧୁ ରାଷ୍ଟ୍ରଙ୍କ ସଂଖ୍ୟା ହ୍ରାସ ପାଇଲା ।

ଦେଶ ଭିତରେ ଏବେ ଏର୍ଦୋଗାନଙ୍କ ସପକ୍ଷରେ ସମର୍ଥନ ନାହିଁ । ତାର କାରଣ ହେଲା ୨୦୧୯ରେ ସହରାଞ୍ଚଳ ନିର୍ବାଚନରେ ଏର୍ଦୋଗାନଙ୍କ ଦଳ ଏକେପିର ପରାଜୟ । ପ୍ରମୁଖ ସହର ଆଙ୍କରା ଏବଂ ଇସ୍ତାନବୁଲରେ ଏର୍ଦୋଗାନଙ୍କ ମେଣ୍ଟ ପିପୁଲ୍ସ ଆଲାଏନ୍ସ ପରାଜିତ ହୋଇଥିଲା । ଦୁଇଟିଯାକ ସହରରେ ବିରୋଧୀ ନେସନାଲ ଏଲାଏନ୍ସର ପ୍ରାର୍ଥୀ ବିଜୟୀ ହୋଇଥିଲେ । ଏର୍ଦୋଗାନଙ୍କ ସହଯୋଗୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅହମତ ଡାଭୁଟୋଗ୍ଲୁ ନିଜର ଏକ ଦଳ ଫ୍ୟୁଚର ପାର୍ଟି ୨୦୧୯ ଡିସେମ୍ବରରେ ଗଢିଲେ । ସେମିତି ଏର୍ଦୋଗାନଙ୍କ ସହଯୋଗୀ ଥିବା ଅଲି ବାବାକାନ ଦେବାପାର୍ଟି ଗଢିଛନ୍ତି । ତୁର୍କୀର ଆର୍ଥିକ ଜଗତରେ ବାବାକାନଙ୍କୁ ସବୁଠୁ ବଡ ବ୍ୟକ୍ତିତ୍ୱ ଭାବେ ଗଣାଯାଇଥାଏ । ବାବାକାନ୍‌ଙ୍କ ଦଳରେ ୩୦ ପ୍ରତିଶତ ସଂରକ୍ଷଣ ମହିଳାଙ୍କ ପାଇଁ ରଖିବା ସପକ୍ଷରେ ତୁର୍କୀ ମହିଳା ଉଦ୍ୟୋଗୀ ସଂଗଠନର ପ୍ରତିଷ୍ଠାତ୍ରୀ ସାନେମ୍ ଓକ୍ତାର ଯୁକ୍ତି ବାଢିଛନ୍ତି । ଗଣତନ୍ତ୍ର, ସ୍ୱାଧୀନତା, ସମାନତା ଆଦି ଆଭିମୁଖ୍ୟ ନେଇ ଦଳ ତୁର୍କୀର ଜନତାଙ୍କୁ ଆକୃଷ୍ଟ କରିବ ଏବଂ ଏର୍ଦୋଗାନଙ୍କ ଶାସନର ଅନ୍ତ ଘଟିବ ବୋଲି ସେ କହନ୍ତି । ତୁର୍କୀର ଶାସକଦଳ ଏକେପି ଗତ ଦୁଇଦଶନ୍ଧି ହେଲା କ୍ଷମତାରେ ରହିବା ଫଳରେ ଏର୍ଦୋଗାନ କ୍ଷମତାର କେନ୍ଦ୍ରୀକରଣ କରି ନିଜ ପରିବାର ଲୋକଙ୍କୁ ଥଇଥାନ କରିଛନ୍ତି ବୋଲି ଅନ୍ୟମାନେ ଅଭିଯୋଗ କରୁଛନ୍ତି । ସେହିପରି ଦୁର୍ନୀତି ଅଭିଯୋଗ ଆଣି ଏର୍ଦୋଗାନଙ୍କ ସହଯୋଗୀ ଅବଦୁଲ୍ଲାତିଫ ସେନେର ପୂର୍ବରୁ ଦଳ ଛାଡି ଅନ୍ୟ ଏକ ଦଳ ତୁର୍କୀ ପାର୍ଟି ଗଠନ କରିଥିଲେ । ଏର୍ଦୋଗାନଙ୍କ ଗଡଭାବେ ପରିଚିତ ଇସ୍ତାନବୁଲର ଉସ୍କୁଦାର ଜିଲ୍ଲା ମଧ୍ୟ ଏକେପି ହାତରୁ ଖସିବାରେ ଲାଗିଛି । ଦେଶରେ ୨୦୨୩ରେ ନିର୍ବାଚନ ହେବାକୁ ରହିଛି । ୨୦୦୩ରୁ ପ୍ରଧାନମନ୍ତ୍ରୀ ଏବଂ ପରେ ରାଷ୍ଟ୍ରପତି ପଦରେ ଏର୍ଦୋଗାନ ରହିଆସିଛନ୍ତି । ଏର୍ଦୋଗାନଙ୍କ ଜଷ୍ଟିସ ଏଣ୍ଡ ଡେଭଲପମେଣ୍ଟ ପାର୍ଟି ଏବେ ସବୁଆଡୁ ସମାଲୋଚନାର ସମ୍ମୁଖୀନ ହେବାରେ ଲାଗିଛି । କାରଣ ଗତ ୧୦ ବର୍ଷରେ ଡଲାର ତୁଳନାରେ ତୁର୍କୀର ମୁଦ୍ରା ଲିରା ୭୫ଭାଗ ମୂଲ୍ୟ ହରାଇଛି । ଦେଶରେ ମୂଲ୍ୟ ବୃଦ୍ଧି ୫୦ ପ୍ରତିଶତ ବଢିଛି । ଗତ ଏକବର୍ଷ ମଧ୍ୟରେ ଲିରା ୪୫ ପ୍ରତିଶତ ମୂଲ୍ୟ ହରାଇଛି । ଦେଶରେ ମୁଦ୍ରାସ୍ଫିତି ୨୧.୩ ପ୍ରତିଶତ ବଢିଛି । ଏର୍ଦୋଗାନଙ୍କ ଚାପରେ ତୁର୍କୀର ବ୍ୟାଙ୍କ ସୁଧହାର ୧୯ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରିଛି । ଫଳରେ ଡଲାର ପିଛା ଲିରା ୧୪ରେ ପହଞ୍ଚିଛି । ତେଣୁ ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ଦାୟିତ୍ୱରେ ଥିବା ନାସି ଅଗବଲଙ୍କ ସ୍ଥାନରେ ସାହାପ କାଭାସିଏଗ୍ଲୁଙ୍କୁ ନିଯୁକ୍ତ କରାଯାଇଛି ।

କହିବାକୁ ଗଲେ ୨୦୦୨ ନିର୍ବାଚନ ଠାରୁ ଆଜି ପର୍ଯ୍ୟନ୍ତ ଏକେପି ଦଳର ଆର୍ଥିକ ନୀତିକୁ ଏର୍ଦୋଗାନ ହିଁ ପରିଚାଳନା କରି ଆସୁଛନ୍ତି । ଦେଶର କମ୍ ସଞ୍ଚୟ ଯୋଗୁ ସମସ୍ୟା ବଢିଛି । ତୁର୍କୀର ଚଳନ୍ତି ଜମାଖାତାର ନିଅଣ୍ଟ ପରିମାଣ ୨୦୧୬ରେ ୩୩.୧ ବିଲିଅନ ଡଲାର, ୨୦୧୭ରେ ୪୭.୩ ବିଲିଅନ ଡଲାର, ୨୦୧୮ରେ ୫୧.୬ ବିଲିଅନ ଡଲାର ଥିଲା । ପ୍ରତିବର୍ଷ ଏହି ନିଅଣ୍ଟ ପରିମାଣର ଭରଣା ପାଇଁ ତୁର୍କୀକୁ ୨୦୦ ବିଲିଅନ ଡଲାର ଆବଶ୍ୟକ ହୋଇଥାଏ । କିନ୍ତୁ ବିଦେଶୀ ମୁଦ୍ରା ଭଣ୍ଡାର ମାତ୍ର ୮୫ ବିଲିଅନ ଡଲାରରେ ସୀମିତ ରହିଛି । ବାହାର ଦେଶ ଜର୍ମାନୀ, ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡରୁ ତୁର୍କୀକୁ ଆସୁଥିବା ଅର୍ଥ ହ୍ରାସ ପାଇଛି ।ଏହାର କାରଣ ପଛରେ ନିଜେ ଏର୍ଦୋଗାନ ରହିଛନ୍ତି । ତାଙ୍କର ଏକାଧିପତ୍ୟ ମନୋଭାବ ଯୋଗୁ ୨୦୧୬ରେ ତଥାକଥିତ ସେନା ବିଦ୍ରୋହକୁ ଆଳକରି ସେ ଅନେକ ସଂପତ୍ତିକୁ ଜବତ କରିଦେଲେ, ଯାହାର ସେହି ଘଟଣାସହ କୌଣସି ସଂପର୍କ ନଥିଲା । ତୁର୍କୀର ଏହି ରାଜନୈତିକ ଅସ୍ଥିରତା ଯୋଗୁ ଅନେକ ବିଦେଶୀ କମ୍ପାନୀ ସେଠାରେ ପୁଞ୍ଜିନିବେଶ କରିବାକୁ ଚାହୁଁନାହାନ୍ତି । ଜାନୁଆରୀ -ମଇ ୨୦୧୭ରେ ବିଦେଶୀ ନିବେଶକମାନେ ତୁର୍କୀର ମୋଟ ୧୭.୫ ବିଲିଅନ ଜମା ନିଅଣ୍ଟରେ ୧୩.୨ ବିଲିଅନ ନିବେଶ କରିଥିଲେ । କିନ୍ତୁ ଠିକ୍ ସେହି ସମୟରେ ପରବର୍ଷ ୨୭.୩ ବିଲିଅନ ଡଲାର ନିଅଣ୍ଟିଆ କ୍ଷେତ୍ରରେ ମାତ୍ର ୭୩୬ ମିଲିଅନ ଡଲାର ନିବେଶ କରିଥିଲେ । ସେମିତି ୨୦୧୭ ବେଳକୁ ଦେଶର ବିଦେଶୀ ମୁଦ୍ରା ଋଣ ୨୧୪ ବିଲିଅନ ଡଲାରରେ ପହଞ୍ଚି ଯାଇଥିଲା । ୨୦୧୭ ଶେଷ ବେଳକୁ ତୁର୍କୀର ସରକାରୀ ଏବଂ ବେସରକାରୀ ଋଣ ମିଶି ୪୫୩.୨ ବିଲିଅନ ଡଲାର ହୋଇଥିଲା । ବିଦେଶୀ ଅଂଶଧନଧାରକଙ୍କ ଅଂଶ ଅଗଷ୍ଟ ୨୦୧୭ରେ ୯୨ ବିଲିଅନ ଡଲାର ଥିଲା ଯାହା ଜୁଲାଇ ୨୦୧୭ ବେଳକୁ ହ୍ରାସ ପାଇ ୫୩ ବିଲିଅନ ଡଲାରକୁ ଖସିଆସିଲା । ତୁର୍କୀର ମୋଟ ୨୨୪ ବିଲିଅନ ବିଦେଶୀ ଋଣ ମଧ୍ୟରେ ୮୩ ବିଲିଅନ ସ୍ପେନର, ୩୫ ବିଲିଅନ ଫ୍ରାନ୍ସର, ୧୮ ବିଲିଅନ ଇଟାଲୀର, ୧୭ବିଲିଅନ ବ୍ରିଟେନର, ୧୩ବିଲିଅନ ଜର୍ମାନୀ ବ୍ୟାଙ୍କର ରହିଛି । ଏବେ ଡଲାରର ମୂଲ୍ୟ ବୃଦ୍ଧି ପରେ ଏହି ଋଣର ପରିମାଣ ଢେର ବଢିଯିବ । ୩୧ମଇ ୨୦୧୮ରେ ଇନଷ୍ଟିଚ୍ୟୁଟ ଅଫ୍ ଫାଇନାନ୍‌ସିଆଲ ରିସର୍ଚ୍ଚ କର୍ତ୍ତୃପକ୍ଷ ଲିରାର ସମସ୍ୟା କିପରି ଲେବାନନ, କଲମ୍ବିଆ, ଦକ୍ଷିଣ ଆଫ୍ରିକା ଏବଂ ଉତ୍ତର ସିରିଆକୁ ପ୍ରଭାବିତ କରିଛି ସେ ସଂପର୍କରେ ସୂଚନା ଦେଇଥିଲେ । କ୍ରେଡିଟ ରେଟିଂ ଏଜେନ୍ସୀଗୁଡିକ ବିରୋଧରେ ଏର୍ଦୋଗାନଙ୍କ ବାରମ୍ବାର ସମାଲୋଚନା ଯୋଗୁ ୧୯ ଜାନୁଆରୀ ୨୦୧୮ରେ ଫିଚ୍ ରେଟିଂସ ନିଜର ଇସ୍ତାନବୁଲରେ ଥିବା କାର୍ଯ୍ୟାଳୟ ବନ୍ଦ କରିଥିଲା । ସେହି ବର୍ଷ ୭ମାର୍ଚ୍ଚରେ ମୁଡି ସଂସ୍ଥା ମଧ୍ୟ ତୁର୍କୀକୁ ବିଦେଶୀ ଋଣ ପ୍ରଭାବିତ କରିବ ବୋଲି କହିଥିଲା । ଏପ୍ରିଲରେ ତୁର୍କୀସେନାର କାର୍ଯ୍ୟାନୁଷ୍ଠାନ ଆମେରିକା ସଂପର୍କକୁ ଖରାପ କରିବ ବୋଲି କହିଥିଲା । ହେଲେ ଏର୍ଦୋଗାନ ସେ ସବୁ ଚେତାବନୀକୁ ଗୁରୁତ୍ୱ ଦେଲେ ନାହିଁ । ଚଳିତବର୍ଷ ୧୧ସେପ୍ଟେମ୍ବର ୨୦୨୧ରେ ରେଟିଂ ସଂସ୍ଥା ମୁଡି ତୁର୍କୀକୁ ବି -୨ ଶ୍ରେଣୀକୁ ଖସାଇଦେଲା । ୧୦ ଡିସେମ୍ବର ୨୦୨୧ରେ ଷ୍ଟାଣ୍ଡାର୍ଡ ଏଣ୍ଡ ପୁଅର୍ସ ସଂସ୍ଥା ତୁର୍କୀର ଆର୍ଥିକ ସ୍ଥିତି ଅଧିକ ଖରାପ ହେବ ବୋଲି କହିସାରିଛି । ୧୪ ଡିସେମ୍ବରରେ ସ୍ୱିଜରଲାଣ୍ଡର ବ୍ୟାଙ୍କ ୟୁବିଏସ୍ ନିଜ ଗ୍ରାହକଙ୍କ ପାଇଁ ଡଲାର - ଲିରାର ସୁବିଧାକୁ ବନ୍ଦ କଲା ।

ଏର୍ଦୋଗାନ କ୍ଷମତାକୁ ଆସିବା ବେଳେ ଲିରାର ମୂଲ୍ୟ ସହ ଡଲାରର ମୂଲ୍ୟ ସମାନ ଥିଲାବେଳେ ଏବେ ତାହା ହ୍ରାସ ପାଇ ଡଲାର ପିଛା ୧୨ ଲିରାକୁ ପହଞ୍ଚିଛି । ଡିସେମ୍ବର ୨୦୨୧ତୃତୀୟ ସପ୍ତାହରେ ଏହା ୧୮.୪ ଲିରାକୁ ଖସିଯାଇଥିଲା । ଏହି ସ୍ଥିତିରେ ଲୋକେ ଲିରାକୁ ଡଲାରରେ ବଦଳାଇବା ଆରମ୍ଭ କରିଛନ୍ତି । କାରଣ ଲିରାର ମୂଲ୍ୟ ଅସ୍ଥିର ରହୁଛି । ଲୋକେ ବ୍ୟାଙ୍କଗୁଡିକ ଉପରେ ଭରସା କରିପାରୁନାହାନ୍ତି । ଏର୍ଦୋଗାନଙ୍କ ଭୁଲ ନୀତି ଯୋଗୁ ଏବେ ତାଙ୍କର ସ୍ଥିତି ଦୋଦୁଲ୍ୟମାନ ହୋଇଛି । ତୁର୍କୀରେ ଏର୍ଦୋଗାନଙ୍କ ଲୋକପ୍ରିୟତା ଇତି ମଧ୍ୟରେ ୩୦ପ୍ରତିଶତ ହ୍ରାସ ପାଇଛି । ଏହି ସ୍ଥିତି ଜାରି ରହିଲେ ତୁର୍କୀର ଆର୍ଥିକ ଭବିଷ୍ୟତ ସଙ୍କଟରେ ପଡିବ ।

ଧର୍ମ ସଂସଦରେ ଗାଳି

॥ ଗୋପାଳ ମହାପାତ୍ର ॥

ଆଧୁନିକ ଭାରତର କଥିତ ଆଧୁନିକ ସାଧୁସନ୍ଥ ମାନଙ୍କର ଆଧୁନିକ ଧର୍ମ ସଂସଦର ଘଟଣା କିଛି ବିଚିତ୍ର ଭଳି ଲାଗେ। ଧର୍ମ ସଂସଦ ଯେଉଁଠି ଧର୍ମର ମହାନ ଏବଂ ଶାନ୍ତିପ୍ରିୟ ମୂଲ୍ୟର କଥା ଆଲୋଚନା କରାଯିବା କଥା ସେଠି ଶାନ୍ତିପ୍ରିୟ ମୂଲ୍ୟବୋଧକୁ ଧୂଳି ଧୁଷରିତ କରିବାର ଉଦ୍ୟମ କରାଯାଉଛି। ଯେଉଁଠି ଧର୍ମ ଏବଂ ଆଧାତ୍ମ ଉପରେ ଚିନ୍ତନ, ମନନ ଏବଂ ମନ୍ଥନ କରାଯିବା କଥା ସେଠି ବିଭିନ୍ନ ବିଶିଷ୍ଟତାରେ ସମାହିତ ଭାରତ ବର୍ଷର ଅସୀମ ଶକ୍ତିକୁ ଦୁର୍ବଳ କରି ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତା ଉପରେ ପ୍ରହାର କରାଯିବା ପାଇଁ ଚେଷ୍ଟା କରାଯାଉଛି।

ଧର୍ମ ସଂସଦରେ ନିଜକୁ ସନ୍ଥ ବୋଲି ପରିଚୟ ଦେଉଥିବା ବ୍ୟକ୍ତି ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହିବା ସହ ହତ୍ୟାକାରୀ ନାଥୁରାମ ଗଡ଼ସେଙ୍କର ପ୍ରଶଂସା କରୁଛନ୍ତି। ଧର୍ମ ସଂସଦରେ ସାମିଲ ଜଣେ ମହିଳା ନାଥୁରାମ ଗଡ଼ସେଙ୍କର ପୂଜା କରାଯିବା ପାଇଁ କହୁଛନ୍ତି। ଏସବୁ କଥା ଶୁଣି ଧର୍ମ ସଂସଦରେ ଉପସ୍ଥିତ ଲୋକେ ମଧ୍ୟ କରତାଳି ଦେଉଛନ୍ତି ଏବଂ ଏସବୁ କଥାକୁ ସମର୍ଥନ କରୁଛନ୍ତି। ଏହା ଦୁର୍ଭାଗ୍ୟର କଥା ନିଶ୍ଚୟ। ଭାରତ ବର୍ଷର ବିବିଧତା ଏବଂ ବିଶିଷ୍ଟତାକୁ ସବୁଠାରୁ ଅଧିକ ଯିଏ ଚିହ୍ନି ପାରିଥିଲେ ସେମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀ ଅଗ୍ରଣୀ ଥିଲେ।

ଗାନ୍ଧୀ ଭାରତ ବର୍ଷର ସଂସ୍କୃତିକୁ ରାଜନୈତିକ ଶକ୍ତିରେ ପରିଣଥ କରିବା ସହ ବିବିଧତାକୁ ମଧ୍ୟ ସେଥିରେ ଯୋଡ଼ିବା ଭଳି ଏକ ଦୁରୁହ କାର୍ଯ୍ୟକୁ ସଫଳତାର ସହ କରିପାରିଥିଲେ। ମହାତ୍ମା ଗାନ୍ଧୀ ଭାରତୀୟ ମୂଲ୍ୟବୋଧର ସେହି ଶକ୍ତିକୁ ଜାଣିପାରିଥିଲେ ଯେଉଁ ଶକ୍ତି ହିନ୍ଦୁ ମୁସଲମାନ ଏବଂ ଶିଖମାନଙ୍କୁ ଯୋଡ଼ି ରଖି ପାରିଥିଲା। ଧର୍ମ ଏହି ସମ୍ପର୍କରେ ଶକ୍ତିକୁ ଦୁର୍ବଳ କରିଦେଇଥାଏ।

ଭାରତ ବର୍ଷର ବିବିଧତାକୁ ରାଷ୍ଟ୍ରୀୟ ଶକ୍ତି ଏବଂ ମାନବତାର ଅସୀମ ସ୍ରୋତ ଭାବରେ ପ୍ରସ୍ତୁତ କରିବାର କାର୍ଯ୍ୟ କରିଥିଲେ ସ୍ୱାମୀ ବିବେକାନନ୍ଦ। ୧୮୯୩ରେ ଚିକାଗୋ ଠାରେ ଅନୁଷ୍ଠିତ ସଭାରେ ସେ ଏହାକୁ ପ୍ରତିପାଦିତ କରିପାରିଥିଲେ। ଏସବୁ ପରେ ଗାନ୍ଧୀଙ୍କୁ ମହାତ୍ମା କାହିଁକି କୁହାଯାଉଛି ଏବଂ ଗାନ୍ଧୀଙ୍କୁ ସମାଲୋଚନା କରୁଥିବା ସାଧୁସନ୍ଥମାନଙ୍କ ବାବଦରେ ବୁଝିବାର ଆବଶ୍ୟକତା ମଧ୍ୟ ରହିଛି। ୧୯ଶ ଶତାବ୍ଦରେ ଭାରତ ବିଭାଜନ ପାଇଁ ଯେଉଁ ସମୟରେ ନକ୍ସା ପ୍ରସ୍ତୁତ କରାଯାଉଥିଲା ସେ ସମୟରେ ଗାନ୍ଧୀ ସ୍ୱାଧୀନତାର ଲଢେଇ ସହ ହିନ୍ଦୁମାନଙ୍କର ବିଖଣ୍ଡନର ଉଦ୍ୟମକୁ ରୋକିବା ପାଇଁ ଜୋରସୋର ଉଦ୍ୟମ କରୁଥିଲେ। ଦଳିତ ଓ ପଛୁଆ ଲୋକଙ୍କ ବସ୍ତିରେ ରହିବା ଘଟଣାକୁ କ୍ରାନ୍ତିକାରୀ ଘଟଣା ବୋଲି କୁହାଯାଇପାରେ। ବିରୋଧ ସତ୍ୱେ ଗାନ୍ଧୀ ତାଙ୍କ ଆଶ୍ରମରେ ଏକ ଦଳିତ ପାରିବାରକୁ ରୋକିବା ପାଇଁ ଅନୁମତି ଦେଇଥିଲେ। ସେ ସମୟରେ ଗାନ୍ଧୀ ଦଳିତ ପରିବାରର ଏକ କନ୍ୟାକୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ।

ଇଂରେଜମାନେ କମ୍ୟୁନାଲ୍ ଆୱାର୍ଡ଼ ମାଧ୍ୟମରେ ଦଳିତ ବର୍ଗଙ୍କୁ ଅଲଗା ସଂରକ୍ଷଣ ଦେଇ ହିନ୍ଦୁ ଧର୍ମକୁ ବିଖଣ୍ଡନ କରିବାର ରାସ୍ତା ପ୍ରସ୍ତୁତ କରିଥିଲେ ଏବଂ ଡକ୍ଟର ଭୀମାରାଓ ଆମ୍ବେଦକରଙ୍କ ସହ ଆଲୋଚନା ପରେ ମଧ୍ୟ ଗାନ୍ଧୀ ୟରବଦା (ପୁନା) ଜେଲରେ ଅନଶନ କରିଥିଲେ ଓ ସଂରକ୍ଷଣକୁ କଡ଼ା ବିରୋଧ କରିଥିଲେ। ଗାନ୍ଧୀ ଜାଣିଥିଲେ ଯେ ଦଳିତମାନଙ୍କୁ ସ୍ୱତନ୍ତ୍ର ଭାବେ ସଂରକ୍ଷଣ ଦିଆଗଲେ ମୁସଲମାନ ଏବଂ ଖ୍ରୀଷ୍ଟିଆନଙ୍କ ଭଳି ପୃଥକବାଦର ଭାବନା ବଢିବ। ଏହାଦ୍ୱାରା ସ୍ୱତନ୍ତ୍ର ପରିଚୟ ଏବଂ ଅଲଗା ହେବା ଭଳି ସଙ୍କଟ ମଧ୍ୟ ସୃଷ୍ଟି ହେବ। ଏହା ହିନ୍ଦୁଙ୍କୁ ବିଖଣ୍ଡନ କରିବାର କାରଣ ହେବ।

ଜାତୀୟ ପ୍ରଗତି ଓ ଯୁବଶକ୍ତି

॥ ଡ. ଅରୁନ୍ଧତୀ ଦେବୀ ॥

ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରକ୍ ଓବମା, ତାଙ୍କ ଭାରତ ଗସ୍ତ ସମୟରେ କହିଥିଲେ ‘ଭାରତ ଏକ ଉଦୀୟମାନ ମହାଶକ୍ତି ନୁହେଁ, ଏହା ମହାଶକ୍ତି’ ବିଶ୍ୱଅର୍ଥନୀତିରେ, ଭାରତ, ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଲକ୍ଷ୍ୟକରି, ଓବାମା ଏକଥା କହିଛନ୍ତି। ଭାରତର ଆର୍ଥିକ ଅଭିବୃଦ୍ଧିର ବେଗ, ଚୀନ ଦେଶ ପରେ। ଅର୍ଥନୀତିକମାନଙ୍କ ମତରେ ଭାରତର ଅଭିବୃଦ୍ଧି, ଦେଶର ଯୁବଶକ୍ତି ଯୋଗୁଁ ସମ୍ଭବ ହୋଇଛି ଏବଂ ଆଗାମୀ ଦିନରେ ଯୁବଶକ୍ତି ଯୋଗୁଁ ସମ୍ଭବ ହୋଇଛି ଏବଂ ଆଗାମୀ ଦିନରେ ଯୁବଶକ୍ତି ହିଁ ଦେଶକୁ ମହାଶକ୍ତିରେ ପରିଣତ କରିପାରିବ। ମୋର ଗାନ୍ ଷ୍ଟାନ୍ ପ୍ରକାଶ କରିଥିବା ତାଙ୍କ ରିପୋର୍ଟରେ କହିଛନ୍ତି ଯେ ୨୦୨୦ ସୁଦ୍ଧା ଭାରତ ୧୭ କୋଟି ୬୦ ଲକ୍ଷ ଯୁବଶକ୍ତି ପାଇବାବେଳେ ଚୀନ୍ ଦେଶ କ୍ଷେତ୍ରରେ ଏଇ ଅଭିବୃଦ୍ଧି ହେବ ମାତ୍ର ୨କୋଟି ୩୦ ଲକ୍ଷ ଚୀନ ଦେଶରେ ଏକ ସନ୍ତାନ ନୀତି ଯୋଗୁଁ, ଯୁବ ଶକ୍ତିର ବୃଦ୍ଧି ଭାରତ ସଙ୍ଗେ ତୁଳନୀୟ ହୋଇପାରିବ ନାହିଁ। ଆଜି ଭାରତ ୨୦୨୦ ମସିହାରେ ପହଂଚି ଯୁବଶକ୍ତିକୁ ଯଥାର୍ଥରେ ଦେଶର ପ୍ରେରଣାର ଶକ୍ତି ଭାବେ ନିଶ୍ଚିନ୍ତ କରିଛି। ୨୦୧୩ରେ ପ୍ରକାଶ ପାଇଥିବା ଗ୍ଲୋବାଲ ଗଭର୍ଣ୍ଣାନ୍ ତଥ୍ୟ ଅନୁସାରେ (ଗ୍ଲୋବାଲ ଗଭର୍ଣ୍ଣନ୍ ୨୦୨୫) ଆମେରିକା ଏବଂ ଚୀନ ପରେ ଭାରତ ବିଶ୍ୱରେ ତୃତୀୟ ଶକ୍ତି ଭାବେ ଠିଆ ହେବ। ଜାପାନ୍, ଫ୍ରାନ୍ସ, ୟୁକେ ଭଳି ଦେଶ ଭାରତ ପଛରେ ପଡ଼ିଯିବେ। ତେବେ ଦେଶର ମାନବ ସମ୍ବଳର ଉପଯୁକ୍ତ ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ଏବେ ଠାରୁ ନିଆନଗଲେ ଯୁବଶକ୍ତି ଦେଶର ପ୍ରଗତି, ବିକାଶ ଓ ଶକ୍ତିବୃଦ୍ଧି କରିବା ପରିବର୍ତ୍ତେ ଦେଶକୁ ବିପଥଗାମୀ, ଅବକ୍ଷୟାଭୀମୁଖୀ କରିବାର ସମ୍ଭାବନା ବେଶୀ। ମାନବ ସମ୍ବଳର ବିକାଶ ପାଇଁ ଦେଶର ନେତା, ବୁଦ୍ଧିଜୀବୀ, ବୈଷୟିକ ଜ୍ଞାନ, କୌଶଳ ସଂପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କ ସହାୟତା ଏବଂ ଦିଗ୍‌ଦର୍ଶନ ଅପରିହାର୍ଯ୍ୟ। ଶିକ୍ଷାର ଦ୍ରୁତପ୍ରସାର ନହେଲେ, ମାନବସମ୍ବଳର ଉପଯୁକ୍ତ ବିକାଶ ସମ୍ଭବ ନୁହେଁ। ଦେଶରେ ଶିକ୍ଷା କ୍ଷେତ୍ରରେ ବହୁଳ ସଂସ୍କାର ଆବଶ୍ୟକତା ଦେଖାଦେଇଛି। ବିଗତ ଦଶନ୍ଧିରେ ବିଭିନ୍ନ ରାଜ୍ୟରେ ବୈଷୟିକଜ୍ଞାନ କୌଶଳ ସଂପୂର୍ଣ୍ଣ ଶିକ୍ଷାନୁଷ୍ଠାନ ବୃଦ୍ଧି ପାଇଥିଲେ ମଧ୍ୟ ଗୁଣାତ୍ମକ କ୍ଷେତ୍ରରେ ଏ ସବୁ ଅନୁଷ୍ଠାନ ବହୁ ପଛରେ ଅଛି। ବିଶ୍ୱସ୍ତରୀୟ ଉନ୍ନତମାନର ବିଶ୍ୱବିଦ୍ୟାଳୟ ପ୍ରଥମ ୧୦୦ଟି ମଧ୍ୟରେ ଭାରତର କୌଣସି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇ ନାହିଁ। ବୈଷୟିକ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ବମ୍ବେ ଆଇଆଇଟିର ସ୍ଥାନ ୧୮୭। ନିକଟରେ ଶିକ୍ଷାଆଇନ ପ୍ରଚଳନ କରାଯାଇଛି। ଗ୍ରାମାଂଚଳ ଏବଂ ପାର୍ବତ୍ୟାଂଚଳରେ ବସବାସ କରୁଥିବା ପିଲାମାନଙ୍କ ବିଦ୍ୟାଳୟରେ ପଢ଼ିବା ପାଇଁ ସୁଯୋଗ ଦେବା ଲାଗି ସରକାର ବହୁ ପ୍ରକାର ସାହାଯ୍ୟକାରୀ ଯୋଜନା କରିଛନ୍ତି ମାତ୍ର ବହୁଳ ଦୁର୍ନୀତି ଯୋଗୁଁ ଏ ସବୁ ବିକାଶମୂଳକ ଯୋଜନାର ସଫଳତା ହିତାଧିକାରୀମାନଙ୍କ ପାଖରେ ପହଂଚି ପାରୁନି, ଆଦିବାସୀ ଯୁବକ ଆଜି ଉପଯୁକ୍ତ ଦିଗଦର୍ଶନ, ପ୍ରୋତ୍ସାହନ ଏବଂ କର୍ମଯୋଗାଣ ପାଉନଥିବାରୁ ମାଓବାଦୀ ଭଳି ଆତଙ୍କବାଦୀ ସଂସ୍ଥାରେ ଯୋଗଦେବାକୁ ଶ୍ରେୟ ମଣୁଛନ୍ତି । ଖାଦ୍ୟାଭାବ ଏବଂ ଦାରିଦ୍ର୍ୟ ଏ ପର୍ଯ୍ୟନ୍ତ ଦେଶରୁ ଦୂର ହୋଇପାରିଲା ନାହିଁ। ପ୍ରାୟ ୭୫ ଭାଗ ଜନତା ଆନ୍ତର୍ଜାତୀୟ ସ୍ତରରେ ନିର୍ଦ୍ଦିଷ୍ଟ ହୋଇଥିବା ଦାରିଦ୍ର୍ୟତାର ମାନଦଣ୍ଡ ତଳେ ଅଛନ୍ତି। ବିଶ୍ୱବ୍ୟାଙ୍କର ମାନଦଣ୍ଡ ଅନୁଯାଇ ଯାହାର ଦୈଅନିକ ଆୟ ଏକ ଡଲାର ୨୫ ସେଣ୍ଟରୁ କମ୍ (ପ୍ରାୟ ୬୩ ଟଙ୍କାରୁ କମ୍) ସେ ଦାରିଦ୍ର୍ୟ ସୀମାରେଖା ତଳେ ରହିବା କୁହାଯାଉଛି। ଗୋଟିଏ ପଟରେ ଦେଶର ଆର୍ଥିକ ଅଭିବୃଦ୍ଧି ଘଟୁଛି ଅଥଚ ଅନ୍ୟପଟେ ଧନୀ-ଦରିଦ୍ର ମଧ୍ୟରେ ପାର୍ଥକ୍ୟ କମୁନି। ଅର୍ଥନୀତିର ଅଭିବୃଦ୍ଧି ଯଦି ଦେଶରେ ସାମଗ୍ରିକ ବିକାଶ ଘଟାଇବାରେ ସମର୍ଥନ ନହେବ, ତେବେ ସେ ଅର୍ଥନୀତି ଗୋଷ୍ଠୀ କେନ୍ଦ୍ରିକ ଅଭିବୃଦ୍ଧି ଭିତରେ ସୀମିତ ରହିବ ଏବଂ ଦେଶ ଭିତରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା, ବିପ୍ଳବ ଏବଂ ସାଂପ୍ରଦାୟିକ ଦଙ୍ଗା ସୃଷ୍ଟି କରିବ। ଏଥିପାଇଁ ଯେଉଁମାନେ ଗଣତାନ୍ତ୍ରିକ ପଦ୍ଧତି ବ୍ୟବସ୍ଥାରେ ଜନ ପ୍ରତିନିଧି ଭାବେ ନିର୍ବାଚିତ ହେଉଛନ୍ତି, ସେମାନଙ୍କ ଭାବମୂର୍ତ୍ତି ନିର୍ମଳ, ସ୍ୱଚ୍ଛ ଏବଂ ମନୋବୃତି ସେବା’ ମୂଳକ ହେବା ଦରକାର। ବର୍ତ୍ତମାନ ଆମର ନିର୍ବାଚିତ ପ୍ରତିନିଧି ମାନଙ୍କର ଭାବମୂର୍ତ୍ତୀ ଏବଂ ସେମାନଙ୍କ ନିର୍ବାଚନ ପଦ୍ଧତି ସ୍ୱଚ୍ଛ ନୁହେଁ କି ଦୁର୍ନୀତି ମୁକ୍ତ ନୁହଁ।

ଦେଶର ୧୮ ବର୍ଷରୁ ୪୫ ବର୍ଷ ବୟସର ଲୋକସଂଖ୍ୟା ପ୍ରାୟ ୫୫ ପ୍ରତିଶତ ହେଲାବେଳେ ନେତା, ମନ୍ତ୍ରୀମାନେ କିନ୍ତୁ ବୟୋବୃଦ୍ଧି। ସେମାନେ କ୍ଷମତାକୁ ଯାବୁଡ଼ି ଧରି ବସିଛନ୍ତି। ଯୁବଶକ୍ତିକୁ ପ୍ରୋତ୍ସାହନ ଦେଇ ନେତୃତ୍ୱ ଛାଡ଼ିବାକୁ ପ୍ରସ୍ତୁତି ନୁହଁନ୍ତି।

ଦେଶରେ କାର୍ଯ୍ୟକ୍ଷେତ୍ରରୁ ଅବସର ନେବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଥିଲାବେଳେ, ରାଜନେତା ବିଧାୟକ, ସାଂସଦ କିମ୍ବା ମନ୍ତ୍ରୀ ହେବା ପାଇଁ ସମୟସୀମା ନାହିଁ। ସେମାନେ ପଛରେ ରହି, ଯୁବଶକ୍ତିକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ବୃଦ୍ଧ ବୟସରେ, ରାଜନୈତିକ ରଣକ୍ଷେତ୍ରକୁ ଗୋଡ଼ ସମ୍ଭାଳ ପାରୁନଥିଲେ ମଧ୍ୟ ଆଗଭର ହେବାକୁ ପ୍ରସ୍ତୁତ। ଏମାନଙ୍କ ଅପାରଗତା, ଦୁର୍ନୀତି, କ୍ଷମତା ପ୍ରୀତି ଯୋଗୁଁ, ଦେଶର ଦୁର୍ନୀତି ବ୍ୟାପୁଛି, ସରକାରୀ ଅପରାଗାତା ବୃଦ୍ଧି ପାଉଛି ଲକ୍ଷ ଲକ୍ଷ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ଯୋଜନା ସଫଳ ହୋଇପାରୁନି। ଏମାନଙ୍କ ଯୋଗୁଁ ବହୁ କ୍ଷେତ୍ରରେ ଏ ଦେଶ ମଧ୍ୟ ଯୁଗର ଚିନ୍ତାଧାରାରେ ଆକ୍ରାନ୍ତ। ଆଗାମୀ ବର୍ଷରେ ଭାରତ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହେବାକୁ ହେଲେ ଯୁବଶକ୍ତିର ବିକାଶ ଉପରେ ଗୁରୁତ୍ୱ ଦେବା ସଙ୍ଗେ ଦେଶକୁ ନେତୃତ୍ୱ ଦେବାଲାଗି ସେମାନଙ୍କୁ ବଛା ଯିବା ଉଚିତ୍। ସତୁରୀ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧି, ମାନସିକ ଏବଂ ଶାରୀରିକ ସ୍ତରରେ ପଙ୍ଗୁ ନେତାମାନଙ୍କୁ କ୍ଷମତା କେନ୍ଦ୍ରରୁ ବିଦାୟ ଦିଆଯାଉ।

ତାହେଲେ ଦେଶର ଦୁର୍ନୀତି ହ୍ରାସ ପାଇବ, ଯୋଜନା ସଫଳ ହେବ ଏବଂ ଭାରତର ଭବିଷ୍ୟତକୁ ନେଇ ବହୁ ବିଜ୍ଞବ୍ୟକ୍ତିଙ୍କ ଭବିଷ୍ୟତବାଣୀ ସଫଳ ହେବ। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଆନୁକୂଲ୍ୟରେ ବୌଦ୍ଧ ବିମଣ୍ଡିତ କ୍ଷେତ୍ର ଯାଜପୁର ଜିଲ୍ଲାର ଉଦୟଗିରିସ୍ଥିତ ଶୋଭନୀୟ ଶିକ୍ଷାଶ୍ରମରେ ଅନୁଷ୍ଠିତ ହେଉଛି ଯୁବ ଶକ୍ତିଙ୍କ ଅନ୍ତର୍ନିହିତ ଚେତନା ଶକ୍ତିକୁ ପରିସ୍ଫୁଟିତ କରିବା ପାଇଁ ଏହି ସମାବେଶର ଆୟୋଜନ। ଏହି ସମାବେଶର କ୍ରାନ୍ତିବହ୍ନି ଯୁବପିଢ଼ୀଙ୍କୁ ସମାଜ ଓ ରାଷ୍ଟ୍ରର ସେବା ପାଇଁ ମନୋବଳ ବଢ଼ାଉ। ନୂଆବର୍ଷ ଅବସରରେ ଏହା ହିଁ କାମନା।

ଶୋଭନୀୟ ଆନ୍ଦୋଳନ, ଉଦୟଗିରି, ଯାଜପୁର



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ରାମଲେଙ୍କାରେ ତାଲା ଭାଙ୍ଗି ଚୋରି, ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

କୃଷ୍ଣପ୍ରସାଦ, ୯-୧୧(ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ଗ୍ରାମରେ ତାଲା ଭାଙ୍ଗି ଚୋରି ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗ୍ରାମର କେଦାରନାଥ ବିଶ୍ୱାଳଙ୍କ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଓ ଅନ୍ୟାନ୍ୟ ଅଳଙ୍କାର ଚୋରି କରି ନେଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କେଦାରନାଥ କିଛିଦିନ ହେବ ତୀର୍ଥଯାତ୍ରାରେ ଯାଇଥିବାରୁ ଘରେ କେହି ନଥିଲେ। ଶନିବାର ରାତି ପ୍ରାୟ ୯ଟା ସମୟରେ କେଦାରନାଥଙ୍କ ମାଆ ଘରେ ତାଲା ପକାଇ ପୁରୁଣା ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ପରେ ଆଲମିରା ଭାଙ୍ଗି ସେଥିରେ ଥିବା ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ଜଣାପଡ଼ିଛି।ଏ ସମ୍ପର୍କରେ କେଦାରନାଥଙ୍କ ପକ୍ଷରୁ କୃଷ୍ଣପ୍ରସାଦ ଥାନାରେ ଏତଲା ଦିଆଯାଇଛି। ଏତଲା ପାଇବା ପରେ ଥାନା ଅଧିକାରୀ ଜୟନ୍ତ କୁମାର ସେଠୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଠାବ କରିବା ସହ ଲୁଟ୍ ସାମଗ୍ରୀ ଉଦ୍ଧାର କରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ଅଙ୍ଗନୱାଡ଼ି ସମ୍ମୁଖରେ ବାଉଁଶ ବଜାର ବାଡ ପ୍ରଶାସନିକ ଦୃଷ୍ଟି ଆକର୍ଷଣ

କୃଷ୍ଣପ୍ରସାଦ, ୯-୧୧(ମହାଭାରତ) : କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋମଣ୍ଡିଆ ପଞ୍ଚାୟତର ଗୋମଣ୍ଡିଆ ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖରେ ବାଉଁଶ ବତାରେ ବାଡ଼ ବୁଜାଯାଇଥିବା ଦୃଶ୍ୟ ଏବେ ଅଞ୍ଚଳରେ ଚିନ୍ତାର ବିଷୟ ପାଲଟିଛି ଅଙ୍ଗନୱାଡ଼ି କେନ୍ଦ୍ର ହେଉଛି କୁନି କୁନି ଶିଶୁଙ୍କ ଶିକ୍ଷା, ପୋଷଣ ଓ ସାମଗ୍ରିକ ଯତ୍ନର ଏକ ପ୍ରାଥମିକ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ମାତ୍ର ଏହି କେନ୍ଦ୍ରର ସମ୍ମୁଖରେ ବାଉଁଶ ବତାରେ ବାଡ଼ ବୁଜି ଦିଆଯିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ପ୍ରଶ୍ନ ଉଠିବାରେ ଲାଗିଛି ଏହାଦ୍ୱାରା କେନ୍ଦ୍ରକୁ ଆସୁଥିବା ଛୋଟ ଛୋଟ ଶିଶୁଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ବେଳେ ସେମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଆଶଙ୍କା ଦେଖାଦେଇଛି ଶିଶୁଙ୍କ ସୁରକ୍ଷା ସହ କୌଣସି ପ୍ରକାର ଅବହେଳା ଆଦୌ ଗ୍ରହଣୀୟ ନୁହେଁ। ତେଣୁ ଏହି ସଂବେଦନଶୀଳ ସମସ୍ୟା ପ୍ରତି ପୁରୀ ଜିଲ୍ଲା ପ୍ରଶାସନ, କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ, ସିଡିପିଓ ଉଡଚଡ ଏବଂ ଗୋମଣ୍ଡିଆ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଘଟଣାର ନିରପେକ୍ଷ ତଦନ୍ତ କରି ବାଡ଼ ହଟାଇବା ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ରାଇଘରରେ ନକଲି ମଦ କାରବାର ଉପରେ ପୋଲିସର ଚଢ଼ାଉ, ୩ ଗିରଫ; ୨୦୦ ଲିଟର ମଦ ଜବତ

ରାଇଘର, (ମହାଭାରତ): ନିଶାମୁକ୍ତ ସମାଜ ଗଠନ ଓ ବେଆଇନ ମଦ କାରବାର ରୋକିବା ଦିଗରେ ରାଇଘର ପୋଲିସକୁ ମିଳିଛି ବଡ଼ ସଫଳତା। ବିରିସାଡ଼ି ଗ୍ରାମରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରି ଦୁଇଟି ପୃଥକ ମାମଲାରେ ମୋଟ ୩ ଜଣଙ୍କୁ ଗିରଫ କରିଛି।ପୋଲିସ ରିପୋର୍ଟ ଅନୁଯାୟୀ, ବିରିସାଡ଼ି ଗ୍ରାମରେ ବେଆଇନ ଭାବେ ଆଇଡି ମଦ ପ୍ରସ୍ତୁତ କରାଯାଇ ସାଧାରଣ ଲୋକଙ୍କୁ ବିକ୍ରି କରାଯାଉଥିବା ନେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହାପରେ ପୋଲିସ ଯାଞ୍ଚ କରି ଚଢ଼ାଉ କରିଥିଲା।ଏହି ଚଢ଼ାଉ ସମୟରେ ସୁକାଲୁ କଲାର (୪୦), ପ୍ରହଲ୍ଲାଦ କଲାର (୩୮) ଏବଂ ରବି କଲାର (୪୧)ଙ୍କୁ ଗିରଫ କରାଯାଇଥିବା ପୋଲିସ ରିପୋର୍ଟରେ ଉଲ୍ଲେଖ ରହିଛି। ଘଟଣାସ୍ଥଳରୁ ପ୍ରାୟ ୨୦୦ ଲିଟର ଆଇଡି ମଦ ଏବଂ ୪୦୦ ଲିଟର ମହୁଲି ପୋଚ୍ ଜବତ କରାଯାଇଛି।ପୋଲିସର ସୂଚନା ଅନୁସାରେ, ମଦରେ ୟୁରିଆ ଓ ଅନ୍ୟାନ୍ୟ କ୍ଷତିକାରକ ପଦାର୍ଥ ମିଶାଇ ମଦର ଘନତ୍ୱ ବଢ଼ାଯାଉଥିବା ଅଭିଯୋଗ ରହିଛି। ଏଭଳି ନକଲି ମଦ ସେବନ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରିପାରେ।ଏହି ଘଟଣାରେ ରାଇଘର ଥାନାରେ ୨୯୪ ଓ ୨୯୫ ନମ୍ବରରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଓଡ଼ିଶା ଅବକାରୀ ଆଇନ ଓ ଭାରତୀୟ ନ୍ୟାୟ ସଂହିତାର ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।ତେବେ ଅଞ୍ଚଳରେ ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରି ଉପରେ ପୋଲିସ ଆଗକୁ କେତେ କଡ଼ା ପଦକ୍ଷେପ ନେଉଛି, ତାହା ଏବେ ଦେଖିବାକୁ ବାକି ରହିଲା।

କାମରେ ଆସୁନି କୋରପିଠା ବସଷ୍ଟାଣ୍ଡ

ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ କୋରପିଠାରେ ନିର୍ମିତ ହୋଇଥିବା ବସଷ୍ଟାଣ୍ଡ ଯାତ୍ରୀଙ୍କ କାମରେ ଆସୁନି। ଯାତ୍ରୀମାନେ ବାହାରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ଯାତାୟତ କରୁଥିବା ଦେଖିବାକୁ ମିଳିଛି।ସୂଚନା ଅନୁଯାୟୀ ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତରେ ଆମ ବସଷ୍ଟାଣ୍ଡ ନିର୍ମାଣ କରିଛନ୍ତି। ଯାତ୍ରୀମାନେ ବସକୁ ଅପେକ୍ଷା କରିବା ଓ ବସରୁ ଓହ୍ଲାଇବାପରେ ବିଶ୍ରାମ ନେବାର ସୁବିଧା ରହିଛି। ଏହାସହ ଖରା,ବର୍ଷା ଦୃଷ୍ଟିରୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। କିନ୍ତୁ କୋରପିଠା ବସଷ୍ଟାଣ୍ଡ ରୁଗଣ ଅବସ୍ଥାରେ ପଡ଼ିରହିଛି। ସେଠାକୁ ଜଣେ ବି ଯାତ୍ରୀ ଯାଉନଥିବାବେଳେ ଆମ ବସ ସେହିସ୍ଥାନରେ ରହଣି କରୁନି। ବସଷ୍ଟାଣ୍ଡ ସମ୍ମୁଖ ଘାସ ଓ ଅନାବନା ଗଛଉଠି ଜଙ୍ଗଲିଆ ପରିବେଶ ସୃଷ୍ଟି ହୋଇଛି। ନିୟମ ଅନୁଯାୟୀ ଆମ ବସ କେବଳ ବସଷ୍ଟାଣ୍ଡରେ ରହଣି କରିବ କିନ୍ତୁ ଆମ ବସ ବସଷ୍ଟାଣ୍ଡରେ ନ ରହି ବିଭିନ୍ନ ଜାଗାରେ ରହି ପାସେଞ୍ଜର ନେବାଆଣ କରୁଛି।ବସଷ୍ଟାଣ୍ଡ ନିର୍ମାଣ ପାଇଁ ସରକାର ୩୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ତାହା ଯାତ୍ରୀଙ୍କ କାମରେ ଆସୁନଥିବାରୁ ଅସନ୍ତୋଷ ଦେଖାଦେଇଛି। ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବସଷ୍ଟାଣ୍ଡ ସଫାକରିବା ରାତିପାଇଁ ଲାଇଟର ବ୍ୟବସ୍ଥା କରିବା ଓ ଯାତ୍ରୀମାନେ କିପରି ସୁରକ୍ଷିତ ଯାତାୟତ କରିବେ ସେହି ଚିନ୍ତା କାହାରି ନାହିଁ। ରୋଗୀ,ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗଙ୍କ ପାଇଁ ଯାତ୍ରୀ ବିଶ୍ରାମଗୃହ ଜରୁରି ହୋଇଥିଲେ ମଧ୍ୟ କୋରପିଠା ବସଷ୍ଟାଣ୍ଡ ଦୟନୀୟ ଅବସ୍ଥାରେ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଘଟଣାରେ ବିଡ଼ିଓ ପ୍ରୀତିବାଳା ରଣାବସଷ୍ଟାଣ୍ଡର ତଦାରଖ କରିବେ ବୋଲି କହିଛନ୍ତି।



ଅଧୁରା ସ୍ମାର୍ଟ ପାର୍କ କାର୍ଯ୍ୟକୁ ମିଳିଲା ଗତି: ଦଶପଲ୍ଲାରେ ଖୁସିର ଲହରୀ

ଦଶପଲ୍ଲା, ୮/୧୧ (ମହାଭାରତ): ଦୀର୍ଘଦିନର ଅପେକ୍ଷା ପରେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅନ୍ତର୍ଗତ ୬ ନମ୍ବର ୱାର୍ଡସ୍ଥିତ ସ୍ମାର୍ଟ ପାର୍କର ଅଧୁରା ନିର୍ମାଣ କାର୍ଯ୍ୟ ପୁଣି ଜୋରଦାର ଆରମ୍ଭ ହୋଇଛି। ଦୀର୍ଘ ଦିନ ଧରି କାର୍ଯ୍ୟ ବନ୍ଦ ରହିବା ଫଳରେ ପାର୍କ ପରିସର ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ବେଳେ ଗତ ତିନି ମାସ ମଧ୍ୟରେ ଏହାର ବିକାଶ କାର୍ଯ୍ୟ ନୂଆ ରୂପ ନେଇଛି। ପାର୍କର ଅସମ୍ପୂର୍ଣ୍ଣ ପାଚେରି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହିତ ଉକ୍ତ ୱାର୍ଡ ପାଇଁ ଏକ ନୂତନ ଶ୍ମଶାନ ନିର୍ମାଣ ଶେଷ ହୋଇଛି। ଫଳରେ ପୂର୍ବରୁ ପାର୍କ ପରିସରରେ ହେଉଥିବା ଶବଦାହ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଏହାଦ୍ୱାରା ପାର୍କର ମୂଳ ଉଦ୍ଦେଶ୍ୟ ପୂରଣ ହେବା ସହ ଏକ ଆକର୍ଷଣୀୟ ମନୋରଞ୍ଜନ ଓ ଅବସର ବିନୋଦନ ସ୍ଥଳୀ ଗଠନର ବାଟ ଫିଟିଛି। ବର୍ତ୍ତମାନ ପାର୍କ ପରିସରରେ ଶିଶୁମାନଙ୍କ ପାଇଁ ବିଭିନ୍ନ ଖେଳ ଉପକରଣ ଓ ବ୍ୟାୟାମ ପାଇଁ ଓପନ୍ ଜିମ୍ ସାମଗ୍ରୀ ସ୍ଥାପନ ସରିଛି। ଏହାସହ ଆକର୍ଷଣୀୟ ସେଲ୍ଫି ପଏଣ୍ଟ, ବ୍ରିଜ୍ ନିର୍ମାଣ ଓ ବ୍ୟାପକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଏହି ଜନହିତକର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବାରୁ ଦଶପଲ୍ଲା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କୁ ସ୍ଥାନୀୟ ବାସିନ୍ଦା ସାଧୁବାଦ ଜଣାଇଛନ୍ତି। ଖୁବ୍ଶୀଘ୍ର ଅବଶିଷ୍ଟ କାର୍ଯ୍ୟ ଶେଷ ହୋଇ ଏହା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।



ଦୁର୍ଘଟଣା ଆଶଙ୍କା ବାଙ୍କ ନିକଟ କୁ ମାଡ଼ିଲାଣି ଲତାବୁଦା ସଫା କରିବାକୁ ସାଧାରଣ ରେ ଦାବି



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ରାଞ୍ଚି ବିଜୟୱାଡ଼ା ରାସ୍ତା ର ବାଙ୍କ ଗୁଡିକ ରେ ପୁଣି ଲତାବୁଦା ଗୁଡ଼ିକ ମାଡ଼ି ଆସୁଥିବା ବେଳେ ରାସ୍ତା ରେ ଗାଡି, ମୋଟର ସାଇକେଲ,ସାଇକେଲ,ପଥ ଚାଳକ ପାଇଁ ବିପଦ ଆଶଙ୍କା ଆଣିଛୁ। ପାଟଣା ସ୍ଥିତି ପରମେଶ୍ୱର ମନ୍ଦିର ଯିବା ବାଙ୍କ, ମଙ୍ଗଳପୁର ରୁ ପାଟଣା ଆସିବା ପୋଲ ନିକଟ ତଥା ପୁଟୁଳିଆ କୁ ଆସିବା ବାଦୁଡ଼ିଘୋରା ରାସ୍ତା ଦୁଇ ପାର୍ଶ୍ୱ ରେ ଏପରି ଛୋଟ ଛୋଟ ଗଛ ଲତା ରାସ୍ତା କୁ କଡ କୁ ମାଡ଼ି ଆସୁଛି। ଜଣେ ଗାଡ଼ି ଚାଳକ ଅନ୍ୟ ଗାଡ଼ି କୁ ଆସୁଥିବା ଦେଖା ଯାଉ ନାହିଁ। ଫଳରେ କିଛି ମାସ ପରି ପରମେଶ୍ୱର ନିକଟ ରେ ଘଟିଥିବା ଦୁର୍ଘଟଣା ପରି ହେବାକୁ ଯାଉଛି। ଏଇ ପାଟଣା ଅଞ୍ଚଳ ର ବୁଦ୍ଧିଯିବୀ ମହଲ,ସାଧାରଣ ଏକ ଆଲୋଚନା ବିଷୟ ହୋଇଥିବା ବେଳେ ଏହାକୁ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଆକର୍ଷଣ କରିବା ସଫା କରିବାକୁ ଦାବି କରିଛନ୍ତି।

ଉପଲାଡ଼ାରେ ଜାତୀୟ କର୍କଟ ସଚେତନତା ଦିବସ ପାଳିତ



ଉପଲାଡ଼ା, (ମହାଭାରତ): ସେଣ୍ଟୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ଉଟଞ୍ଜଗ) ର ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ୭ ନଭେମ୍ବର ୨୦୨୬ ତାରିଖରେ ଉପଲାଡ଼ା ସରକାରୀ ବିଦ୍ୟାଳୟରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ କର୍କଟ ରୋଗ, ଏହାର କାରଣ, ବିପଦ କାରକ, ପ୍ରାରମ୍ଭିକ ଲକ୍ଷଣ, ପ୍ରତିରୋଧ ଏବଂ ଶୀଘ୍ର ରୋଗ ଚିହ୍ନଟର ଗୁରୁତ୍ୱ ବିଷୟରେ ସଚେତନ କରିବା। ଏହି କାର୍ଯ୍ୟକ୍ରମଟି ଉଟଞ୍ଜଗ ର ବି.ଏସ୍.ସି. ନର୍ସିଂ ତୃତୀୟ ସେମିଷ୍ଟରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହା ପ୍ରଧାନାଚାର୍ଯ୍ୟା ପ୍ରଫେସର ଏସ୍.ଏନ୍. ସନ୍ଧ୍ୟା ମ୍ୟାଡାମଙ୍କ ମାର୍ଗଦର୍ଶନରେ ଏବଂ ଶ୍ରୀମତୀ ସିମରନ୍ ପରିଛା ଓ ଶ୍ରୀମତୀ ଶ୍ରୁତିଙ୍କ ସଂଯୋଜନାରେ ସମ୍ପନ୍ନ ହୋଇଥିଲା। ନର୍ସିଂ ଛାତ୍ରଛାତ୍ରୀମାନେ କର୍କଟ ରୋଗ ସଚେତନତା ଓ ପ୍ରତିରୋଧ ବିଷୟରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସୁସ୍ଥ ଜୀବନଶୈଳୀ ଅନୁସରଣ, ତମାଖୁ ସେବନରୁ ଦୂରେଇ ରହିବା, କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ଏବଂ ସମୟୋଚିତ ଚିକିତ୍ସା ପରାମର୍ଶ ସେବା ଯୋଗାଇ ଦେଇଥିଲେ।

ଆଉ ନାହାନ୍ତି ପାଟଣା ବିଧାୟକ ଙ୍କ ସହଯୋଗୀ ବୃଷଭ ମହାନ୍ତ

ପାଟଣା:-(ମହାଭାରତ) ଆଉ ନାହାନ୍ତି ଅତି ଆପଣା ର ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ବ୍ୟକ୍ତିଗତ ସହଯୋଗୀ ତଥା ଜଣେ ପ୍ରଖର ରାଷ୍ଟ୍ରଭକ୍ତ ବିଜେପି କର୍ମୀ ବୃଷଭ ମହାନ୍ତ (୩୮)ଙ୍କ ର ଗତରାତି ୯ ଟା ରେ ଅକାଳ ବିୟୋଗ ଘଟିଛି।ସେ ମସ୍ତିଷ୍କାଘାତର ଶୀକାର ହୋଇଥିଲେ।କେନ୍ଦୁଝର ଜିଲ୍ଲା ଷଡ଼ଙ୍ଗୀ ପଞ୍ଚାୟତ ଖୁଣ୍ଟାପଡା ଗ୍ରାମ ବାସିନ୍ଦା ବୃଷଭ ମହାନ୍ତ ତାଙ୍କର ଅମାୟିକ ବ୍ୟବହାର ଓ ହସ ହସ ମୁହଁ ଯୋଗୁଁ ଅଞ୍ଚଳ ବାସୀ ଙ୍କ ର ବେଶ୍ ଜନପ୍ରିୟ ଥିଲେ ।ଖବର ପାଇ ଆଜି ସକାଳୁ ବିଧାୟକ ଶ୍ରୀ ନାଏକ, ବିଜେପି ର ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ ଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି।ବୃଷଭ ଙ୍କ ବିୟୋଗ ରେ ସାଂସଦ ଅନନ୍ତ ନାୟକ ,ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ,ବିଧାୟକ ଙ୍କ ପ୍ରତିନିଧି କମଳାକାନ୍ତ ଦାଶ ଓ ଭାବଗ୍ରାହୀ ମହାନ୍ତ ,ଗଣମାଧ୍ୟମ ପ୍ରତିନିଧି ନୃସିଂହ ନାଥ ସିଂହ ,କିଶୋର ଚନ୍ଦ୍ର ମହାନ୍ତ,ବିଜୟ ରତ୍ନ ପତି ,ପାର୍ଥ ସାରଥୀ ପାତ୍ର,ବୀରକିଶୋର ଦାଶ ,ସନ୍ତୋଷ ପତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗ ରେ ଗଭୀର ଶୋକ ବ୍ୟକ୍ତି କରିବା ସହ ଶୋକ ସନ୍ତପ ପରିବାର କୁ ସମବେଦନା ଜଣାଇଛନ୍ତି ।

ଜଣେ ଜଣେ ସବ୍ଇନ୍ସପେକ୍ଟରରେ ଚାଲୁଛି ଥାନା : ବଡ଼ ଅପରାଧର ତଦନ୍ତ ଭାର ନେବ କିଏ, ଅଭିଯୋଗକାରୀଙ୍କୁ ମିଳୁନି ତ୍ୱରିତ ନ୍ୟାୟ।



ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲାରେ ପୁଲିସ ଥାନା ଗୁଡ଼ିକ ଚଳାଇବା ମୁସ୍କିଲ ହୋଇପଡ଼ିଲାଣି। ବିଶେଷ କରି ଥାନା ଗୁଡ଼ିକରେ ସବ୍ଇନ୍ସପେକ୍ଟର (ଏସ୍ଆଇ) ଙ୍କ ଅଭାବ ସ୍ପଷ୍ଟ ଅନୁଭୂତ ହେଉଛି। କେବଳ ସେତିକି ନୁହେଁ ଆସିଷ୍ଟାଣ୍ଟ ସବ୍ଇନସପେକ୍ଟର (ଏଏସ୍ଆଇ) ଓ କନେଷ୍ଟବଳ ମଧ୍ୟ ଶତ ପ୍ରତିଶତ ନାହାନ୍ତି। ଫଳରେ ଥାନା ଅଧିକାରୀ ମାନେ ଅଧିକ ଚାପରେ ରହୁଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ, ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ମୁତାବକ, ନୟାଗଡ଼ ଜିଲ୍ଲାରେ ମୋଟ୍ ୧୩ ଟି ଥାନା ଓ ଗୋଟିଏ ସାଇବର ଥାନା ରହିଛି। ଅର୍ଥାତ ଏହି ୧୪ ଟି ଥାନା ପାଇଁ ମୋଟ୍ ଗୋଟିଏ ଡିଏସ୍ପି, ୧୭ ଇନ୍ସପେକ୍ଟର, ୩୦ ଏସ୍ଆଇ, ୫୮ ଏଏସ୍ଆଇ, ୧୪ ହାବିଲଦାର ଓ ୧୩୯ କନେଷ୍ଟବଳ ଆବଶ୍ୟକତା ରହିଛି। ସମସ୍ତ ଥାନାରେ ଇନ୍ସପେକ୍ଟର ରହିଥିବା ବେଳେ ୧୮ ଜଣ ଏସ୍ଆଇ, ୩୭ ଜଣ ଏଏସ୍ଆଇ, ୩ ଜଣ ହାବିଲଦାର ଓ ୧୦୫ ଜଣ କନେଷ୍ଟବଳ ରହିଛନ୍ତି। ଏମାନଙ୍କ ମଧ୍ୟରୁ କିଛି ଅବସର ନେବା ସମୟ ହୋଇଗଲାଣି, ଆଉ କିଛି ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବା ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଫଳରେ ସ୍ୱାଭାବିକ ଭାବେ ସେମାନଙ୍କର କାମ କରିବା ପାଇଁ ସେତେଟା ଆଗ୍ରହ ଆଉ ରହୁ ନଥିବା ଦେଖିବାକୁ ମିଳୁଛି। ବିଶେଷ କରି ଏସ୍ଆଇ ମାନଙ୍କର ଅଭାବ ଥାନା ଗୁଡ଼ିକୁ ବେଶି ଭାରାକ୍ରାନ୍ତ କରୁଛି। ଯେକୌଣସି ଥାନା ଅଞ୍ଚଳରେ ଏସ୍ଆଇ ମାନଙ୍କୁ ଘୋଡ଼ା ବୋଲି ବିବେଚନା କରାଯାଏ। ଯେଉଁମାନେ ଅପରାଧ ଘଟିଲେ କିମ୍ବା ପାଟ୍ରୋଲିଂ ସମୟରେ ବେଶ ଚଳଚଞ୍ଚଳ ରୁହନ୍ତି। ଯେହେତୁ ଥାନା ଗୁଡ଼ିକରେ ଏସ୍ଆଇ ରହୁ ନାହାନ୍ତି, ସେଥିପାଇଁ ମାମଲାର ତଦନ୍ତ ଭାର ଦେବାକୁ ଇନ୍ସପେକ୍ଟର ମାନଙ୍କୁ ବହୁ କସରତ କରିବାକୁ ପଡୁଛି। ନିୟମ ଦୃଷ୍ଟିରୁ ଥାନାରେ ଥିବା ଆସିଷ୍ଟାଣ୍ଟ ସବ୍ଇନସପେକ୍ଟର (ଏଏସ୍ଆଇ) ମାନେ ଗୁରୁତ୍ୱପୂର୍ଣ୍ଣ ମାମଲା ଗୁଡ଼ିକ ଯେପରି, ଦୁର୍ଘଟଣାରେ କୌଣସି ଲୋକଙ୍କ ମୃତ୍ୟୁ ହେଲେ କିମ୍ବା ଅସଦାଚରଣ, ଦୁଷ୍କର୍ମ ଓ ପକ୍ସୋ ମାମଲା ଆଦିର ତଦନ୍ତ ଦାୟିତ୍ୱ ନେଇପାରିବେ ନାହିଁ କେବଳ ପାଟିତୁଣ୍ଡ, ଗାଳି ଗୁଲଜ ଓ ଅନ୍ୟାନ୍ୟ ଛୋଟ ମାମଲା ଗୁଡ଼ିକର ସେମାନେ ତଦନ୍ତ କରିପାରିବେ। ନୟାଗଡ଼ର ସଦର, ଇଟାମାଟି, ନୂଆଗାଁ, ବାଣୀଗୋଛା ଓ ଗଣିଆ ଭଳି ଏକାଧିକ ଥାନାରେ ଏସ୍ଆଇ ମାନଙ୍କ ଅଭାବର ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଏମିତିକି ଗୋଟିଏ ଗୋଟିଏ ମାମଲା ତଦନ୍ତ ଆଦୌ ଆଗେଇ ପାରୁନି। ଯେହେତୁ ମାମଲା ଅଧିକ ରହୁଛି, ଏକୁଟିଆ ସମସ୍ତ ଘଟଣାର ତଦନ୍ତ କରିବା ସମ୍ଭବ ହେଉ ନାହିଁ ବୋଲି ଅଭିଯୋଗକାରୀଙ୍କୁ ପୁଲିସ ଅଧିକାରୀ ମାନେ ଖୋଲାଖୋଲି ଭାବେ କହୁଛନ୍ତି। କିଛିଦିନ ତଳେ ସାରା ରାଜ୍ୟରେ ୪ ଶହରୁ ଉର୍ଦ୍ଧ୍ୱ ଏସ୍ଆଇ ଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେଥିମଧ୍ୟରୁ ନୟାଗଡ଼ର ଭାଗ ମାତ୍ର ୪ଟି ପଡ଼ିଥିବା ଜଣାପଡ଼ିଛି। ଦିନ କୁ ଦିନ ନୟାଗଡ଼ର ଅପରାଧ ବଢ଼ି ଚାଲିଥିବା ବେଳେ ଅଳ୍ପ ସଂଖ୍ୟକ ପୁଲିସ ଅଧିକାରୀ ମାନଙ୍କୁ ନେଇ ଜିଲ୍ଲା ଚଳାଇବା ପୁଲିସ ମୁଖିଆଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏ ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର କୁହନ୍ତି, ଅଳ୍ପ ସଂଖ୍ୟକ ଏସ୍ଆଇଙ୍କୁ ନେଇ ଅପରାଧ ଓ ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ଯୋଜନା କରିବା ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ ତଥାପି ଜିଲ୍ଲା ପୁଲିସ ଏହାକୁ ଗ୍ରହଣ କରି ବିଭିନ୍ନ ଅପରେସନ୍କୁ ସଫଳତାର ସହ ଶେଷ କରୁଛନ୍ତି। ଅଧିକରୁ ଅଧିକ ଏସ୍ଆଇ ଙ୍କୁ ନିଯୁକ୍ତି ଦେବା ପାଇଁ ବିଭାଗକୁ ଜଣାଇ ଦିଆଯାଇଛି।



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ସାର୍ବଜନୀନ କାଳୀପୁଜାରେ ଓଡ଼ଗାଁ ଚଳଚଞ୍ଚଳ



ଓଡ଼ଗାଁ,(ମହାଭାରତ):ସାର୍ବଜନୀନ କାଳୀ ପୂଜାରେ ଓଡ଼ଗାଁ ଏନଏସି ଓ ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ନାନାରଙ୍ଗର ଆଲୋକ ମାଳାରେ ସୁସଜ୍ଜିତ ହୋଇ ଆକର୍ଷଣୀୟ ହୋଇଉଠିଛି ପୂଜାମଣ୍ଡପ।ଦୀର୍ଘ ବର୍ଷ ଧରି ଓଡ଼ଗାଁ ବ୍ଲକ୍ ସାମ୍ନା ପୂଜାମଣ୍ଡପରେ ଅନୁଷ୍ଠିତ ହେଉଥିବା କାଳୀପୂଜା ଚଳିତବର୍ଷ ୭୮ ବର୍ଷରେ ପଦାର୍ପଣ କରିଛି।ପୂଜାକମିଟି ସଭାପତି ଦାମୋଦର ଖିଲାର ସମ୍ପାଦକ ଉମାକାନ୍ତ ପଟ୍ଟନାୟକଙ୍କ ପରିଚାଳନାରେ ମା'କାଳୀଙ୍କ ପୂଜାର୍ଚ୍ଚନା ଧୁମଧାମରେ ପାଳିତ ହେଉଛି । ଆଦ୍ୟାଶକ୍ତିଙ୍କ ଆବାହନ ଓ ଆରାଧନାରେ ଶ୍ରଦ୍ଧାଳୁମାନେ ନିମଗ୍ନ ସ୍ତବ,ସ୍ତୁତି ପ୍ରାର୍ଥନା ସହିତ ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣରେ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ।ମା'ଙ୍କ ପୂଜାରେ କର୍ତ୍ତାଭାବେ ଅନ୍ନଦାକାନ୍ତ ବାହିନୀପତି ଦାୟିତ୍ୱ ନିର୍ବାହ କରିଥିବାବେଳେ ପୁରୋହିତ ଭାବେ ଭଗବାନ ଆଚାର୍ଯ୍ୟ କାର୍ଯ୍ୟ ତୁଲାଇଥିବା ଜଣାପଡ଼ିଛି । ମଦନମୋହନ ପାଠୀ,ଅରୁଣ ସାହୁ ଅଜିତ ପଟ୍ଟନାୟକ,ଗଜେନ୍ଦ୍ର ପ୍ରଧାନ,ସୁଶାନ୍ତ ପ୍ରଧାନ,ମାନସ ପଣ୍ଡା,ସୁଶାନ୍ତ ପାତ୍ରଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିବା ଜଣାପଡ଼ିଛି।ମଙ୍ଗଳବାର ପୂଜା ଉପଲକ୍ଷେ ପୂଜାକମିଟି ପକ୍ଷରୁ ଅନ୍ନକୁଟର ବ୍ୟବସ୍ଥା କରାଯାଇଛି ଓ ବୁଧବାର ମା'ଙ୍କର ଭସାଣୀ ଯାତ୍ରା ଅନୁଷ୍ଠିତ ହେବବୋଲି ପୂଜାକମିଟି ସମ୍ପାଦକ ଉମାକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି।

ରାଜଗାଙ୍ଗପୁର ମୁଖ୍ୟ ବଜାରରେ ବଡ଼ ଅଗ୍ନିକାଣ୍ଡକୁ ରୋକିଲା ଡାଲମିଆ ସିମେଣ୍ଟର ଅଗ୍ନିଶମ ବାହିନୀ

ରାଜଗାଙ୍ଗପୁର, (ମହାଭାରତ): ରାଜଗାଙ୍ଗପୁର ମୁଖ୍ୟ ବଜାରରେ ଗତକାଲି ଘଟିଥିବା ଏକ ଅଗ୍ନିକାଣ୍ଡରେ ଏକ ମୋବାଇଲ୍ ଦୋକାନ ନିଆଁରେ ପୋଡ଼ି ଯାଇଥିଲା। ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଡାଲମିଆ ସିମେଣ୍ଟର ଅଗ୍ନିଶମ ଟିମ୍ ନିଜସ୍ୱ ଅଗ୍ନିଶମ ଗାଡ଼ି ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ନିଆଁ ନିକଟସ୍ଥ ଅନ୍ୟ ଦୋକାନଗୁଡ଼ିକୁ ବ୍ୟାପିବାରୁ ରୋକାଯାଇପାରିଥିଲା।ଜନଗହଳିପୂର୍ଣ୍ଣ ମୁଖ୍ୟ ବଜାର ଅଞ୍ଚଳରେ ଡାଲମିଆ ସିମେଣ୍ଟର ଅଗ୍ନିଶମ ଟିମ୍‌ର ତ୍ୱରିତ ପଦକ୍ଷେପ ଏକ ବଡ଼ ଧରଣର ଅଘଟଣକୁ ଏଡ଼ାଇବାରେ ସହାୟକ ହୋଇଥିଲା। ସେମାନଙ୍କର ସମୟୋଚିତ ହସ୍ତକ୍ଷେପ ଯୋଗୁଁ ନିକଟସ୍ଥ ଦୋକାନଗୁଡ଼ିକ ସହ ବହୁମୂଲ୍ୟ ସାମଗ୍ରୀ ସୁରକ୍ଷିତ ରହିପାରିଥିଲା। ଏହା ସହିତ ଅନେକ ଜୀବନ ଓ କୋଟି କୋଟି ଟଙ୍କାର ସମ୍ପତ୍ତିର ସମ୍ଭାବ୍ୟ କ୍ଷତିକୁ ମଧ୍ୟ ରୋକାଯାଇପାରିଥିଲା। ଏହି ଘଟଣା ଜରୁରୀକାଳୀନ ପରିସ୍ଥିତିରେ ସଠିକ୍ ପ୍ରସ୍ତୁତି, ତ୍ୱରିତ ନିଷ୍ପତ୍ତି ଏବଂ ସମୟୋଚିତ ପଦକ୍ଷେପର ଗୁରୁତ୍ୱକୁ ପୁଣିଥରେ ପ୍ରମାଣିତ କରିଛି। ଡାଲମିଆ ସିମେଣ୍ଟର ଅଗ୍ନିଶମ କର୍ମଚାରୀମାନେ ନିଜର ଦକ୍ଷତା, ତତ୍ପରତା ଓ କର୍ତ୍ତବ୍ୟନିଷ୍ଠାର ପରିଚୟ ଦେଇ ଏକ ବଡ଼ ବିପର୍ଯ୍ୟୟକୁ ରୋକିବାରେ ସଫଳ ହୋଇଛନ୍ତି। ଡାଲମିଆ ସିମେଣ୍ଟ ନିଜର ଶିଳ୍ପାନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା ଓ ଜରୁରୀକାଳୀନ ପ୍ରସ୍ତୁତିକୁ ସର୍ବଦା ପ୍ରାଥମିକତା ଦେଇଆସିଛି। ଏହା ସହିତ ଶିଳ୍ପାନୁଷ୍ଠାନର ସୀମା ବାହାରେ ସ୍ଥାନୀୟ ସମାଜର ସୁରକ୍ଷା, କଲ୍ୟାଣ ଓ ବିକାଶ ପାଇଁ ମଧ୍ୟ କମ୍ପାନୀ ପ୍ରତିବଦ୍ଧ ରହିଛି।

କଣିହାଁ ପଞ୍ଚାୟତ ସମିତି ସଭାଗୃହ ଠାରେ ଅନୁଗୋଳ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର



କଣିହାଁ (ମହାଭାରତ) ସୋମବାର ଆଜି ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ଅନୁଗୋଳ ଅବ୍ଦାଲ ଏମ୍ ଅଖତର ଙ୍କ ଉପସ୍ଥିତି ରେ ମୋଟ ୬୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ୫୩ ଟି ଓ ଗ୍ରାମ୍ୟ ଭିତ୍ତିକ ୧୨ଟି । ଏହି ଶିବିର ସ୍ଥଳରେ ତୁରନ୍ତ ୦୯ ଟି ଅଭିଯୋଗର ଫଏସଲା (ଡଭ ଶ୍ୱଷର ଶ୍ୱକ୍କୃକ୍ଟଶ୍ୱ) କରାଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ଚାରି ଜଣଙ୍କୁ ଯଥା ବଜ୍ରକୋଟ ପଞ୍ଚାୟତର ତ୍ରିଲୋଚନ ବିଶି, ଦୁଃଶାସନ ମହାନ୍ତି ଙ୍କୁ ୫୦୦୦ ଲେଖାଏଁ କିଡନୀ ରୋଗର ଚିକିତ୍ସା ନିମନ୍ତେ ଏବଂ ଭକ୍ତବନ୍ଧୁ ଧିର ଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା, ଯୋଗିନାଥ ପ୍ରଧାନଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୫,୦୦୦ ଟଙ୍କା ଲେଖାଏଁ ର ଚେକ୍ ପ୍ରଦାନ କରାଯାଇଥିଲା। ଅଭିଯୋଗ ମୁଖ୍ୟତଃ ଗ୍ରାମ୍ୟ ସମସ୍ୟା, କଳକାରଖାନା ଦ୍ୱାରା ଅଧିଗୃହୀତ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧରେ, ରାସ୍ତାଘାଟ ମରାମତି , ପିଇବା ପାଣି, ଭତ୍ତା, ରାସନ, ଘର ଏବଂ ବ୍ୟକ୍ତି ଗତ ସମ୍ବନ୍ଧରେ ଆସିଥିଲା । ଏଥିରେ ଉପସ୍ଥିତ ଥିଲେ ଉପଜିଲ୍ଲାପାଳ ତାଳଚେର ପ୍ରଜ୍ଞା ନନ୍ଦନ ଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲିପ ପଟ୍ଟନାୟକ,ଉପ ଆରକ୍ଷୀ ଅଧିକ୍ଷକ ପାଲଲହଡା କୈଳାସ ଚନ୍ଦ୍ର ସେଠୀ,ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ପ୍ରଣବରଞ୍ଜନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଓଡ଼ଗାଁରେ ଯୋଗ୍ୟଙ୍କୁ ମିଳୁନି ଆବାସ

ଗୋଟିଏ ବଖରାରେ ମୁଣ୍ଡ ଗୁଞ୍ଜିଛନ୍ତି ଶଶୁର, ବୋହୂ, ଦୁଇଝିଅ




ଓଡ଼ଗାଁ,(ମହାଭାରତ):ଆଜିବି ଅନେକ ଲୋକ ଘରଖଣ୍ଡିଏ ନପାଇ ବହୁ ଅସୁବିଧାରେ ରହି ଆସୁଛନ୍ତି।ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଗରିବ ଶ୍ରେଣୀର ଏହି ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ କେନ୍ଦ୍ର ଆଉ ରାଜ୍ୟସରକାର କୋଟିକୋଟି ଟଙ୍କା ପାଣିଭଳି ଖର୍ଚ୍ଚ କରୁଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।ଗୋଟିଏ ବଖରା ଚାଳଘରେ ଶଶୁର,ବିଧବା ବୋହୁ ଓ ଦୁଇଝିଅ ବସବାସ କରୁଥିବା ଦେଖିବାକୁ ମିଳିଛି। ଓଡ଼ଗାଁ ବ୍ଲକରେ ଆବାସ ଯନ୍ତ୍ରଣାର ବିକଳଚିତ୍ର ସାମନାକୁ ଆସିଛି।ସୂଚନା ଅନୁଯାୟୀ ଓଡ଼ଗାଁ ବ୍ଲକ୍ ସାକେରି ପଞ୍ଚାୟତ ଗୋଡ଼ିପାଟଣା ଗ୍ରାମର ମମତା ସେଠି ଘର ଖଣ୍ଡିଏପାଇଁ ସମସ୍ତଙ୍କୁ ଗୁହାରି କଲେଣି।ସ୍ୱାମୀ ବଟକୃଷ୍ଣ ସେଠିଙ୍କ ୧୫ ବର୍ଷ ତଳେ ହୃଦଘାତରେ ମୃତ୍ୟୁ ହେବାପରେ ଦୁଇଝିଅଙ୍କୁ ପାଠପଢାଇବା ଓ ଘର ଖର୍ଚ୍ଚକରିବା ମମତାଙ୍କୁ ସମ୍ଭାଳିବାକୁ ପଡୁଛି।ଏହାସହିତ ଶଶୁର କାଶୀ ସେଠୀ ୮୫ ବାର୍ଦ୍ଧକ୍ୟ ସମୟରେ ତାଙ୍କ ଉପରେ ବୋଝ ସାଜିଛନ୍ତି।ମମତାଙ୍କୁ ବିଧବା ଭତ୍ତା ଯୋଜନାରେ ୧ ହଜାର ଟଙ୍କା ଓ ଶଶୁରଙ୍କ ୩୫୦୦ ଟଙ୍କାରେ କଷ୍ଟେ ମଷ୍ଟେ ଚଳିଯାଆନ୍ତି।ମୁଣ୍ଡ ଉପରେ ଛାତଟିକେ ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।୨୦ ବର୍ଷ ତଳେ ଶଶୁର କରିଥିବା ଗୋଟିଏ ବଖରା ଘର ଏବେ ସେମାନଙ୍କର ସାହାରା ପାଲଟିଛି।ଅର୍ଥ ଅଭାବରୁ ଦୁଇଝିଅଙ୍କ ପାଠପଢା ମଧ୍ୟ ବନ୍ଦ ହୋଇଯାଇଛି।ଏଭଳି ଦୟନୀୟ ସ୍ଥିତିରେ ସ୍ଥାନୀୟ ନେତା ଓ ପ୍ରଶାସନ ଦାଉସାଜିଛି।ସେ ସ୍ଥାନୀୟ ସରପଞ୍ଚ ଓ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କେହିକେବେ ଦୃଷ୍ଟି ଦେଇନାହାଁନ୍ତି।ପ୍ରତିବର୍ଷ ବ୍ଲକରୁ ଏକଟିମ୍ ଆସି ଘର ତଦନ୍ତକରି ଫେରୁଛନ୍ତି କିନ୍ତୁ ପରବର୍ତ୍ତୀ ସମୟରେ କାଟି ଦିଆଯାଉଛି।ଏବେ ଘର ଉପରେ ଜରିପାଲ ଟାଣି ପରିବାର ଲୋକେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି।ଯୋଗ୍ୟମାନଙ୍କୁ ପ୍ରଶାସନ ଅଣଦେଖାକରି ଅଯୋଗ୍ୟଙ୍କ ହାତକୁ ଘରଟେକି ଦେଉଥିବା ସେ ଅଭିଯୋଗ କରିଛନ୍ତି।ସରକାରୀ ବାବୁ ଆବାସ ଲୁଟ କରୁଥିବାବେଳେ ଗାଡ଼ି,ଘୋଡ଼ା ଓ ଧନୀକ ଶ୍ରେଣୀର ବ୍ୟକ୍ତିଙ୍କୁ ଆବାସ ଦିଆଯାଉଛି ଓ ଗରିବଙ୍କୁ ଆବାସ ଯୋଜନା ଉପହାସ ଭଳି ମନେ ହେଉଛି।ତୁରନ୍ତ ମମତା ସେଠିଙ୍କ ଆର୍ଥିକ ଅବସ୍ଥାକୁ ତଦନ୍ତକରି ଆବାସ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।କେବଳ ଗୋଡ଼ିପାଟଣା ଗ୍ରାମର ବିଧବା ମହିଳା ମମତା ସେଠିଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି ତାହାନୁହଁ ଅନେକ ବ୍ୟକ୍ତି ଆଜିବି ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି।ଆଉ କିଛି ବ୍ୟକ୍ତି ଆବାସକୁ ଚାହିଁଚାହିଁ ମୃତ୍ୟୁବରଣ କଲେଣି।ଏହି ଘଟଣାରେ ବିଡ଼ିଓ ପ୍ରତିବାଳା ରଣା ମମତାଙ୍କ ଘର ଯାଞ୍ଚ କରାଯିବ ଓ ଏଥିରେ ସତ୍ୟାସତ୍ୟ ଥିଲେ ଆବାସ ଯୋଜନାରେ ସାମିଲ କରାଯିବବୋଲି କହିଛନ୍ତି।

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ସାମିଲ ହେଲା ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟ



ଅସ୍ତରଙ୍ଗ (ମହାଭାରତ) : ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି ଓ ଗୁଣାତ୍ମକ ଶିକ୍ଷାର ସୁଯୋଗ ସମ୍ପ୍ରସାରଣ ଏବଂ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ୬୩୦ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଶିଳାନ୍ୟାସ କରାଯାଇଛି। ନଭେମ୍ବର ୬ ତାରିଖ ପୂର୍ବାହ୍ନ ୧୧ଟାରେ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆବାସି ମାଧ୍ୟମ ରେ ଏହି ବିଦ୍ୟାଳୟଗୁଡ଼ିକର ଶିଳାନ୍ୟାସ କରିଛନ୍ତି,ଏହି ଅବସରରେ ପୁରୀ ଜିଲ୍ଲାର ୧୦ ଟି ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ କରାଯାଇଥିବାବେଳେ,ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକ୍ ପଡ଼ିଆ ଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବ୍ଲକ୍ ଅଧ୍ୟକ୍ଷା ଆରତୀ ନାୟକ, ଉପାଧ୍ୟକ୍ଷ ଦୃଜୟ ମିଶ୍ର,ମଣ୍ଡଳ ଶିକ୍ଷା ଅଧିକାର ଶ୍ରୀକାନ୍ତ ସ୍ୱାଇଁ ,ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା ସମେତ ଅନେକ ସିଆରସିସି ଉପସ୍ଥିତ ରହିବା ସହ ଏହି ଯୋଜନା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଉନ୍ନତ ଶିକ୍ଷଣ ପରିବେଶ, ଆଧୁନିକ ଶିକ୍ଷା ସୁବିଧା ଓ ଉନ୍ନତ ଭିତ୍ତିଭୂମି ଉପଲବ୍ଧ କରାଇବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ଭାଷଣ ରେ ପ୍ରତିକ୍ରିୟା ରଖିଥିଲେ । ଶିଶୁ ବାଟିକା ରୁ +୨ ପର୍ଯ୍ୟନ୍ତ ବିଭିନ୍ନ ପାଠ୍ୟ ଖସଡା ରହିବ, ଏହା ସହ ଶାରୀରିକ, ମାନସିକ, ଡିଜିଟାଲ ଶିକ୍ଷା କୁ ଏହି ମାଧ୍ୟମ ରେ ବୃଦ୍ଧି କରାଯିବ, ଅସ୍ତରଙ୍ଗ ନୋଡାଲ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ଙ୍କ ତରଫରୁ ୬ କୋଟି ଟଙ୍କା ମଞ୍ଜୁର ହେବ ବୋଲି ଶିକ୍ଷା ଅଧିକାରୀ କହିଥିଲେ,ଏହା ଦ୍ୱାରା ଗ୍ରାମାଞ୍ଚଳର ଶିଶୁମାନଙ୍କୁ ମଧ୍ୟ ଉନ୍ନତ ଓ ଗୁଣାତ୍ମକ ସହିତ ଆଧୁନିକ ଶିକ୍ଷାର ସୁଯୋଗ ମିଳିପାରିବ। ରାଜ୍ୟ ସରକାର ଙ୍କ ଏହି ନିଷ୍ପତ୍ତି ପାଇଁ ସର୍ବଶେଷ ରେ ଉପସ୍ଥିତ ଅଭିଭାବକ, ଛାତ୍ର ଛାତ୍ରୀ ଓ ଅତିଥି ମାନେ ସରକାର ଙ୍କୁ ଭୂୟସୀ ପ୍ରଶଂସା କରିଥିଲେ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶତାଧିକ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ।

ରାମାସ୍ୱାମୀ ମନ୍ଦିରରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାମୁଣ୍ଡି ଜଗନ୍ନାଥ ମନ୍ଦିର ପରିସରରେ ଥିବା ରାମା ସ୍ୱାମୀ ମନ୍ଦିରରେ ଗିରି ଗୋବର୍ଦ୍ଧନ ପୂଜା ମହା ଆଡମ୍ବରରେ ହୋଇଯାଇଛି।ଇନ୍ଦ୍ରଙ୍କ କୋପରୁ ଗୋପପୁର ବାସୀଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ପ୍ରଭୂ ଶ୍ରୀ କୃଷ୍ଣ ନିଜ କାଣି ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତ ଉପରକୁ ଉଠାଇଥିଲେ।ସେହି ପୌରାଣିକ ସ୍ମୃତିକୁ ଆଧାର କରି ଗୋବର୍ଦ୍ଧନ ପୂଜା ଦୀପାବଳୀ ଅମାବାସ୍ୟା ପରଦିନ ଅନୁଷ୍ଠିତ ହୁଏ।ଏହି ପରିପେକ୍ଷୀରେ ପୂଜାର ଆୟୋଜନ ହୋଇଥିଲା। ସନ୍ଧ୍ୟା ଆଳତି ଦର୍ଶନ କରିବା ପାଇଁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭକ୍ତମାନେ ଠାକୁର ଙ୍କ ଆଶୀର୍ବାଦ ନେଇଥିଲେ। ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଯାଇଛି।

ବଣାଇମୁଣ୍ଡା ଆଶ୍ରମରେ ଅବ୍ୟବସ୍ଥାର ଚିତ୍ର

ପାଇଖାନାଠାରୁ ବାଥରୁମ୍ ପର୍ଯ୍ୟନ୍ତ ଜମି ରହିଛି ମଇଳା



ପାଟଣାଗଡ (ମହାଭାରତ):ଷଷ୍ଠ ଶ୍ରେଣୀର ଛୋଟ ଛୋଟ ପିଲାଙ୍କ ବହିପତ୍ର ଓ ଆବଶ୍ୟକୀୟ ସାମଗ୍ରୀ ଚୋରି ହେଉଥିବା ଅଭିଯୋଗ, ଆଶ୍ରମ କର୍ତ୍ତୃପକ୍ଷଙ୍କ ନିରବତାକୁ ନେଇ ଉଠିଲା ପ୍ରଶ୍ନ ।ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ବଣାଇମୁଣ୍ଡା ଆଶ୍ରମରେ ଦେଖିବାକୁ ମିଳିଛି ଅବ୍ୟବସ୍ଥାର ଏକ ଚିନ୍ତାଜନକ ଚିତ୍ର । ଯେଉଁ ଆଶ୍ରମରେ ଛୋଟ ଛୋଟ ପିଲାମାନେ ରହି ପାଠପଢ଼ି ନିଜ ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖୁଛନ୍ତି, ସେହି ଆଶ୍ରମରେ ମୌଳିକ ସ୍ୱଚ୍ଛତା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି ।ଅଭିଯୋଗ ଅନୁସାରେ, ଆଶ୍ରମର ପାଇଖାନାଠାରୁ ଆରମ୍ଭ କରି ବାଥରୁମ୍ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମଇଳା ଜମା ହୋଇ ପଡ଼ି ରହିଛି । ନିୟମିତ ସଫେଇ ହେଉ ନ ଥିବାରୁ ଚାରିଆଡ଼େ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଏଭଳି ଅପରିଷ୍କାର ପରିବେଶରେ ଛୋଟ ଛୋଟ ଛାତ୍ରଛାତ୍ରୀଙ୍କୁ ରହିବାକୁ ପଡୁଥିବା ଘଟଣା ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି । ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯଦି ଏଭଳି ଅବହେଳା ହୁଏ, ତେବେ ଏହାର ଦାୟିତ୍ୱ କିଏ ନେବେ ବୋଲି ପ୍ରଶ୍ନ ଉଠୁଛି ।ଅନ୍ୟ ପଟେ ଆଶ୍ରମରେ ରହୁଥିବା ଷଷ୍ଠ ଶ୍ରେଣୀର ଛୋଟ ଛୋଟ ପିଲାଙ୍କ ବହିପତ୍ର ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷପତ୍ର ଦିନକୁ ଦିନ ଚୋରି ହେଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି । ପିଲାମାନଙ୍କ ପାଠପଢ଼ା ପାଇଁ ଥିବା ବହି ଓ ବ୍ୟବହାର୍ଯ୍ୟ ସାମଗ୍ରୀ ଯଦି ସୁରକ୍ଷିତ ରହିପାରୁନାହିଁ, ତେବେ ଆଶ୍ରମର ସୁରକ୍ଷା ବ୍ୟବସ୍ଥା କେତେ ଦୃଢ଼, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଦିନକୁ ଦିନ ଏଭଳି ସମସ୍ୟା ବଢୁଥିବା ସତ୍ତ୍ୱେ ଏହାର ସମାଧାନ ପାଇଁ କାହାରି ଦୃଷ୍ଟି ପଡୁନଥିବା ନେଇ ଅଭିଯୋଗ ହେଉଛି । ଆଶ୍ରମରେ ରହୁଥିବା ନିରୀହ ଛାତ୍ରଛାତ୍ରୀମାନେ କାହା ଭରସାରେ ରହିବେ? ସେମାନଙ୍କ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପାଠପଢ଼ା ଓ ସୁରକ୍ଷା ଦାୟିତ୍ୱ କାହାର? ଆଶ୍ରମ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଓ ସମ୍ପୃକ୍ତ ବିଭାଗ ଏହି ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି କି ନାହିଁ, ତାହା ମଧ୍ୟ ତଦନ୍ତ ସାପେକ୍ଷ। ସରକାର ଛାତ୍ରଛାତ୍ରୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଉନ୍ନତ ଜୀବନଧାରଣ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଅନ୍ୟପଟେ ଏକ ଆଶ୍ରମରେ ଏଭଳି ଅବ୍ୟବସ୍ଥା ରହିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ । କେବଳ ଯୋଜନା କରିଦେଲେ ହେବ ନାହିଁ, ତାହାର ସଠିକ୍ କାର୍ଯ୍ୟକାରିତା ଓ ନିୟମିତ ତଦାରଖ ମଧ୍ୟ ଜରୁରୀ ।ତେଣୁ ବଲାଙ୍ଗୀର ଜିଲ୍ଲାପାଳ, ପାଟଣାଗଡ଼ ଉପଜିଲ୍ଲାପାଳ ଓ ସମ୍ପୃକ୍ତ ଶିକ୍ଷା ବିଭାଗ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ବଣାଇମୁଣ୍ଡା ଆଶ୍ରମରେ ତୁରନ୍ତ ତଦନ୍ତ କରିବା ସହ ସ୍ୱଚ୍ଛତା ଓ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି ହେଉଛି । ଛାତ୍ରଛାତ୍ରୀଙ୍କ ବହିପତ୍ର ଓ ସାମଗ୍ରୀ ଚୋରି ଅଭିଯୋଗର ମଧ୍ୟ ଉଚିତ ତଦନ୍ତ କରାଯାଉ । ପିଲାଙ୍କ ଭବିଷ୍ୟତ ସହ ଖେଳ ନ ହେଉ । ଆଶ୍ରମରେ ପରିଷ୍କାର ପରିବେଶ, ସୁରକ୍ଷିତ ରହଣି ଓ ଉତ୍ତମ ଶିକ୍ଷା ବ୍ୟବସ୍ଥା ଯୋଗାଇଦେବା ପ୍ରଶାସନର ପ୍ରାଥମିକ ଦାୟିତ୍ୱ । ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ କେବେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉଛି ।

ଜାତୀୟ ଆଇନ ସହାୟତା ଦିବସ

ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ତାଲୁକ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସୋମବାର ଜାତୀୟ ଆଇନ ସହାୟତା ଦିବସ ଅନୁଷ୍ଠିତ ଯାଇଛି।ଆଇନସେବା ପ୍ରାଧିକରଣର ସଚିବ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ନେତୃତ୍ୱରେ ଓଡ଼ଗାଁ ରଘୁନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ସଚେତନତା ଧର୍ମୀ ପଦଯାତ୍ରା ବାହାରି ଓଡ଼ଗାଁ ଥାନା ପ୍ରାଙ୍ଗଣରେ ସମାପ୍ତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ପିମିଟି ମହାବିଦ୍ୟାଳୟର ୩୦ ଜଣ ଛାତ୍ରଛାତ୍ରୀ,ସ୍ଥାନୀୟ ଆଇନଗତ ସହାୟକ ସ୍ୱେଚ୍ଛାସେବୀ ମାନେ ବରିଷ୍ଠ ନାଗରିକ,ଗରିବ ଓ ଅସହାୟ ମହିଳା ମାନଙ୍କୁ ମାଗଣା ଆଇନସେବା ସମ୍ବନ୍ଧରେ ପ୍ଲାକାର୍ଡ ମାଧ୍ୟମରେ ସଚେତନ କରାଇଥିଲେ।ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଗ୍ରାମ ନ୍ୟାୟାଳୟର ବିଚାରପତି ଏସ.ଆର. ତୋଷାଳୀ,ବରିଷ୍ଠ ଆଇନଜୀବୀ ଗୋବିନ୍ଦଚନ୍ଦ୍ର ସାହୁ,ଇନ୍ଦୁଭୁଷଣ ମିଶ୍ର,ପବିତ୍ର ମୋହନ ସାହୁ ଓ ସରକାରୀ ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ,ବସନ୍ତ କୁମାର ମହାନ୍ତି,କିଶୋର ଚନ୍ଦ୍ର ସାହୁ,ଚିରଞ୍ଜିବି ଦାଶ ଏବଂ ଆଦର୍ଶ ଥାନା କର୍ମଚାରୀ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମକୁ ଶ୍ରଦ୍ଧାଞ୍ଜଳି ରଥ ସଂଯୋଜନା କରିଥିବା ଜଣାପଡ଼ିଛି।

ବାଳିକା ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଶକ୍ତିସଂରକ୍ଷଣ ସଚେତନତା



ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଆନନ୍ଦସାହୁ ବାଳିକା ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଓ ଏନର୍ଜି କ୍ଲବ୍ ପକ୍ଷରୁ ଶକ୍ତିସଂରକ୍ଷଣ ନିମିତ୍ତ ଏକ ସଚେତନ ରାଲି ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ନଗର ପରିକ୍ରମା କରିବା ସହିତ ଶକ୍ତିର ସଦୁପଯୋଗ ଓ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନ କରାଇଥିଲେ।ଏନର୍ଜି କ୍ଲବ୍ ମୁଖ୍ୟ ବନିତା ମାଝୀ ଓ ଇକୋ କ୍ଲବ ମୁଖ୍ୟ ସସ୍ମିତା ପାଣିଗ୍ରାହି କାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ,ସୁଶାନ୍ତ କୁମାର ନାୟକ,ଶିକ୍ଷୟିତ୍ରୀ କଳ୍ପନା ପାଣିଗ୍ରାହୀ,ପୁଷ୍ପିତା ପାଣିଗ୍ରାହୀ ଓ ସିଖା ସାହୁ ପ୍ରମୁଖ ସହଯୋଗ କରିଥିବା ଜଣାପଡ଼ିଛି।

ଠାକୁରମୁଣ୍ଡା–ଆନନ୍ଦପୁର ରାସ୍ତାର ଦରଦରା ଛକରେ ମର୍ମନ୍ତୁଦ ଦୁର୍ଘଟଣା, ଜଣେ ମୃତ ଓ ୨ ଗୁରୁତର

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା–ଆନନ୍ଦପୁର ରାସ୍ତାର ଦରଦରା ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଅନ୍ୟ ଦୁଇ ଜଣ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ଗ୍ରାମର ମହାପାତ୍ର ସାହିର ୬ ଜଣ ଯୁବକ ଦୁଇଟି ବାଇକ୍‌ରେ ଭୀମକୁଣ୍ଡ ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ସନ୍ଧ୍ୟା ସମୟରେ ନିଜ ଘରକୁ ଫେରୁଥିବା ବେଳେ ଠାକୁରମୁଣ୍ଡା–ଆନନ୍ଦପୁର ରାସ୍ତାର ଦରଦରା ଛକ ନିକଟରେ ବାଇକ୍ ?ଗୁଡ଼ିକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।ଦୁର୍ଘଟଣାରେ ପ୍ରେମକୁମାର ନାଏକ (୧୯)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ରାହୁଲ ନାଏକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ସେ ଗୁରୁତର ହୋଇଥିଲେ। ସେହିପରି ପ୍ରଶାନ୍ତ ନାଏକ, ରତୁରାଜ ନାଏକ, ଛୁଟୁ ନାଏକ ଓ ଶିବୁ ଝାଲିଆ ମଧ୍ୟ ଏହି ଦୁର୍ଘଟଣାରେ ଆହତ ହୋଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ଠାକୁରମୁଣ୍ଡା ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ପରେ ସମସ୍ତ ଆହତଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କିଛି ଆହତଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଗୁରୁତର ଆହତ ଦୁଇ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଦୀପାବଳିରେ ମୋଦୀଙ୍କ ବଡ଼ ବୟାନ

ମା’ ଭାରତୀଙ୍କ ବୀର ପୁଅ ଓ ଝିଅ ମୋ ପରିବାର



ନୂଆଦିଲ୍ଲୀ, ୯।୧୧: ଏବେ ନକ୍ସଲବାଦର ଆତଙ୍କ ଶେଷ ହୋଇଛି ଏବଂ ବିକାଶର ନୂଆ ଧାରା ଆରମ୍ଭ ହୋଇଛି । ଆପଣମାନଙ୍କ ସହ ଦୀପାବଳି ପାଳନ କରିବା ପାଇଁ ମୁଁ ବସ୍ତରର ଜଙ୍ଗଲକୁ ଆସିଛି। ଏକଥା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଦୀପାବଳି ଅବସରରେ ଛତିଶଗଡ଼ର ବସ୍ତରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ‘ଆଜି ସାରା ଦେଶ ସମେତ ବିଶ୍ୱର କୋଣ ଅନୁକୋଣରେ କୋଟି କୋଟି ଭାରତୀୟ ଆଲୋକର ପବିତ୍ର ପର୍ବ ପାଳନ କରୁଛନ୍ତି। ଦୂରଦୂରାନ୍ତରୁ ଲୋକେ ନିଜ ଘରକୁ ଫେରୁଛନ୍ତି। ପରିବାର ଓ ଆତ୍ମୀୟସ୍ୱଜନଙ୍କ ସହ ମିଳାମିଶା କରିବାର ଏହା ଏକ ବଡ଼ ଉତ୍ସବ। ମୁଁ ମଧ୍ୟ ଆପଣମାନଙ୍କ ସହ ଦୀପାବଳି ପାଳନ କରିବାକୁ ଆସିଛି । ଯବାନଙ୍କ ସହ ପ୍ରତ୍ୟେକ ଦୀପାବଳି ମୋ ପାଇଁ ସ୍ମରଣୀୟ ରହିବ ।

ପ୍ରଧାନମନ୍ତ୍ରୀ କହିଥିଲେ ‘ସୀମାରେ ଓ ଦେଶ ଭିତରେ ରାଷ୍ଟ୍ରର ସୁରକ୍ଷା କରୁଥିବା, ଦେଶର ପ୍ରହରୀ, ମା’ ଭାରତୀଙ୍କ ବୀର ପୁଅ ଓ ଝିଅମାନେ ମୋର ନିଜ ପରିବାରର ସଦସ୍ୟ। ଆପଣମାନେ ସମସ୍ତେ ମୋ ପରିବାରର ଅଂଶ ବିଶେଷ। ହିମାଳୟର କୋଳରେ କାର୍ଗିଲରୁ ଲେପ୍‌ଚା ପର୍ଯ୍ୟନ୍ତ ଏବଂ ସମୁଦ୍ର କୂଳର ସର୍ କ୍ରିକ୍‌ରୁ ସମୁଦ୍ର ମଧ୍ୟରେ ଥିବା ଆଇଏନ୍‌ଏସ୍ ବିକ୍ରାନ୍ତ ପର୍ଯ୍ୟନ୍ତ ବୀର ଯବାନଙ୍କ ସହ ପାଳନ କରିଥିବା ପ୍ରତ୍ୟେକ ଦୀପାବଳି ମୋ ପାଇଁ ସ୍ମରଣୀୟ ହୋଇ ରହିଛି।’ ସେ କହିଥିଲେ, ୨୦୨୬ର ଏହି ଦୀପାବଳି ପ୍ରକୃତରେ ସ୍ୱତନ୍ତ୍ର। ଏହା ହେଉଛି ପ୍ରଥମ ଦୀପାବଳି, ଯେତେବେଳେ ଦେଶ ଦୀର୍ଘ ଦଶନ୍ଧି ଧରି ଚାଲିଥିବା ନକ୍ସଲବାଦ ଓ ମାଓବାଦୀ ଆତଙ୍କ ବିରୋଧୀ ଲଢ଼େଇରେ ବିଜୟ ହାସଲ କରିଛି। ଏହା ପ୍ରଥମ ଦୀପାବଳି, ଯେତେବେଳେ ଦେଶର ପ୍ରତ୍ୟେକ ଜିଲ୍ଲା ନକ୍ସଲବାଦରୁ ମୁକ୍ତ ହୋଇଛି। ଏହା ପ୍ରଥମ ଦୀପାବଳି, ଯେତେବେଳେ କୋଟି କୋଟି ଦେଶବାସୀ ନକ୍ସଲବାଦର ଭୟକୁ ପରାସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, ମାଓବାଦୀ ଆତଙ୍କ ଓ ନକ୍ସଲବାଦ ବିରୋଧୀ ଲଢ଼େଇ ଆଦୌ ସହଜ ନଥିଲା। ଏକ ସମୟରେ ଦେଶର ପ୍ରାୟ ୨୦ଟି ରାଜ୍ୟର ୨୩୦ରୁ ଅଧିକ ଜିଲ୍ଲା ନକ୍ସଲବାଦ ଦ୍ୱାରା ପ୍ରଭାବିତ ଥିଲା। ସନ୍ଧ୍ୟା ହେବା ପରେ ସେହି ଅଞ୍ଚଳଗୁଡ଼ିକରେ ଜୀବନଯାତ୍ରା ଠପ୍ ହୋଇଯାଉଥିଲା। ଏପରିକି ନକ୍ସଲମାନେ ଲୋକଙ୍କଠାରୁ ମତଦାନର ଅଧିକାର ମଧ୍ୟ ଛଡ଼ାଇ ନେଇଥିଲେ। ବିହାର, ମହାରାଷ୍ଟ୍ର, ଓଡ଼ିଶା, ମଧ୍ୟପ୍ରଦେଶ ଓ ଛତିଶଗଡ଼ ସମେତ ଦେଶର ଏକ ବଡ଼ ଅଞ୍ଚଳ ବାମପନ୍ଥୀ ଉଗ୍ରବାଦ କବଳରେ ଥିଲା। ହଜାର ହଜାର ଗାଁ, କୋଟି କୋଟି ଲୋକ ଏହାଦ୍ୱାରା ପ୍ରଭାବିତ ହେଉଥିଲେ। ଗୋଟିଏ ବର୍ଷରେ ୨ ହଜାର ପର୍ଯ୍ୟନ୍ତ ନକ୍ସଲ ଆକ୍ରମଣ ହେଉଥିଲା। ୨୦୧୦ରେ ଦନ୍ତେୱାଡ଼ାରେ ନକ୍ସଲଙ୍କ ସହ ମୁହାଁମୁହିଁ ସଂଘର୍ଷରେ ଆମର ୭୬ ଜଣ ସୁରକ୍ଷାକର୍ମୀ ସହିଦ ହୋଇଥିଲେ। ସେହି ୨୦୧୦ ମସିହାରେ ଦନ୍ତେୱାଡ଼ାରେ ଅନ୍ୟ ଏକ ଘଟଣାରେ ୪୪ ଜଣ ନିରୀହ ନାଗରିକଙ୍କୁ ହତ୍ୟା କରାଯାଇଥିଲା। ଏହି ମାଟି ଆମ ବୀର ଯବାନଙ୍କ ରକ୍ତରେ ରଞ୍ଜିତ ହୋଇଥିଲା। ଏହି ସମୟ ମଧ୍ୟରେ କେବଳ ଛତିଶଗଡ଼ରେ ୧ ହଜାରରୁ ଅଧିକ ଯବାନ ବଳିଦାନ ଦେଇଛନ୍ତି। ଆଇଇଡି ବିସ୍ଫୋରଣରେ ଅନେକ ଯବାନ ନିଜର ହାତ ଓ ଗୋଡ଼ ହରାଇଛନ୍ତି । ସେମାନଙ୍କୁ ସମ୍ମାନ ଦେବାର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ ।

‘ଏଥର ୩୦୦୦ ପାର’

ଦିଲ୍ଲୀ ବାୟୁ ଗୁଣବତ୍ତାକୁ ନେଇ ସିଜେପିର କଟାକ୍ଷ



ନୂଆଦିଲ୍ଲୀ, ୯।୧୧: ବାଣର ଶବ୍ଦ କମିଗଲା କିନ୍ତୁ ବିପଦ ଏବେ ବି ଟଳିନାହିଁ । ଦୀପାବଳି ପରଦିନ ଅର୍ଥାତ ଆଜିର ସକାଳ ଧୂଆଁମୟ ହୋଇଛି । ଦିଲ୍ଲୀ ବାୟୁରେ ବିଷ ଭରି ଯାଇଛି । ନିଶ୍ୱାସ ନେବା ଦିଲ୍ଲୀବାସୀଙ୍କ ପାଇଁ ମୁସକିଲ୍ ହୋଇଛି । ଦିଲ୍ଲୀ ବାୟୁ ଗୁଣବତ୍ତା ବା ଏକ୍ୟୁଆଇ ସାଙ୍ଘାତିକ ସ୍ଥିତିରେ ପହଞ୍ଚିଛି । ବିଭିନ୍ନ ଅଞ୍ଚଳରେ ଏକ୍ୟୁଆଇ ୩୫୦ ଅତିକ୍ରମ କରିଛି ଯାହା ଗୁରୁତର ବର୍ଗରେ ରେକର୍ଡ କରାଯାଇଛି। ଏହାକୁ ନେଇ ଶାସକ ବିରୋଧୀ ମୁହାଁମୁହିଁ ହୋଇଛନ୍ତି । ବାୟୁ ପ୍ରଦୂଷଣକୁ ନେଇ ପ୍ରକାର ରାଜନୀତି ଆରମ୍ଭ ହୋଇଛି । ସିଜେପି ଦିଲ୍ଲୀ ପ୍ରଦୂଷଣକୁ ନେଇ କଟାକ୍ଷ କରିଛନ୍ତି । ଏଥର ବାୟୁ ଗୁଣବତ୍ତା ୩ ହଜାର ଛୁଇଁବ ବୋଲି ସମାଲୋଚନା କରିଛି କକ୍ରୋଚ୍ ଜନତା ପାର୍ଟି। ଦୀପାବଳି ଆତସବାଜି ପରେ, ଦିଲ୍ଲୀ-ଏନସିଆର ସମେତ ଦେଶର ଅନେକ ସହରରେ ଇଛଓ ରେକର୍ଡ ଭାଙ୍ଗିଛି । ରବିବାର ରାତି ପରେ ସୋମବାର ସକାଳେ ପରିସ୍ଥିତି ଖରାପ ରହିଥିଲା । ଏଥିପାଇଁ ସିଜେପି ସରକାରଙ୍କୁ ସମାଲୋଚନା କରିଛି । ସିଜେପି ସୋସିଆଲ ମିଡିଆରେ ଏକ ସ୍କ୍ରିନସଟ୍ ସେୟାର କରି ଦାବି କରିଛନ୍ତି ଯେ ଇଛଓ ୩୦୦୦ ଅତିକ୍ରମ କରିଛି । ସୋମବାର ସକାଳେ ଦିଲ୍ଲୀର ଇଛଓ ପ୍ରାୟ ୯୫୦ ଥିଲା । ସିଜେପି ଏକ୍ସ ହ୍ୟାଣ୍ଡଲରେ ଲେଖିଛି, ଏଥର ୩ ହଜାର ପାର୍। ସେ ରବିବାର ରାତି ପ୍ରାୟ ୧୧:୨୧ ସମୟରେ ଏମବିଏସ ନଗର ଚୌଖଣ୍ଡିରେ ବାୟୁ ଗୁଣବତ୍ତା ସୂଚକାଙ୍କ ୩୦୩୬ ଥିବା ଏକ ସ୍କ୍ରିନସଟ୍ ସେୟାର କରିଥିଲେ। ନଗର ଚୌଖଣ୍ଡି ପଶ୍ଚିମ ଦିଲ୍ଲୀର ଏକ ଅଂଶ । ଏହା ତିଲକ ନଗର ଏବଂ ମୁଖାର୍ଜୀ ପାର୍କ ନିକଟରେ ଅବସ୍ଥିତ। ଦୀପାବଳି ରାତିରେ, ଏହି ଅଞ୍ଚଳ, ସମଗ୍ର ଦିଲ୍ଲୀ-ଏନସିଆର ସହିତ, ଏକ ଗ୍ୟାସ୍ ଚାମ୍ବରରେ ପରିଣତ ହୋଇଥିଲା । ଦିଲ୍ଲୀ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟି (ଡିଟିୟୁ) ଏବଂ ବୁରାରୀ କ୍ରସିଂର ମନିଟରିଂ ଷ୍ଟେସନରେ ବାୟୁର ଗୁଣବତ୍ତା ଖରାପ ରେକର୍ଡ କରାଯାଇଥିଲା। ଏକ୍ୟୁଆଇ ୪୩୭-୪୩୭ ଥିଲା। ଅନ୍ୟ ଚାରିଟି ମନିଟରିଂ ଷ୍ଟେସନରେ ବାୟୁ ଗୁଣବତ୍ତା ‘ଖରାପ’ ବର୍ଗରେ ରେକର୍ଡ ହୋଇଥିବା ବେଳେ ଅବଶିଷ୍ଟଗୁଡିକ ‘ଅତି ଖରାପ’ ବର୍ଗରେ ରେକର୍ଡ କରାଯାଇଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ, ୦ରୁ ୫୦ ମଧ୍ୟରେ ଥିବା ଏକ୍ୟୁଆଇ ‘ଭଲ’, ୫୧ ରୁ ୧୦୦ ‘ସନ୍ତୋଷଜନକ’, ୧୦୧ ରୁ ୨୦୦ ‘ମଧ୍ୟମ’, ୨୦୧ ରୁ ୩୦୦ ‘ଖରାପ’, ୩୦୧ ଏବଂ ୪୦୦ ‘ଅତ୍ୟନ୍ତ ଖରାପ’ ଏବଂ ୪୦୧ ଏବଂ ୫୦୦ ‘ଗୁରୁତର’। ବାୱାନା, ବୁରାରୀ, ଜାହାଙ୍ଗୀରପୁରୀ, ସୋନିଆ ବିହାର, ପଞ୍ଜାବୀ ବାଗ, ଓଖଲା ଏବଂ ରୋହିଣୀ ସମେତ ଅନେକ ଅଞ୍ଚଳରେ ବାୟୁର ଗୁଣବତ୍ତା ‘ଗୁରୁତର’ ବର୍ଗରେ ରହିଛି। ସାର୍ବଜନୀନ ବାୟୁ ଗୁଣବତ୍ତା ମନିଟରିଂ ପ୍ଲାଟଫର୍ମ ଇଛଓ.ସଭ ଅନୁଯାୟୀ, ଦୀପାବଳି ପରେ ଦିଲ୍ଲୀର ଇଛଓ ବୃଦ୍ଧି ପାଇ ୨,୨୮୩ ରେ ପହଞ୍ଚିଛି। ସୋମବାର ସକାଳେ, ପ୍ଲାଟଫର୍ମରେ ଇଛଓ ୬୩୭ ରେକର୍ଡ କରାଯାଇଥିଲା, ଯାହା ‘ବିପଜ୍ଜନକ’ ବର୍ଗରେ ରହି।

ଆଜିଠୁ ୯୬% ପର୍ଯ୍ୟନ୍ତ କମିବ କ୍ୟାନସର ଔଷଧର ଦାମ୍

ନୂଆଦିଲ୍ଲୀ, ୯।୧୧: କର୍କଟ ରୋଗୀଙ୍କ ପାଇଁ ଆଶ୍ୱସ୍ତିକର ଖବର। ଦୀପାବଳି ପରଠାରୁ ଅର୍ଥାତ ନଭେମ୍ବର ୯ ତାରିଖଠାରୁ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନ୍‌ପିପିଏ) ୧୩୭ଟି କର୍କଟ ନିରୋଧୀ ଔଷଧର ଦାମ ୯୬% ପର୍ଯ୍ୟନ୍ତ କମିଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ଦ୍ୱାରା ଗତ ଅକ୍ଟୋବର ୧୭ରେ ଗଠିତ ବିଶେଷଜ୍ଞ କମିଟିର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଔଷଧଗୁଡ଼ିକର ସଂଶୋଧିତ ମୂଲ୍ୟ ନଭେମ୍ବର ୯ରୁ ଲାଗୁ ହେବ। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ପ୍ରତ୍ୟେକ ଖୁଚୁରା ଔଷଧ ବିକ୍ରେତା, ଡିଲର, ହସ୍ପିଟାଲ ଓ ଅନୁଷ୍ଠାନ ନିଜ ୱେବ୍‌ସାଇଟ୍ ଏବଂ ପରିସରରେ କର୍କଟ ନିରୋଧୀ ଔଷଧଗୁଡ଼ିକର ସଂଶୋଧିତ ଏମ୍ଆରପି ତାଲିକାକୁ ସ୍ପଷ୍ଟ ଭାବେ ପ୍ରଦର୍ଶନ କରିବା ବାଧ୍ୟତାମୂଳକ। ଏନ୍‌ପିପିଏର ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ଔଷଧ ନିୟନ୍ତ୍ରକମାନେ ଔଷଧ ନିର୍ମାତା, ଡିଲର, ହସ୍ପିଟାଲ ଓ ଚିକିତ୍ସା ଅନୁଷ୍ଠାନଗୁଡ଼ିକ ନିୟମ ପାଳନ କରୁଛନ୍ତି କି ନାହିଁ, ତାହା ତଦାରଖ କରିବେ।

ସ୍ତନ କର୍କଟ ଚିକିତ୍ସାରେ ବ୍ୟବହୃତ କ୍ୟାପସୁଲ୍ ପାଲବୋର ଦାମ୍ ୪୦ ହଜାର ଟଙ୍କାରୁ ହ୍ରାସ ପାଇ ୨,୭୦୦ ଟଙ୍କା ହୋଇପାରେ। ପ୍ରୋଷ୍ଟେଟ୍ କର୍କଟ ଚିକିତ୍ସାରେ ବ୍ୟବହୃତ ଅରଭିନ୍‌କେୟାର ଫାର୍ମାର ଔଷଧ ଏବିରୋନ୍‌ର ଦାମ୍ ୪୧ ହଜାର ଟଙ୍କାରୁ କମି ୩ ହଜାର ଟଙ୍କା ହୋଇପାରେ। ସେହିପରି ରିଲାଏନ୍ସ ଲାଇଫ୍ ସାଇନ୍ସେସ୍‌ର ଡେନ୍‌ଅଷ୍ଟିଓରେଲ୍‌ର ଦାମ୍ ୨୪ ହଜାର ଟଙ୍କାରୁ କମି ୬ ହଜାର ଟଙ୍କା ହୋଇପାରେ। ଜାଇଡସ୍ ଲାଇଫ୍ ସାଇନ୍ସେସ୍‌ର ଫୁସ୍‌ଫୁସ୍ ଓ ଗର୍ଭାଶୟ ଗ୍ରୀବା କର୍କଟ ଚିକିତ୍ସାରେ ବ୍ୟବହୃତ ଔଷଧର ଦାମ୍ ମଧ୍ୟ ୯୬ ପ୍ରତିଶତ ପର୍ଯ୍ୟନ୍ତ କମିପାରେ। ଔଷଧ ନିର୍ମାତାଙ୍କଠାରୁ ବିତରକ କିଣୁଥିବା ମୂଲ୍ୟ ଏବଂ ଔଷଧର ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍ଆରପି) ମଧ୍ୟରେ ଥିବା ପାର୍ଥକ୍ୟକୁ ଟ୍ରେଡ୍ ମାର୍ଜିନ୍ କୁହାଯାଏ। ଏହି ପାର୍ଥକ୍ୟ ଅଧିକ ହେଲେ ବ୍ୟବସାୟୀମାନେ ଅଧିକ ଲାଭ କରିଥାନ୍ତି ଏବଂ ଔଷଧକୁ ମନଇଚ୍ଛା ଦରରେ ବିକ୍ରି କରିବାର ସୁଯୋଗ ମିଳିଥାଏ। ଫଳରେ ରୋଗୀମାନେ ଅଧିକ ଆର୍ଥିକ ବୋଝର ସମ୍ମୁଖୀନ ହୋଇଥାନ୍ତି।

ମଣିପୁରରେ ହେବନି ଜନଗଣନା

ହିଂସା ଯୋଗୁଁ ହାଇକୋର୍ଟ ଲଗାଇଲେ ସ୍ଥଗିତାଦେଶ



ନୂଆଦିଲ୍ଲୀ, ୯।୧୧: ମଣିପୁରରେ ଜାତିଗତ ହିଂସା ଓ ବଡ଼ ପରିମାଣ ବିସ୍ଥାପନ ମଧ୍ୟରେ ଜନଗଣନା ୨୦୨୭କୁ ନେଇ ଆସିଛି ବଡ଼ ଖବର। ରାଜ୍ୟରେ ହେବାକୁ ଥିବା ଜନଗଣନା ପ୍ରକ୍ରିୟା ଉପରେ ୩୦ ଏପ୍ରିଲ ୨୦୨୭ ପର୍ଯ୍ୟନ୍ତ ରୋକ୍ ଲଗାଇଛନ୍ତି ମଣିପୁର ହାଇକୋର୍ଟ। ମୁଖ୍ୟ ବିଚାରପତି ଏମ୍. ସୁନ୍ଦରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ରେଜିଷ୍ଟ୍ରାର ଜେନେରାଲ୍ ଓ ସେନ୍ସସ୍ କମିଶନରଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଜନଗଣନା ଆରମ୍ଭ ପୂର୍ବରୁ ଆସିଥିବା ସମସ୍ତ ଆପତ୍ତି ଓ ଆବେଦନର ବିଚାର କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ କୋର୍ଟ କହିଛନ୍ତି। କାଙ୍ଗଲେଇପାକ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (KSA), ଇଣ୍ଟରନ୍ୟାସନାଲ୍ ପିସ୍ ଆଣ୍ଡ ସୋସିଆଲ୍ ଆଡଭାନ୍ସମେଣ୍ଟ (IPSA) ସମେତ ଅନ୍ୟ ପକ୍ଷଙ୍କ ଦ୍ୱାରା ଦାଖଲ ଯାଚିକାର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯାଚିକାରେ ମଣିପୁରରେ ହୋଇଥିବା ହିଂସା ପରେ ଜନସଂଖ୍ୟାରେ ପରିବର୍ତ୍ତନ ଏବଂ ଲୋକଙ୍କ ବିସ୍ଥାପନକୁ ନେଇ ଚିନ୍ତା ପ୍ରକାଶ କରାଯାଇଛି। ହିଂସାରେ ହଜାର ହଜାର ଘର ନଷ୍ଟ ହୋଇଥିବା ବେଳେ ଅନେକ ଲୋକ ନିଜ ଗାଁ ଛାଡ଼ି ରିଲିଫ୍ କ୍ୟାମ୍ପରେ ରହିବାକୁ ବାଧ୍ୟ ହୋଇଛନ୍ତି। ଅନେକ ରାସ୍ତା ମଧ୍ୟ ବନ୍ଦ ରହିଛି। ଏଭଳି ପରିସ୍ଥିତିରେ ରାଜ୍ୟର ପ୍ରକୃତ ଜନସଂଖ୍ୟାର ସଠିକ୍ ଆକଳନ କରିବା କଷ୍ଟକର ବୋଲି ଆବେଦନକାରୀ ଯୁକ୍ତି ରଖିଛନ୍ତି। ଏହା ସହ ପାହାଡ଼ିଆ ଅଞ୍ଚଳରେ ଅନେକ ଅନଧିକୃତ ଗାଁ ଗଢ଼ିଉଠିଥିବା ଏବଂ ବାହାର ଲୋକ ଓ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରବେଶ ଯୋଗୁଁ ଜନସଂଖ୍ୟାର ସନ୍ତୁଳନ ବଦଳିଥିବା ନେଇ ମଧ୍ୟ ଆବେଦନରେ ଅଭିଯୋଗ କରାଯାଇଛି। ତେବେ ଏହା ଆବେଦନକାରୀଙ୍କ ଦାବି, ଏହାକୁ ନେଇ ଚୂଡ଼ାନ୍ତ ନିଷ୍କର୍ଷ ଆସିନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଆବେଦନକାରୀଙ୍କ ସମେତ ଅନ୍ୟ କୌଣସି ସଂଗଠନ କିମ୍ବା ବ୍ୟକ୍ତି ୨୫ ନଭେମ୍ବର ୨୦୨୬ ମଧ୍ୟରେ ଜନଗଣନା କମିଶନରଙ୍କ ନିକଟରେ ନିଜର ଅତିରିକ୍ତ ଆପତ୍ତି ଓ ଆବେଦନ ଦାଖଲ କରିପାରିବେ। ଏହାପରେ ରେଜିଷ୍ଟ୍ରାର ଜେନେରାଲ୍ ଜନଶୁଣାଣି କିମ୍ବା ସାର୍ବଜନୀନ ପରାମର୍ଶ ପ୍ରକ୍ରିୟା ମାଧ୍ୟମରେ ସମସ୍ତ ପକ୍ଷଙ୍କ ମତାମତ ଶୁଣି ୩୦ ଏପ୍ରିଲ ୨୦୨୭ ସୁଦ୍ଧା ଏକ ବିସ୍ତୃତ ଚୂଡ଼ାନ୍ତ ଆଦେଶ ଜାରି କରିବେ।

ଲିଭ ଇନ୍ ପାର୍ଟନରଙ୍କୁ ନିର୍ମମ ଭାବେ ହତ୍ୟା

ନୂଆଦିଲ୍ଲୀ, ୯।୧୧: ବାହା ନ ହୋଇ ଏକାଠି ରହୁଥିଲେ। ଉଭୟଙ୍କ ମଧ୍ୟରେ ଥିଲା ଲିଭ ଇନ ସମ୍ପର୍କ। କୋଲକାତାର ଗାରିଆ ଅଞ୍ଚଳରେ ଉଭୟ ଗୋଟିଏ ଫ୍ଲାଟକୁ ଭଡ଼ାରେ ନେଇ ସେଠାରେ ରହୁଥିଲେ। ଯୁବକ ଜଣଙ୍କ ଜଣେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାମ ବି କରୁଥିଲେ। ହେଲେ ଶନିବାର ରାତିରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ହୋଇଥିଲା ଯୁକ୍ତିତର୍କ। ଆଉ ଶେଷରେ ଯୁବତୀ ଜଣଙ୍କ ତାଙ୍କର ୨୫ ବର୍ଷୀୟ ଲିଭ ଇନ ପାର୍ଟନରଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହାଣି ହତ୍ୟା କରିଛନ୍ତି। ପୁଲିସ୍ ଏହି ହତ୍ୟାକାଣ୍ଡ ଘଟଣାରେ ସଞ୍ଚଳିକା ବାସୁ ଓ ତାଙ୍କ ମା’ ମୌମିତା ବାସୁଙ୍କୁ ଗିରଫ କରିଛି। ମୃତକ ଜଣଙ୍କ ହେଲେ ଉତ୍ତର ୨୪ ପ୍ରଗଣା ଅନ୍ତର୍ଗତ ବାରାସତର ମୂଳବାସିନ୍ଦା ସାର୍ଥକ ସରକାର। ସେ ସଲ୍ଟ ଲେକର ସେକ୍ଟର ଭି ସ୍ଥିତ କୋଲକାତାର ଆଇଟି ହବର ଗୋଟିଏ କମ୍ପାନୀରେ କାମ କରୁଥିଲେ। ସେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାମ କରିବା ସହ ଗାରିଆର ଫର୍ତାବାଦ ଅଞ୍ଚଳରେ ଗୋଟିଏ ଫ୍ଲାଟ ଭଡ଼ାରେ ନେଇ ରହୁଥିଲେ। ସାର୍ଥକଙ୍କ ସହ ଅନେକ ସମୟରେ ସଞ୍ଚଳିକାଙ୍କୁ ମଧ୍ୟ ସେଠାରେ ଦେଖିବାକୁ ମିଳିଥିଲା। ଶନିବାର ମଧ୍ୟାହ୍ନରେ ସାର୍ଥକ ଓ ସଞ୍ଚଳିକା କାଳୀ ପୂଜା ପାଇଁ ବାଣ କିଣିବାକୁ ଯାଇଥିଲେ। ବାଣ ସହ ମାଂସ କିଣି ବେଶ ଖୁସିବାସୀରେ ଫ୍ଲାଟକୁ ଫେରିଥିଲେ। କିନ୍ତୁ ଫ୍ଲାଟରେ ପହଞ୍ଚିବା ପରେ ସବୁ କିଛି ବଦଳି ଯାଇଥିଲା।

ଜୀବନ୍ତ ଜଳିଗଲେ ହରିୟାଣାରୁ ହରିଦ୍ୱାର ଯାଉଥିବା ୬ ଯାତ୍ରୀ

ମୁଜାଫରନଗର, ୯।୧୧: ଉତ୍ତରପ୍ରଦେଶର ମୁଜାଫର ନଗରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ରାସ୍ତା ଉପରେ ଜଳିଗଲା କାର। ୬ ଜୀବନ୍ତ ଦଗ୍ଧ । ସୂଚନା ଅନୁସାରେ, ସୋମବାର ସକାଳେ, ପାନିପତ-ଖାତିମା ରାଜପଥରେ ଏକ କାର୍ ଶାମଲିରୁ ମୁଜାଫରନଗର ଅଭିମୁଖେ ଦ୍ରୁତ ଗତିରେ ଯାଉଥିଲା । ଟିଟାଭି ଥାନା ଅଞ୍ଚଳର ଜାଗାହେରୀ ସେତୁ ନିକଟରେ, କାରଟି ନିୟନ୍ତ୍ରଣ ହରାଇ ଏକ ଡିଭାଇଡରରେ ଧକ୍କା ଦେଇଥିଲା ଏବଂ ରାସ୍ତାର ଅନ୍ୟ ପାର୍ଶ୍ୱରେ ଓଲଟି ପଡ଼ିଥିଲା । ତେବେ ଏହି ଦ୍ରୁତଗାମୀ କାର୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଥିଲା । ଏହି ଭୟଙ୍କର ଦୁର୍ଘଟଣା ପରେ କାର୍ ରେ ହଠାତ୍ ନିଆଁ ଲାଗିଯାଇଥିଲା । ନିଆଁ ଏତେ ପ୍ରଚଣ୍ଡ ଥିଲା ଯେ କାର୍ ଭିତରେ ଥିବା ଯାତ୍ରୀମାନେ ବାହାରକୁ ବାହାରିବାର କୌଣସି ସୁଯୋଗ ମିଳି ନଥିଲା । ଫଳରେ ଗାଡ଼ି ଭିତରେ ପୋଡ଼ି ହୋଇ ୬ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ମହିଳା ଏବଂ ଏକ ଶିଶୁ ରହିଥିବା ଜଣାପଡ଼ିଛି । ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବା ସହ ମୃତଦେହଗୁଡ଼ିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ପାରିନାହିଁ । ଏହି ଅଘଟଣ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଛି ।

ବହୁଚର୍ଚ୍ଚିତ ଭାଗୀରଥୀ ମାଣ୍ଡାଙ୍ଗି ହତ୍ୟା ମାମଲା

ପୂର୍ବତନ ସାଂସଦ ଏନ୍. ଭାସ୍କର ରାଓଙ୍କ ଆତ୍ମସମର୍ପଣ



ନୂଆଦିଲ୍ଲୀ, ୯।୧୧: ବହୁଚର୍ଚ୍ଚିତ ଭାଗୀରଥୀ ମାଣ୍ଡାଙ୍ଗି ହତ୍ୟା ମାମଲାରେ ନୂଆ ମୋଡ଼। ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ ରାୟଗଡ଼ା ଝଡଓଁଗ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସୁପ୍ରିମକୋର୍ଟ ତାଙ୍କୁ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଦୁଇ ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟର ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଜଷ୍ଟିସ୍ ସଞ୍ଜୀବ ସଚଦେବାଙ୍କ ଖଣ୍ଡପୀଠ ୨୬ ଅକ୍ଟୋବରରେ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଥିଲେ। ଓଡ଼ିଶା ହାଇକୋର୍ଟ ଅଭିଯୁକ୍ତମାନଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିମ୍ନ ଅଦାଲତକୁ ନିର୍ଦ୍ଦିଷ୍ଟ ସର୍ତ୍ତରେ ନିୟମିତ ଜାମିନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶକୁ ଆଇନସମ୍ମତ ନୁହେଁ ବୋଲି କହିଥିଲେ। ଏହାପରେ ରାୟଗଡ଼ା ଝଡଓଁଗ କୋର୍ଟ ପକ୍ଷରୁ ଜାନୁଆରୀ ୩୦, ୨୦୨୬ରେ ଦିଆଯାଇଥିବା ଜାମିନ ଆଦେଶକୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ବାତିଲ କରିଦେଇଥିଲେ। ଏହାସହ ଭାସ୍କର ରାଓଙ୍କ ସମେତ ଇପିଲି ସନ୍ୟାସୀ ରାଜୁ, ପି. ଦିଲୀପ କୁମାର, ଏନ୍. ଆଦିନାରାୟଣ ଏବଂ କେ. କ୍ରିଷ୍ଣା ରାଓଙ୍କୁ ଦୁଇ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା। ଓଡ଼ିଶା ହାଇକୋର୍ଟ ମଧ୍ୟ ନଭେମ୍ବର ୬ରେ ସ୍ପଷ୍ଟ କରିଥିଲେ ଯେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଅଭିଯୁକ୍ତମାନଙ୍କ ପାଖରେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ। ଦୁଇ ସପ୍ତାହର ସମୟସୀମା ନଭେମ୍ବର ୯ରେ ଶେଷ ହେବ ବୋଲି ମଧ୍ୟ ହାଇକୋର୍ଟ ଉଲ୍ଲେଖ କରିଥିଲେ।

ଦୀପାବଳିରେ ମୃତ୍ୟୁର ତାଣ୍ଡବ

ଅଗ୍ନିକାଣ୍ଡରେ ଦୁଇ ମାସର ଶିଶୁ ସମେତ ୧୨ ମୃତ

ନୂଆଦିଲ୍ଲୀ, ୯।୧୧: ଦୀପାବଳିର ଖୁସି ମାହୋଲରେ ଖେଳିଗଲା ମୃତ୍ୟୁର ବିଭୀଷିକା । ଆଲୋକର ପର୍ବରେ ଦୁଇଟି ପରିବାରରେ ଖେଳିଗଲା ଅନ୍ଧାର । ମଧ୍ୟପ୍ରଦେଶରେ ପୃଥକ ପୃଥକ ଦୁଇଟି ଭୟଙ୍କର ଅଗ୍ନିକାଣ୍ଡରେ ଚାଲିଯାଇଛି ୧୨ ଜଣଙ୍କ ଜୀବନ । ମୃତକଙ୍କ ମଧ୍ୟରେ ଦୁଇ ମାସର ଶିଶୁ ମଧ୍ୟ ରହିଛି । ସିଓନୀ ଓ କାଟନୀ ଜିଲ୍ଲାରେ ଘଟିଥିବା ଏହି ଦୁଇଟି ଅଗ୍ନିକାଣ୍ଡ ପୂରା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।


ପ୍ରଥମ ଘଟଣାଟି ଘଟିଛି ସିଓନୀ ଜିଲ୍ଲାର ଛପାରା ସହରରେ। ସୋମବାର ସକାଳେ ମହାବୀର ୱାର୍ଡର ଏକ ତିନି ମହଲା କୋଠାରେ ହଠାତ୍ ନିଆଁ ଲାଗିଯାଇଥିଲା । ଏହି ଘରଟି ଜଣେ ସ୍ୱର୍ଣ୍ଣକାରଙ୍କର ବୋଲି ଜଣାପଡ଼ିଛି । ଅଗ୍ନିକାଣ୍ଡ ସମୟରେ ଘର ଭିତରେ ମୋଟ ୧୦ ଜଣ ଥିଲେ। ନିଆଁ ଓ ଧୂଆଁ ମଧ୍ୟରେ ଫସିଯାଇଥିଲେ ପରିବାର ସଦସ୍ୟ । ତେବେ ଉଦ୍ଧାରକାରୀ ଦଳ ଚାରି ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରିଥିବା ବେଳେ ଦୁର୍ଭାଗ୍ୟବଶତଃ ଛଅ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି। ସେହିପରି ଦ୍ୱିତୀୟ ଘଟଣାଟି ଘଟିଛି କାଟନୀ ଜିଲ୍ଲାର ବାରହୀ ସହରରେ । ଏଠାରେ ଏକ ତିନି ମହଲା କୋଠାର ତଳ ମହଲାରେ ଥିବା ବାସନ ଦୋକାନରେ ମଧ୍ୟରାତ୍ରିରେ ନିଆଁ ଲାଗିଥିଲା । ଦେଖୁ ଦେଖୁ ନିଆଁ ପୂରା କୋଠାକୁ ବ୍ୟାପିଯାଇଥିଲା । ଫଳରେ ଉପର ମହଲାରେ ରହୁଥିବା ପରିବାର ସଦସ୍ୟ ଘର ଭିତରେ ଫସି ରହିଥିଲେ । ଏହି ଭୟଙ୍କର ଅଗ୍ନିକାଣ୍ଡରେ ଦୁଇ ମାସର ଶିଶୁ ସମେତ ଗୋଟିଏ ପରିବାରର ଛଅ ଜଣଙ୍କ ଜୀବନ ଚାଲିଯାଇଛି । ତେବେ ଦୁଇଟି ଯାକ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଅଗ୍ନିକାଣ୍ଡ କିପରି ଘଟିଲା ଏବଂ ଏଥିରେ କୌଣସି ଅବହେଳା ରହିଥିଲା କି ନାହିଁ, ତାହା ତଦନ୍ତ ପରେ ଜଣାପଡ଼ିବ ।

ଟ୍ରେନକୁ ପଛରୁ ପିଟିଲା ଟ୍ରେନ: ୪ ମୃତ, ୮୮ ଆହତ

ନୂଆଦିଲ୍ଲୀ, ୯।୧୧: ଇଜିପ୍ଟର ଗିଜା ପ୍ରଦେଶରେ ରବିବାର ଦୁଇଟି ଯାତ୍ରୀବାହୀ ଟ୍ରେନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୮୮ ଜଣ ଆହତ ହୋଇଛନ୍ତି। ଇଜିପ୍ଟର ରାଜଧାନୀ କାଏରୋ ଠାରୁ ପ୍ରାୟ ୭୬ କିଲୋମିଟର ଦକ୍ଷିଣରେ ଏହି ଦୁର୍ଘଟଣା ଘଟିଥିଲା। ଗିଜାରୁ ଫାୟୁମ୍ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ କାଏରୋରୁ ଆସୱାନ୍ ଯାଉଥିବା ଆଉ ଏକ ଟ୍ରେନ୍‌ର ପଛପଟେ ପିଟି ହୋଇଯାଇଥିଲା। ଏହି ଧକ୍କା ଫଳରେ ଉଭୟ ଟ୍ରେନର କିଛି ବଗି ଲାଇନ୍‌ଚ୍ୟୁତ ହୋଇଯାଇଥିଲା। ଉଦ୍ଧାରକାରୀ ଦଳ ତୁରନ୍ତ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାରକାରୀ କର୍ମଚାରୀମାନେ ଭଙ୍ଗାରୁଜା ଅଂଶଗୁଡ଼ିକୁ ହଟାଇବା ଏବଂ ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବାରେ ନିୟୋଜିତ ହୋଇଥିଲେ। ରାଷ୍ଟ୍ରପତି ଅବଦେଲ ଫତାହ ଅଲ-ସିସି ଏହି ଦୁର୍ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦୁର୍ଘଟଣା ପାଇଁ ଦାୟୀ ଯେକୌଣସି ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଇଜିପ୍ଟ ରେଳ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ କ୍ଷତିଗ୍ରସ୍ତ ବଗିଗୁଡ଼ିକୁ ହଟାଇବା ଏବଂ କାଏରୋ-ଅପର୍ ଇଜିପ୍ଟ ରେଳ ଲାଇନରେ ରେଳ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ ଉଦ୍ୟମ ଜାରି ରହିଛି। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ । କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା, ସେ ସମ୍ପର୍କରେ ରେଳ କର୍ତ୍ତୃପକ୍ଷ ସୂଚନା ଦେଇ ନାହାନ୍ତି।

ଯୁଦ୍ଧ ବନ୍ଦ କର ହର୍ମୁଜ ଖୋଲିବୁ

ଭୟଙ୍କର ଆକ୍ରମଣ ପାଇଁ ପ୍ରସ୍ତୁତ ରୁହ : ଇରାନ



ନୂଆଦିଲ୍ଲୀ, ୯।୧୧: ମିଡ୍ ଟର୍ମ ଟେଷ୍ଟରେ ଫେଲ୍ ହେବା ପରେ ବି ଟ୍ରାକକୁ ଆସୁନାହାନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଇରାନ୍ ଉପରେ ଲଗାତାର ଆକ୍ରମଣ କରିଚାଲିଛନ୍ତି । ଏହାରି ଭିତରେ ଆମେରିକାକୁ ଚେତାବନୀ ଦେଇ ୨ ଦିନ ସମୟ ଦେଇଛି । ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି କହିଛନ୍ତି ଯେ, ଯଦି ଯୁଦ୍ଧ ଶେଷ କରିବାର ସର୍ତ୍ତ ଗ୍ରହଣ କରାଯାଏ, ତେବେ ହର୍ମୁଜ୍ ଷ୍ଟ୍ରେଟ୍ ଖୋଲାଯିବ, ନଚେତ୍ ଭୟଙ୍କର ଆକ୍ରମଣ ପାଇଁ ପ୍ରସ୍ତୁତ ରୁହ । ଯୁଦ୍ଧ ବନ୍ଦ କଲେ ୪୮ ଘଣ୍ଟାରେ ହର୍ମୁଜ ଖୋଲୁବୁ ନଚେତ୍ ପ୍ରଚଣ୍ଡ ଆକ୍ରମଣ ପାଇଁ ପ୍ରସ୍ତୁତ ରୁହ ବୋଲି ଆମେରିକାକୁ ଚେତାବନୀ ଦେଇଛି ଇରାନ୍ । ଇରାନ୍ ଗଣମାଧ୍ୟମ ଆଇଆରଏନଏକୁ ଆରାଗଚି ଏକ ସାକ୍ଷାତକାର ଦେଇଛନ୍ତି । ଏହା ପରେ ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମଧ୍ୟ ପୋଷ୍ଟ କରିଥିଲେ। ‘ଆମେରିକାର ଭୋଟରମାନେ ଏହାର ରାୟ ଦେଇଛନ୍ତି । ବର୍ତ୍ତମାନ ହ୍ୱାଇଟ ହାଉସ ମଧ୍ୟ ନିଷ୍ପତ୍ତି ନେବା ଉଚିତ୍ । ଆମର ଦୁଇ ଦିନିଆ ପ୍ରସ୍ତାବ ଏବେ ମଧ୍ୟ ରହିଛି । ସମସ୍ତ କ୍ଷେତ୍ରରେ ଯୁଦ୍ଧ ସମାପ୍ତ କରିବା ସହିତ ଆମର ସର୍ତ୍ତାବଳୀ ଗ୍ରହଣ କରନ୍ତୁ ଏବଂ ଫଳାଫଳ ଦେଖନ୍ତୁ । ନଚେତ୍ ଯୁଦ୍ଧର ରାସ୍ତା ବାଛନ୍ତୁ ଏବଂ ଆମର ପ୍ରସ୍ତୁତ ସୈନିକଙ୍କ ଆକ୍ରମଣର ସମ୍ମୁଖୀନ ହୁଅନ୍ତୁ ବୋଲି ସେ କହିଛନ୍ତି । ଆରାଗଚି କହିଛନ୍ତି ଯେ, ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନର ଫଳାଫଳ ପରେ ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ଅଗ୍ରଗତି କରିନାହିଁ। ଗତ କିଛି ଦିନ ହେବ ମଧ୍ୟସ୍ଥତା ଥିବା ଦେଶର ପ୍ରତିନିଧିଙ୍କ ଯାତାୟାତ ମଧ୍ୟ ବନ୍ଦ ରହିଛି। ସେ କହିଛନ୍ତି ଯେ ନିର୍ବାଚନ ଫଳାଫଳ ଆମେରିକାରେ ରାଜନୈତିକ ଆଲୋଡ଼ନ ସୃଷ୍ଟି କରିଛି । ଆମେରିକା କୂଟନୀତିର ରାସ୍ତା ବାଛିଛି ନା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା। ସେ କହିଛନ୍ତି ଯେ ଯୁଦ୍ଧର ଯେକୌଣସି ସମ୍ଭାବନା ପାଇଁ ଇରାନ ପ୍ରସ୍ତୁତ ଅଛି। ଏହାର ସୈନ୍ୟବାହିନୀ ଏହାର ଅସ୍ତ୍ରଶସ୍ତ୍ରରେ ଉନ୍ନତି ଆଣିଛି, ଦୁର୍ବଳତାକୁ ଦୂର କରିଛି ଏବଂ ନୂତନ ଅସ୍ତ୍ରଶସ୍ତ୍ର ପରୀକ୍ଷା କରିଛି । ନିର୍ବାଚନରେ ପରାଜୟ ପରେ ଟ୍ରମ୍ପଙ୍କ ଆଭିମୁଖ୍ୟ ପରିବର୍ତ୍ତନ- ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପରାଜୟ ପରେ ଟ୍ରମ୍ପ ଇରାନ ଯୁଦ୍ଧ ଉପରେ ନିଜର ଆଭିମୁଖ୍ୟକୁ ନରମ କରିଛନ୍ତି । ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ନିର୍ବାଚନ ପରାଜୟ ପାଇଁ ଆମେରିକାର ଲୋକଙ୍କ ପ୍ରଭାବ ଉପରେ ଇରାନ ଯୁଦ୍ଧକୁ ଦାୟୀ କରିଛନ୍ତି । ଟ୍ରମ୍ପ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଯୁଦ୍ଧ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଛି, ଯଦିଓ ଆବଶ୍ୟକ ହେଲେ ସେ ପୁନର୍ବାର ଏହା କରିବେ ବୋଲି କହିଛନ୍ତି ।

ଆଜି ୩ୟ ଦିନିକିଆ : ଭାରତ ପାଇଁ ଶୃଙ୍ଖଳା ସୁଯୋଗ

ହାମିଲଟନ୍, ୧୦।୧୧ (ଏଜେନ୍ସି): ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ତୃତୀୟ ମୁକାବିଲା ମଙ୍ଗଳବାର ହାମିଲଟନ୍‌ର ସେଡାନ ପାର୍କରେ ଖେଳଯିବ। ସଂପ୍ରତି ୨-୦ରେ ଆଗୁଆ ଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଦଳ ଏହି ମ୍ୟାଚ୍ ଜିତି ଦିନିକିଆ ଶୃଙ୍ଖଳା କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଏହି ମ୍ୟାଚ୍ ପରେ ଗିଲ୍‌ଙ୍କ ସହ କିଛି ତାରକା ଖେଳାଳି ଟେଷ୍ଟ୍ ଲାଗି ପ୍ରସ୍ତୁତି ହେବେ। ତେଣୁ ଗିଲ୍ ଆଗୁଆ ଶୃଙ୍ଖଳା ଜିତିବା ସହ ଭଲ ପାଳି ଖେଳି ଦୃଢ଼ ମନୋବଳ ସହ ଟେଷ୍ଟ୍‌କୁ ଓହ୍ଲାଇବା ଆଶାରେ ରହିଛନ୍ତି।



ଅନ୍ୟପକ୍ଷରେ ଦ୍ରୁତବୋଲରଙ୍କୁ ସୁହାଉଥିବା ନ୍ୟୁଜିଲାଣ୍ଡ ପିଚ୍‌ରେ ଉଭୟ ଦଳର ବ୍ୟାଟର୍ କଡ଼ା ସଂଘର୍ଷ କରୁଛନ୍ତି। ଗତ ଦୁଇଟି ଯାକ ମ୍ୟାଚ୍‌ରେ କମ୍ ରନ୍ ଦେଖିବାକୁ ମିଳିଛି। ବର୍ଷା ବାଧାପ୍ରାପ୍ତ ଉଭୟ ମ୍ୟାଚ୍‌ରେ ଭାରତ ପଶ୍ଚାତ୍‌ଧାବନ କରି କଷ୍ଟକର ବିଜୟ ପାଇଥିଲା। କେବଳ ତାରକା ବ୍ୟାଟର୍ ବିରାଟ କୋହଲି ପ୍ରଥମ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭେଟେରାନ ରୋହିତ ଶର୍ମା ପ୍ରଥମ ମ୍ୟାଚ୍‌ରେ ଶୂନରେ ଆଉଟ୍ ହୋଇଥିଲା ବେଳେ ଦ୍ୱିତୀୟରେ କିଛି ଆକର୍ଷଣ ସଟ୍ ସହ ୨୩ ରନ୍ କରିଥିଲେ। ତୃତୀୟ ମ୍ୟାଚ୍‌ରେ ଏହି ଦୁଇ ଭେଟେରାନ୍‌ଙ୍କଠୁ ବଡ଼ ସ୍କର୍ ଆଶା ରଖିଛି ଦଳ।

କେଏଲ୍ ରାହୁଲ, ଶ୍ରେୟସ ଆୟର ଗତ ମ୍ୟାଚ୍‌ରେ ଟିକେ ଭଲ ଖେଳିଥିଲେ। ଅକ୍ଷର ପଟେଲ ଗତ ଦୁଇଟି ଯାକ ମ୍ୟାଚ୍‌ରେ ବିଫଳ ହୋଇଥିବାରୁ ତାଙ୍କ ଆଗରେ ରାହୁଲଙ୍କୁ ବ୍ୟାଟିଂକୁ ଛାଡ଼ିବା ଲାଗି ଦଳ ଚିନ୍ତା କରୁଛି। ଏହା ବାଦ୍ ବ୍ୟାଟିଂ ଅର୍ଡରରେ କୌଣସି ପରିବର୍ତ୍ତନ ସମ୍ଭାବନା ଆଉ ନାହିଁ। ଅର୍ଶଦୀପ ସିଂହଙ୍କ ନେତୃତ୍ୱରେ ଅଂଶୁଲ କମ୍ବୋଜ, ଗୁରନୂର ବ୍ରାର ଓ ଆକ୍ୱିବ ନବି ଭଲ କରିଥିବାରୁ ଅଭିଜ୍ଞ ମହମ୍ମଦ ସିରାଜ ଚୂଡ଼ାନ୍ତ ଏକାଦଶକୁ ଫେରିବାର ସମ୍ଭାବନା ପ୍ରାୟତଃ ନାହିଁ। ତେବେ ଟେଷ୍ଟ୍ ଶୃଙ୍ଖଳା ଆଉ ମାତ୍ର ୧୦ ଦିନ ଥିଲା ବେଳେ ସିରାଜଙ୍କୁ ମ୍ୟାଚ୍ ଅଭ୍ୟାସ ଲାଗି ଖେଳାଯିବାର ଟିକେ ଆଶା ଦେଖାଯାଉଛି।

ଅନ୍ୟପକ୍ଷରେ ଘରୋଇ ପଡ଼ିଆରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ହାରିଥିବା ନ୍ୟୁଜିଲାଣ୍ଡ ତୃତୀୟ ଦିନିକିଆ ଜିତି ଶୃଙ୍ଖଳା ଜୀବିତ ରଖିବା ଆଶାରେ ରହିଛି। ତେବେ ଆହତ ଜନିତ ସମସ୍ୟା ସହ ଘରୋଇ ପରିବେଶରେ ଶୀର୍ଷକ୍ରମ ବ୍ୟାଟରଙ୍କ ଦୁର୍ବଳ ପ୍ରଦର୍ଶନ ଦଳକୁ ବେଶୀ ଚିନ୍ତାରେ ପକାଇଛି। ଆହତ ଯୋଗୁଁ ରାଚିନ ରବୀନ୍ଦ୍ର, ମାର୍କ ଚାପମାନ ଓ ଡେଭନ କନୱେ ବାଦ୍ ପଡ଼ିବା ଦଳର ବ୍ୟାଟିଂକୁ ଆହୁରି ଦୁର୍ବଳ କରି ଦେଇଛି। ଅଧିନାୟକ ମିଚେଲ ସାଣ୍ଟନର ଗତ ଦୁଇ ମ୍ୟାଚ୍‌ରେ ଟସ୍ ମଧ୍ୟ ହାରିଛନ୍ତି। ଫଳରେ ବିପକ୍ଷ ଦଳ ସମ୍ମୁଖରେ ବିଜୟ ଲକ୍ଷ୍ୟ କମ୍ ସ୍କର ରହିବାରୁ ଘରୋଇ ବୋଲର ଚାପରେ ରହୁଥିବା ଦେଖାଯାଇଛି।

ଗତ ଦୁଇ ମ୍ୟାଚ୍ ପରି ସେଡନ୍ ପାର୍କରେ ମଙ୍ଗଳବାର ମ୍ୟାଚ୍‌ରେ ମଧ୍ୟ ବର୍ଷା ବାଧକ ସାଜିବାପାରେ। ମ୍ୟାଚ୍ ଆରମ୍ଭ ସମୟରେ ବର୍ଷାର ସମ୍ଭାବନା ଅଧିକ ଥିବାରୁ ବିଳମ୍ବରେ ଖେଳ ଆରମ୍ଭ ହେବାର ସମ୍ଭାବନା ରହିଛି। ଅପରାହ୍ଣ ୧ଟାରେ ବର୍ଷା ସମ୍ଭାବନା ୮୩ ଥିଲା ବେଳେ ୩ଟାରେ ୬୮ ପ୍ରତିଶତ ରହିଛି। ତେବେ ପରବର୍ତ୍ତୀ ସମୟରେ ପାଗରେ ସାମାନ୍ୟ ସୁଧାର ଆସିବା ଥିଲେ ମଧ୍ୟ ବର୍ଷା ଅଶଙ୍କା ରହିବ। ପୁଣି ରାତି ୮ଟାରୁ ୧୧ଟା ମଧ୍ୟରେ ୬୨ରୁ ପ୍ରତିଶତ ବର୍ଷା ସମ୍ଭାବନା ଥିବା ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଠାକାର ପିଚ୍‌ରେ ଭଲ ରନ୍ ହେଉଥିଲେ ମଧ୍ୟ ଅଦିନିଆ ବର୍ଷା ଓ ପାଗ ଥଣ୍ଡା ଯୋଗୁଁ ଦ୍ରୁତ ବୋଲରଙ୍କୁ ଅଧିକ ସହାୟତା କରିବାର ଆଶା ରହିଛି। ସୋମବାର ବର୍ଷା ହୋଇଥିବାରୁ ଭାରତୀୟ ଦଳ ଇନ୍‌ଡୋର୍‌ରେ ଅଭ୍ୟାସ କରିଥିଲା।

ଭାରତ (ସମ୍ଭାବ୍ୟ ଏକାଦଶ): ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, କେଏଲ୍ ରାହୁଲ (ୱିକେଟ୍‌ରକ୍ଷକ), ଅକ୍ଷର ପଟେଲ, ନମନ ଧୀର, ଅଂଶୁଲ କମ୍ବୋଜ, ଗୁରନୂର ବ୍ରାର, ଆକ୍ୱିବ ନବି, ଅର୍ଶଦୀପ ସିଂହ। ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ଏକାଦଶ): ଟିମ୍ ସେଫର୍ଟ, ୱିଲ ୟଙ୍ଗ, ହେନରି ନିକୋଲ୍‌ସ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଟମ ଲାଥମ (ୱିକେଟ୍‌କିପର), ମିଚେଲ ସାଣ୍ଟନର (ଅଧିନାୟକ), ନାଥନ ସ୍ମିଥ, କାଇଲ ଜାମିସନ, ମ୍ୟାଟ୍ ଫିସର, ଜାକବ ଡଫି।

କୋହଲିଙ୍କ ପାଖରେ ସୁଯୋଗ

ମୁମ୍ବାଇ, ୯।୧୧ : ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯାଉଛି । ସିରିଜ୍‌ରେ ଭାରତ ୨-୦ରେ ଆଗୁଆ ରହିଛି । ତୃତୀୟ ଦିନିକିଆ ମ୍ୟାଚ୍ ମଙ୍ଗଳବାର ହାମିଲଟନ୍ ଷ୍ଟାଡିୟମ୍‌ରେ ଖେଳାଯିବ । ଏହି ମ୍ୟାଚ୍ ଜିତି ସିରିଜ୍‌ରେ କବଜା ଲକ୍ଷ୍ୟରେ ରହିବ ଭାରତ । ଅନ୍ୟପଟେ ତୃତୀୟ ଦିନିକିଆରେ କିଙ୍ଗ୍ କୋହଲିଙ୍କ ଉପରେ ରହିବ ସମସ୍ତଙ୍କ ନଜର ।ଅକଲାଣ୍ଡରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ କୋହଲି ୫୧ଟି ବଲ୍‌ରୁ ୭୪ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ । ହେଲେ ୱେଲିଂଟନ୍‌ରେ ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ ବିଶେଷ ପ୍ରଭାବ ପକାଇପାରି ନଥିଲେ । ମାତ୍ର ୭ଟି ବଲ୍‌ର ସାମ୍ନା କରି ୭ ରନ୍ କରି ଆଉଟ୍ ହୋଇଯାଇଥିଲେ । ଏବେ ହାମିଲଟନ୍‌ରେ ଭଲ ପ୍ରଦର୍ଶନ କରି ପୂର୍ବ ମ୍ୟାଚ୍‌ର ନିରାଶା ଦୂର କରିବାକୁ ଚାହିଁବେ କୋହଲି ।

ବିରାଟ୍ କୋହଲି ଏକ ବଡ଼ ରେକର୍ଡର ନିକଟତର ହୋଇଛନ୍ତି । ଦିନିକିଆ କ୍ରିକେଟ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୨ ହଜାର ରନ୍ ପୂରଣ କରିବାରେ ସେ ପ୍ରଥମ ଖେଳାଳି ହେବାର ସୁଯୋଗ ପାଇଛନ୍ତି । ଏହି ଐତିହାସିକ ମାଇଲଖୁଣ୍ଟ ଛୁଇଁବା ପାଇଁ ତାଙ୍କୁ ଆଉ ମାତ୍ର ୨୨ ରନ୍ ଆବଶ୍ୟକ । ନ୍ୟୁଜିଲାଣ୍ଡ ବିପକ୍ଷରେ ଏପର୍ଯ୍ୟନ୍ତ ୩୮ଟି ଦିନିକିଆ ମ୍ୟାଚ୍ ଖେଳି କୋହଲି ୫୬.୫୧ ହାରରେ ୧୯୭୮ ରନ୍ ସଂଗ୍ରହ କରିଛନ୍ତି । ଏଥିରେ ରହିଛି ୭ଟି ଶତକ ଓ ୧୧ଟି ଅର୍ଦ୍ଧଶତକ ।ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ଦିନିକିଆ ରନ୍ କରିଥିବା ଖେଳାଳିଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ । ସେ ୫୧ଟି ମ୍ୟାଚ୍‌ରେ ୪୫.୮୩ ହାରରେ ୧୯୭୧ ରନ୍ କରିଛନ୍ତି । ତୃତୀୟ ସ୍ଥାନରେ ଅଛନ୍ତି କ୍ରିକେଟ୍‌ର ମହାନ ଖେଳାଳି ସଚିନ ତେନ୍ଦୁଲକର । ସେ ୪୨ଟି ମ୍ୟାଚ୍‌ରେ ୪୬.୦୫ ହାରରେ ୧୭୫୦ ରନ୍ କରିଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ଦିନିକିଆ ରନ୍ କରିଥିବା ଟପ୍-୫ ଖେଳାଳି: ୧. ୧୯୭୮ – ବିରାଟ କୋହଲି (ଭାରତ), ୨. ୧୯୭୧ – ରିକି ପଣ୍ଟିଂ (ଅଷ୍ଟ୍ରେଲିଆ.୩. ୧୭୫୦ – ସଚିନ ତେନ୍ଦୁଲକର (ଭାରତ), ୪. ୧୫୬୮ – କୁମାର ସାଙ୍ଗାକାରା (ଶ୍ରୀଲଙ୍କା), ୫. ୧୫୧୯ – ସନତ ଜୟସୂର୍ଯ୍ୟ (ଶ୍ରୀଲଙ୍କା) । ଅକଲାଣ୍ଡ ଓ ୱେଲିଂଟନ୍‌ର ପରିସ୍ଥିତିରେ ଦ୍ରୁତ ବୋଲରଙ୍କୁ ଅଧିକ ସହାୟତା ମିଳିଥିଲା । ସାଧାରଣଠାରୁ ଅଧିକ ବାଉନ୍ସ ଦେଖିବାକୁ ମିଳିଥିଲା । ବଲ୍‌କୁ ସାମ୍ନା କରିବାରେ ବଡ଼ ବଡ଼ ବ୍ୟାଟରେ ମଧ୍ୟ ଫେଲ୍ ମାରିଥିଲେ । ପ୍ରଥମ ଦିନିକିଆରେ କୋହଲି ନିୟନ୍ତ୍ରିତ ଓ ଚମତ୍କାର ବ୍ୟାଟିଂ କରି ନିଜ ଅଭିଜ୍ଞତା ଏବଂ ପରିସ୍ଥିତି ଅନୁସାରେ ଖେଳିବାର ଦକ୍ଷତା ପ୍ରମାଣ କରିଥିଲେ । କିନ୍ତୁ ୱେଲିଂଟନ୍‌ରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ବ୍ୟାଟିଂ ଚ୍ୟାଲେଞ୍ଜ୍ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଦ୍ରୁତ ବୋଲରଙ୍କୁ ସୁହାଇ ।ଥିବା କରୁଥିବା ପିଚ୍‌ରେ ବ୍ୟାଟରଙ୍କୁ ନିଜର ଟେକନିକ୍, ଧୈର୍ଯ୍ୟ ଓ ସଂଯମର ପରିଚୟ ଦେବାକୁ ପଡ଼ିଥିଲା ।

୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଭାରତ ପାଇଁ କର ବା ମର ସ୍ଥିତି

ନୂଆଦିଲ୍ଲୀ, ୯।୧୧: ଅଣ୍ଡର-୧୯ ଏସିଆ କପ ୨୦୨୬ରେ ପାକିସ୍ତାନ ଅଣ୍ଡର-୧୯ ଟିମ ବିପକ୍ଷରେ ରୋମାଞ୍ଚକର ମୁକାବିଲାରେ ପରାଜୟ ସତ୍ତ୍ୱେ ଭାରତୀୟ ଅଣ୍ଡର-୧୯ ଟିମର ସେମିଫାଇନାଲରେ ପହଞ୍ଚିବା ଆଶା ଏବେ ବି ଜୀବିତ ରହିଛି। ପାକିସ୍ତାନ ବିପକ୍ଷରେ ପରାଜୟ ପରେ ମଧ୍ୟ ଅଧିନାୟକ ଲକ୍ଷ୍ୟ ରାଜେଶ ରାୟଚନ୍ଦାନୀଙ୍କ ନେତୃତ୍ୱାଧୀନ ଭାରତୀୟ ଟିମ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଛି। ପାକିସ୍ତାନ ଟିମ ନିଜର ଦୁଇଟି ଯାକ ମ୍ୟାଚ ଜିତି ପୂର୍ବରୁ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଅନ୍ୟପଟେ ଭାରତ ଏବଂ ୟୁଏଇ ଟିମ ଦୁଇଟି ମ୍ୟାଚ ଖେଳି ୨-୨ ପଏଣ୍ଟ ହାସଲ କରିଛନ୍ତି। ଭାରତୀୟ ଅଣ୍ଡର-୧୯ ଟିମକୁ ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିବା ପାଇଁ ପରବର୍ତ୍ତୀ ମ୍ୟାଚରେ ଯେକୌଣସି ପରିସ୍ଥିତିରେ ୟୁଏଇକୁ ପରାସ୍ତ କରିବାକୁ ପଡ଼ିବ। ଯଦି ଭାରତୀୟ ଟିମ ଏହି ମ୍ୟାଚରେ ବିଜୟୀ ହୁଏ, ତେବେ କୌଣସି ଅନ୍ୟ ସମୀକରଣ ଉପରେ ନିର୍ଭର ନକରି ସିଧାସଳଖ ସେମିଫାଇନାଲକୁ ଯୋଗ୍ୟତା ହାସଲ କରିବ। ଅନ୍ୟପଟେ ୟୁଏଇ ବିପକ୍ଷରେ ଯଦି ଟିମ ଇଣ୍ଡିଆ ପରାଜିତ ହୁଏ, ତେବେ ଟୁର୍ଣ୍ଣାମେଣ୍ଟରୁ ତା'ର ଅଭିଯାନ ଶେଷ ହୋଇଯିବ। ତେଣୁ ଏହି ମ୍ୟାଚ ଭାରତୀୟ ଟିମ ପାଇଁ ଏକ ଭର୍ଚୁଆଲ ନକଆଉଟ ଏବଂ 'କର ବା ମର' ମୁକାବିଲା ସାବ୍ୟସ୍ତ ହେବାକୁ ଯାଉଛି। ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତର ଟପ ଅର୍ଡର ବ୍ୟାଟର୍ମାନେ ନିରାଶ କରିଥିଲେ। କିନ୍ତୁ ଏବେ ୟୁଏଇ ବିପକ୍ଷରେ ଷ୍ଟାର୍ ବ୍ୟାଟର୍ମାନଙ୍କୁ ନିଜ ଦାୟିତ୍ୱ ବୁଝିବାକୁ ପଡ଼ିବ। ଓପନର୍ ଆର୍ଯ୍ୟବୀର ସେହ୍ୱାଗଙ୍କଠାରୁ ଟିମ ଏକ ଆକ୍ରମଣାତ୍ମକ ଆରମ୍ଭ ଆଶା କରିବ। ସେହିପରି ଅଧିନାୟକ ଲକ୍ଷ୍ୟ ରାଜେଶ ରାୟଚନ୍ଦାନୀଙ୍କୁ ଆଗରୁ ନେତୃତ୍ୱ ନେଇ ବଡ଼ ସ୍କର କରିବାକୁ ହେବ। ମଧ୍ୟକ୍ରମ ଏବଂ ଶେଷ ଓଭରଗୁଡ଼ିକରେ ଉଇକେଟ୍‌କିପର ଅନ୍ୱୟ ଦ୍ରବିଡଙ୍କ ବିସ୍ଫୋରକ ବ୍ୟାଟିଂ ଟିମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଏହା ବ୍ୟତୀତ ପାକିସ୍ତାନ ବିପକ୍ଷରେ ଦମ୍‌ଦାର ଶତକ ହାସଲ କରିଥିବା ଅର୍ଜୁନ ରାଜପୁତଙ୍କ ଉପରେ ମଧ୍ୟ ପ୍ରଶଂସକ ଏବଂ ଟିମ ମ୍ୟାନେଜମେଣ୍ଟର ନଜର ରହିବ।

ନ୍ୟୁଜିଲାଣ୍ଡକୁ ଦୁଇ ଝଟ୍‌କା

ନୂଆଦିଲ୍ଲୀ।୯।୧୧ : ଭାରତ ବିପକ୍ଷ ତୃତୀୟ ଦିନିକିଆ ପୂର୍ବରୁ ଘରୋଇ ନ୍ୟୁଜିଲାଣ୍ଡ ଦଳକୁ ଲାଗିଛି ବଡ଼ ଝଟକା। ଦ୍ରୁତ ବୋଲିଂ ବିଭାଗରେ ଦଳ ଦୁର୍ବଳ ହୋଇଛି। ଲକି ଫର୍ଗ୍ୟୁସନ ଶେଷ ଦୁଇଟି ମ୍ୟାଚରୁ ବି ବାହାରି ଯାଇଛନ୍ତି। ଅନ୍ୟପଟେ ଆହତ ସମସ୍ୟାରୁ ମୁକୁଳିଥିବା ବ୍ଲେୟର ଟିକନରଙ୍କୁ ସାତ ଦିନିଆ ଷ୍ଟାଣ୍ଡ ଡାଉନ ପିରିୟଡ ଦେଇ ଗତି କରିବାକୁ ପଡ଼ିବ। ଟିକନରଙ୍କୁ ୱେଲିଂଟନରେ ଖେଳା ଯାଇଥିବା ଦ୍ୱିତୀୟ ଦିନିକିଆରେ ହେଲମେଟରେ ବଲ୍ ବାଜିଥିଲା। ତେଣୁ ଦୁଇ ବୋଲର ତୃତୀୟ ଦିନିକିଆରୁ ବାଦ୍ ପଡ଼ିଛନ୍ତି।

ନ୍ୟୁଜିଲାଣ୍ଡ କ୍ରିକେଟ୍ ଅଫିସିଆଲ ବିବୃତି ଜାରି କରି କହିଛି ଯେ, ଫର୍ଗ୍ୟୁସନ ଆହତ ଜନିତ ସମସ୍ୟାରୁ ସଂପୂର୍ଣ୍ଣ ମୁକୁଳି ପାରି ନାହାନ୍ତି। ଟି-୨୦ ସିରିଜ୍ ସମୟରେ ତାଙ୍କୁ ଆଘାତ ଲାଗିଥିଲା। ସେହିପରି ଟିକନରଙ୍କୁ କ୍ଲିନ ଚିଟ୍ ମିଳିଛି, ମାତ୍ର ତାଙ୍କୁ ଏବେ ୭ ଦିନ ପର୍ଯ୍ୟନ୍ତ ଷ୍ଟାଣ୍ଡ ଡାଉନ ଅବଧି ଦେଇ ଗତି କରିବାକୁ ପଡ଼ିବ। ଏହି ସମୟରେ ଟିକନର ଭାରତ ବିପକ୍ଷ ତୃତୀୟ ଓ ଚତୁର୍ଥ ଦିନିକିଆ ଖେଳି ପାରିବେ ନାହିଁ। ଫଳରେ ଦ୍ରୁତ ବୋଲିଂ ଅଲରାଉଣ୍ଡର କ୍ରିଷ୍ଟିୟନ କ୍ଲାର୍କଙ୍କୁ ଅବଶିଷ୍ଟ ମ୍ୟାଚ୍ ପାଇଁ ଦଳରେ ସାମିଲ୍ କରାଯାଇଛି। ମ୍ୟାଟ୍ ହେନରୀଙ୍କୁ ନେଇ ମଧ୍ୟ ସଦ୍ୟତମ ଖବର ଆସିଛି। ହେନରୀ ଦିନିକିଆ ସିରିଜ୍ ଆରମ୍ଭ ହେବା ପୂର୍ବରୁ ଡେଭନ କନୱେଙ୍କ ସହ ଧକ୍କା ହୋଇଥିଲେ। ଆଶା କରାଯାଉଛି ସେ ଚତୁର୍ଥ ଦିନିକିଆରେ ପ୍ରତ୍ୟାବର୍ତ୍ତନ କରିବେ। ଟେଷ୍ଟ ସିରିଜ୍ ପାଇଁ କାଇଲ ଜେମିସନ ଓ ମ୍ୟାଟ୍ ହେନରୀଙ୍କୁ ତୃତୀୟ ଦିନିକିଆ ପରେ ଏକାଠି ପ୍ରସ୍ତୁତି ଆରମ୍ଭ କରିବାର ଥିଲା। ହେଲେ ଆହତ ସମସ୍ୟା କାରଣରୁ ଏଥିରେ ବାଧା ଆସିଛି। ଚତୁର୍ଥ ଦିନିକିଆ ଖେଳିବା ପରେ ହିଁ ଟେଷ୍ଟ ପାଇଁ ଏହି ଦ୍ରୁତ ବୋଲର ନିଜର ପ୍ରସ୍ତୁତି ଆରମ୍ଭ କରିବେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ତୃତୀୟ ଦିନିକିଆ ନଭେମ୍ବର ୧୦ରେ ହାମିଲଟନର ସେଡନ ପାର୍କରେ ଖେଳାଯିବ। ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଭାରତ ୨-୦ରେ ଆଗୁଆ ରହିଛି। ପ୍ରଥମ ମ୍ୟାଚକୁ ଭ୍ରମଣକାରୀ ଦଳ ୫ ୱିକେଟରେ ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଉଖଝ ଅନୁସାରେ ୪ ରନରେ ଜିତିବାକୁ ସକ୍ଷମ ହୋଇଥିଲା।

ଭାରତକୁ ୧୦୦ତମ ଗ୍ରାଣ୍ଡମାଷ୍ଟର

ନୂଆଦିଲ୍ଲୀ।୯।୧୧ : ଦୀପାବଳିର ଖୁସି ଭିତରେ ଭାରତର କ୍ରୀଡ଼ା ଜଗତରେ ବଡ଼ ସଫଳତା। ଚେସରେ ଇତିହାସ ରଚିଲେ ମଧ୍ୟପ୍ରଦେଶର ଖେଳାଳି ଅନୁଜ ଶ୍ରୀବାସ୍ତବ। ଫିଲିପାଇନ୍ସରେ ଆୟୋଜିତ ସପ୍ତମ ଆସିଆନ୍ ପ୍ଲସ୍ ଇଣ୍ଡିଭିଜୁଆଲ୍ ଓପନ୍ ଚେସ୍ ଚାମ୍ପିୟନଶିପ୍ ୨୦୨୬ରେ ଟାଇଟଲ୍ ଜିତି ଅନୁଜ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ତାଙ୍କ ସଫଳତା ସହ ଭାରତ ପାଇଛି ନିଜର ୧୦୦ତମ ଗ୍ରାଣ୍ଡମାଷ୍ଟର। ଫିଲିପାଇନ୍ସରେ ଟାଇଟଲ୍ ଜିତିବା ପରେ ଅନୁଜ ବେଶ୍ ଖୁସି ଅଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଗ୍ରାଣ୍ଡମାଷ୍ଟର ହେବା ତାଙ୍କର ଏକ ବଡ଼ ଲକ୍ଷ୍ୟ ଥିଲା। ମଧ୍ୟପ୍ରଦେଶର କଟନୀ ସହରର ବାସିନ୍ଦା ଅନୁଜ ଶ୍ରୀବାସ୍ତବ। ତାଙ୍କ ବାପା ରେଳବାଇର ଏକ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟରତ। ଅନୁଜଙ୍କ କହିବା ଅନୁସାରେ, ମାତ୍ର ୬ ବର୍ଷ ବୟସରୁ ସେ ଚେସ୍ ଖେଳିବା ଆରମ୍ଭ କରିଥିଲେ। ଧୀରେ ଧୀରେ ଏହି ଖେଳ ପ୍ରତି ତାଙ୍କ ଆଗ୍ରହ ବଢ଼ିଥିଲା ଏବଂ ଗ୍ରାଣ୍ଡମାଷ୍ଟର ହେବାର ସ୍ୱପ୍ନ ତାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲା।

ଦିନିକିଆ ପରେ ଟେଷ୍ଟ ଅଧିନାୟକ ହେଲେ ମନ୍ଧାନା

ମୁମ୍ବାଇ, ୯।୧୧: ଭାରତୀୟ ମହିଳା କ୍ରିକେଟରେ ସ୍ମୃତି ମନ୍ଧାନାଙ୍କ କ୍ୟାପ୍‌ଟେନ୍ସି ଯୁଗ ଆଉ ଗୋଟିଏ ପାଦେ ଆଗେଇଛି। କିଛି ଦିନ ତଳେ ଟି-୨୦ ଓ ଦିନିକିଆ ଟିମର ଦାୟିତ୍ୱ ପାଇଥିବା ସ୍ମୃତି ମନ୍ଧାନା ଏବେ ଟେଷ୍ଟ ଟିମର କ୍ୟାପ୍‌ଟେନ ପଦ ହାତେଇଛନ୍ତି ।ବିସିସିଆଇ ପକ୍ଷରୁ ଡିସେମ୍ବର ମାସରୁ ଆରମ୍ଭ ହେଉଥିବା ଦକ୍ଷିଣ ଆଫ୍ରିକା ସିରିଜ ପାଇଁ ଆଜି ଭାରତୀୟ ମହିଳା ଟିମ ଘୋଷଣା କରିଛି। ଆଉ ଟେଷ୍ଟ ଟିମର କ୍ୟାପ୍‌ଟେନ ଭାବେ ବିଧିବଦ୍ଧ ଭାବେ ସ୍ମୃତି ମନ୍ଧାନାଙ୍କୁ ନିଯୁକ୍ତ କରାଯାଇଛି।



ପ୍ରଥମ ଥର ପାଇଁ ଟେଷ୍ଟ କ୍ରିକେଟରେ ଭାରତୀୟ ମହିଳା ଦଳର କମାଣ ସ୍ମୃତି ସମ୍ଭାଳିବେ। ଏହି ଟୁରରେ ଭାରତୀୟ ମହିଳା ଗୋଟିଏ ଟେଷ୍ଟ, ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବ।

ଦକ୍ଷିଣ ଆଫ୍ରିକା ସିରିଜକୁ ଜେମିମା ରୋଡ୍ରିଗସ ଫେରିଛନ୍ତି। ଆହତ ସମସ୍ୟା ଯୋଗୁ ସେ ଏସିଆନ କପ, ଏସିଆନ ଗେମ୍ସ ଓ ଜିମ୍ବାୱେ ବିପକ୍ଷ ସିରିଜରେ ନଜର ଆସି ନଥିଲେ। ଟେଷ୍ଟ ଓ ଦିନିକିଆରେ ସ୍ମୃତିଙ୍କ ଡେପୁଟି ଭାବେ ଅଭିଜ୍ଞ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କୁ ନିଯୁକ୍ତ କରାଯାଇଛି। ଟି-୨୦ ସିରିଜରେ ଶେଫାଳୀ ବର୍ମା ଉପ ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ଏହାବାଦ ଟେଷ୍ଟ ସ୍କ୍ୱାଡରେ ନୂଆ ମୁହଁ ଭାବେ ଜିନ୍ତିମଣି କଲିତାଙ୍କୁ ସୁଯୋଗ ଦିଆଯାଇଛି। ସ୍ମୃତି ତାଙ୍କ କ୍ୟାପ୍‌ଟେନ୍ସି ଅଭିଯାନ ଜିମ୍ବାୱେ ବିପକ୍ଷ ଘରୋଇ ଦିନିକିଆ ଓ ଟି-୨୦ ସିରିଜରୁ ଆରମ୍ଭ କରିଥିଲେ। ଭାରତ ଉଭୟ ସିରିଜକୁ କ୍ଲିନ ସୁଇପ କରିଥିଲା। ଏବେ ସେହି ଧାରାକୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ବଜାୟୀ ରଖିବାକୁ ଲକ୍ଷ୍ୟ ରଖିଛି ଭାରତୀୟ ଟିମ ।ଜାନୁଆରୀ ମାସରେ ପ୍ରଥମଥର ମହିଳା ଚାମ୍ପିୟନ୍ସ ଟ୍ରଫି ଖେଳାଯିବ। ତେଣୁ ଏହାର ଅଭ୍ୟାସ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକାରେ କରିବ। ଡିସେମ୍ବର ୯ରୁ ଡିସେମ୍ବର ୩୦ ମଧ୍ୟରେ ଭାରତୀୟ ମହିଳା ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଟିଏ ଟେଷ୍ଟ, ୩ଟି ଦିନିଆ ଓ ସମାନ ସଂଖ୍ୟକ ଟି-୨୦ ମ୍ୟାଚ୍ ଖେଳିବ। ଭାରତୀୟ ଟେଷ୍ଟ ସ୍କ୍ୱାଡ: ସ୍ମୃତି ମନ୍ଧାନା(ଅଧିନାୟକ), ଶେଫାଳୀ ବର୍ମା, ପ୍ରତିକା ରାୱଲ, ହରମନପ୍ରୀତ କୌର, ଜେମିମା ରୋଡ୍ରିଗସ, ହରଲୀନ ଦେଓଲ, ରିଚା ଘୋଷ (ୱିକେଟ କିପର), ୟାସ୍ତିକା ଭାଟିଆ(ୱିକେଟ କିପର), ଦୀପ୍ତି ଶର୍ମା(ଉପ ଅଧିନାୟକ), ଶ୍ରୀ ଚରଣୀ, ସ୍ନେହ ରାଣା, କ୍ରାନ୍ତି ଗୌଡ଼, ନନ୍ଦୀନ ଶର୍ମା, ଜିନ୍ତିମଣି କାଲିତା ଓ ସାୟାଲି ସତଘାରେ।

ଦିନିକିଆ ସ୍କ୍ୱାଡ: ସ୍ମୃତି ମନ୍ଧାନା(ଅଧିନାୟକ), ଶେଫାଳୀ ବର୍ମା, ପ୍ରତିକା ରାୱଲ, ହରମନପ୍ରୀତ କୌର, ଜେମିମା ରୋଡ୍ରିଗସ, ହରଲୀନ ଦେଓଲ, ରିଚା ଘୋଷ(ୱିକେଟ କିପର), ୟାସ୍ତିକା ଭାଟିଆ(ୱିକେଟ କିପର), ଦୀପ୍ତି ଶର୍ମା(ଉପ ଅଧିନାୟକ), ଶ୍ରୀ ଚରଣୀ, ବୈଷ୍ଣବୀ ଶର୍ମା, କ୍ରାନ୍ତି ଗୌଡ଼, ନନ୍ଦୀନ ଶର୍ମା, ଜିନ୍ତିମଣି କାଲିତା ଓ ସାୟାଲି ସତଘାରେ।

ଟି-୨୦ ସ୍କ୍ୱାଡ: ସ୍ମୃତି ମନ୍ଧାନା(ଅଧିନାୟକ), ଶେଫାଳୀ ବର୍ମା(ଉପ ଅଧିନାୟକ), ହରମନପ୍ରୀତ କୌର, ଜେମିମା ରୋଡ୍ରିଗସ, ନିକି ପ୍ରସାଦ, ରିଚା ଘୋଷ(ୱିକେଟ କିପର), ଜି କାମଲିନୀ(ୱିକେଟ କିପର), ଅନୁଷ୍କା ଶର୍ମା, ଦୀପ୍ତି ଶର୍ମା, ଶ୍ରୀ ଚରଣୀ, ପ୍ରେମା ରାୱତ, ଅମନଜୋତ କୌର, କ୍ରାନ୍ତି ଗୌଡ଼, ନନ୍ଦୀନ ଶର୍ମା, ରେଣୁକା ସିଂହ ଠାକୁର, ଅନୁରାଧା ରେଡ୍ଡୀ ଓ ସାୟାଲି ସତଘାରେ।

ଡବ୍ଲୁଟିସି ପଏଣ୍ଟ ଟେବୁଲରେ ବଦଳିଲା ସମୀକରଣ

ନୂଆଦିଲ୍ଲୀ, ୯।୧୧: ୱେଷ୍ଟଇଣ୍ଡିଜ ଏବଂ ବାଂଲାଦେଶ ମଧ୍ୟରେ ଦୁଇଟି ଟେଷ୍ଟ ମ୍ୟାଚ ବିଶିଷ୍ଟ ସିରିଜ ଶେଷ ହୋଇଛି। ଏହି ସିରିଜକୁ ୱେଷ୍ଟଇଣ୍ଡିଜ ୧-୦ରେ ନିଜ ନାମରେ କରିଛି। ଢାକାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୮ ଉଇକେଟ୍ ବାଂଲାଦେଶକୁ ପରାସ୍ତ କରିଥିଲା। ଅନ୍ୟପଟେ ସିଲହଟରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ ଡ୍ର' ରହିଥିଲା। ତେବେ ଏହି ସିରିଜ ଶେଷ ହେବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପଏଣ୍ଟ ଟେବୁଲରେ ମଧ୍ୟ କିଛି ପରିବର୍ତ୍ତନ ହୋଇଛି। ବାଂଲାଦେଶକୁ ବଡ଼ ଝଟକା ଲାଗିଥିବା ବେଳେ ଭାରତକୁ ଏହାର ଫାଇଦା ମିଳିଛି।



ପ୍ରଥମ ଟେଷ୍ଟରେ ବାଂଲାଦେଶର ପରାଜୟ ଯୋଗୁ ଭାରତକୁ ବଡ଼ ଫାଇଦା ମିଳିଥିଲା। ଡବ୍ଲୁଟିସି ପଏଣ୍ଟ ଟେବୁଲରେ ଟିମ ଇଣ୍ଡିଆ ଗୋଟିଏ ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରୁ ଚତୁର୍ଥ ସ୍ଥାନରେ ପହଞ୍ଚିଥିଲା। ଏହା ସହିତ ଫାଇନାଲରେ ପହଞ୍ଚିବା ପାଇଁ ଭାରତର ଆଶା ଆହୁରି ମଜବୁତ ହୋଇଥିଲା। ପୂର୍ବରୁ ବାଂଲାଦେଶ ଚତୁର୍ଥ ସ୍ଥାନରେ ରହିଥିଲା। ଗତ କିଛି ମାସ ଧରି ଦଳର ପ୍ରଦର୍ଶନ ମଧ୍ୟ ଭଲ ରହିଥିଲା। କିନ୍ତୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ପରାଜୟ ଦଳକୁ ବଡ଼ ଝଟକା ଦେଇଛି। ସିଲହଟରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ପୂର୍ବରୁ ବାଂଲାଦେଶର ପଏଣ୍ଟ ପ୍ରତିଶତ ୪୭.୬୨ ରହିଥିଲା। ସେହିପରି ୨୬.୯୨ ପ୍ରତିଶତ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ ଅଷ୍ଟମ ସ୍ଥାନରେ ଥିଲା। ଯଦି ବାଂଲାଦେଶ ଦ୍ୱିତୀୟ ଟେଷ୍ଟ ଜିତିଥାନ୍ତା, ତେବେ ଦଳକୁ ଫାଇଦା ମିଳିଥାନ୍ତା। କିନ୍ତୁ ମ୍ୟାଚ ଡ୍ର' ହେବା ପରେ ବାଂଲାଦେଶର ପଏଣ୍ଟ ପ୍ରତିଶତ ଆହୁରି ହ୍ରାସ ପାଇଛି। ଏହାଦ୍ୱାରା ଡଞ୍ଚଉ ଫାଇନାଲ୍‌ରେ ପହଞ୍ଚିବା ଆଶାକୁ ମଧ୍ୟ ଝଟକା ଲାଗିଛି।

ବାଂଲାଦେଶର ପଏଣ୍ଟ ପ୍ରତିଶତ ହ୍ରାସ ପାଇ ୪୫.୮୩ରେ ପହଞ୍ଚିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜର ପଏଣ୍ଟ ପ୍ରତିଶତ ବୃଦ୍ଧି ପାଇ ୨୭.୩୮ ହୋଇଛି। ଭାରତୀୟ ଦଳ ୫୧.୫୨ ପ୍ରତିଶତ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ଏବେ ବାଂଲାଦେଶ ଏବଂ ଟିମ ଇଣ୍ଡିଆ ମଧ୍ୟରେ ପଏଣ୍ଟ ପ୍ରତିଶତର ବ୍ୟବଧାନ ବଢ଼ିଯାଇଛି। ଏହାର ସିଧାସଳଖ ଫାଇଦା ଭାରତକୁ ମିଳିଛି। ସୂଚନାଯୋଗ୍ୟ, ୭୨.୨୨ ପ୍ରତିଶତ ପଏଣ୍ଟ ସହ ନ୍ୟୁଜିଲାଣ୍ଡ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନରେ ରହିଛି ।ଦ୍ୱିତୀୟ ଟେଷ୍ଟର ଶେଷ ଦିନରେ ବାଂଲାଦେଶକୁ ଜିତିବା ପାଇଁ ୩୬୯ ରନର ଆବଶ୍ୟକତା ଥିଲା। ଦଳ ୫୯ ଓଭରରେ ୪ଟି ଉଇକେଟ୍ ହରାଇ ୧୮୪ ରନ କରିଥିଲା। କିନ୍ତୁ ଖରାପ ଆଲୋକ ଯୋଗୁ ମ୍ୟାଚକୁ ବନ୍ଦ କରିବାକୁ ପଡ଼ିଥିଲା। ପରେ ମ୍ୟାଚକୁ ଡ୍ର' ଘୋଷଣା କରାଯାଇଥିଲା ।ଏହି ମ୍ୟାଚର ପ୍ରଥମ ଇନିଂସର ୱେଷ୍ଟଇଣ୍ଡିଜ ୩୫୬ ରନ କରିଥିଲା। ଜବାବରେ ବାଂଲାଦେଶ ୩୮୬ ରନ କରି ୩୦ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ୍‌ରେ ୬ ଉଇକେଟ୍ ହରାଇ ୩୧୮ ରନ କରି ପାଳି ଘୋଷଣା କରିଥିଲା।

ବ୍ରାଜିଲିଆନ୍ ଗ୍ରାଁ ପ୍ରି ଜିତିଲେ ନୋରିସ୍

ମର୍ସିଡିଜ୍‌କୁ 'କନ୍‌ଷ୍ଟ୍ରକ୍‌ଟର୍ସ' ମୁକୁଟ

ସାଓ ପାଓଲୋ।୯।୧୧ :ମ୍ୟାକ୍‌ଲରେନ୍ ଚାଳକ ଲାଣ୍ଡୋ ନୋରିସ୍ ଏଠାରେ ଆୟୋଜିତ ବ୍ରାଜିଲିଆନ୍ ଗ୍ରାଁ ପ୍ରିରେ ବିଜେତା ହୋଇଛନ୍ତି। ରବିବାର ସ୍ଥାନୀୟ ଇଣ୍ଟରଲାଗୋସ୍ ସର୍କିଟ୍‌ରେ ପୋଲ୍ ପୋଜିସନ୍‌ରୁ ରେସ୍ ଆରମ୍ଭ କରିଥିବା ନୋରିସ (୧:୩୫:୨୩.୫୦୪ ସେକେଣ୍ଡ) ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ରେଡ୍‌ବୁଲ୍‌ର ମ୍ୟାକ୍ସ ଭରଷ୍ଟାପେନ ଓ ଇସାକ ହାଜାର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ।

ଗତ ସପ୍ତାହରେ ଚଳିତ ଋତୁର ଫର୍ମୁଲା ୱାନ୍ ଡ୍ରାଇଭର୍ ମୁକୁଟ ନିଶ୍ଚିତ କରିଥିବା ମର୍ସିଡଜ୍‌ର କିମି ଆଣ୍ଟୋନିଲ ପଞ୍ଚମ ଓ ତାଙ୍କ ସାଥୀ ଜର୍ଜ ରସେଲ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ମର୍ସିଡିଜ୍ (୬୫୨ ପଏଣ୍ଟ) ୨୦୨୧ ପରେ ପ୍ରଥମ ଏବଂ ମୋଟ ଉପରେ ନବମ ଥର ଲାଗି ଫର୍ମୁଲା ୱାନ୍ 'କନ୍‌ଷ୍ଟ୍ରକ୍‌ଟର୍ସ' ମୁକୁଟ କରାୟତ୍ତ କରିଥିଲା। ଫେରାରି (୫୧୦ ପଏଣ୍ଟ) ଦ୍ୱିତୀୟ ସ୍ଥାନରେ ରହିଛି। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାକୁ ବ୍ରାଜିଲର ଫୁଟ୍‌ବଲ୍ ତାରକା ନେମାର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ଗ୍ରାଁ ପ୍ରି ୨୧ ତାରିଖରେ ଲାସ୍ ଭେଗାସରେ ଆୟୋଜିତ ହେବ।



ମୁଶଫିକର ରହିମଙ୍କ ରେକର୍ଡ

ନୂଆଦିଲ୍ଲୀ, ୯।୧୧ : ମୁଶଫିକର ରହିମ ଟେଷ୍ଟ କ୍ରିକେଟରେ ଇତିହାସ ସୃଷ୍ଟି କରିଛନ୍ତି; ସେ ଟେଷ୍ଟ ଫର୍ମାଟରେ ୬,୦୦୦ ରନ ପୂରଣ କରିବାରେ ପ୍ରଥମ ବାଂଲାଦେଶୀ ବ୍ୟାଟର ହୋଇପାରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ ସମୟରେ ସେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ସିଲହେଟରେ ଚାଲିଥିବା ଏହି ଟେଷ୍ଟର ଦ୍ୱିତୀୟ ଇନିଂସରେ ମାତ୍ର ୯ ରନ ସଂଗ୍ରହ କରିବା ସହ ରହିମ ୬,୦୦୦ ରନର ସୀମା ଅତିକ୍ରମ କରିଯାଇଛନ୍ତି।

ସିଲହେଟ ଟେଷ୍ଟରେ, ବାଂଲାଦେଶ ସମ୍ମୁଖରେ ଚତୁର୍ଥ ଇନିଂସରେ ୩୮୭ ରନର ଲକ୍ଷ୍ୟ ରଖାଯାଇଥିଲା। ଦଳ ମାତ୍ର ୪୦ ରନ ସ୍କର କରିଥିବା ବେଳେ ନିଜର ଦ୍ୱିତୀୟ ୱିକେଟ ହରାଇଥିଲା। ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ମୁଶଫିକର ରହିମ, ୯ ରନ ସଂଗ୍ରହ କରିବା ମାତ୍ରେ ଇତିହାସ ରଚିଥିଲେ। ପ୍ରଥମ ଇନିଂସରେ ରହିମ ୩୪ ରନ କରି ଆଉଟ ହୋଇଯାଇଥିଲେ।

ମୁଶଫିକର ରହିମ ହେଉଛନ୍ତି ବାଂଲାଦେଶ ପାଇଁ ଟେଷ୍ଟ କ୍ରିକେଟରେ ୬,୦୦୦ ରନ ସଂଗ୍ରହ କରିଥିବା ଏକମାତ୍ର ବ୍ୟାଟର। ଅନ୍ୟ କୌଣସି ବ୍ୟାଟର ଏପର୍ଯ୍ୟନ୍ତ ୬,୦୦୦ ରନର ସୀମା ମଧ୍ୟ ଛୁଇଁ ପାରିନାହାନ୍ତି। ବାଂଲାଦେଶ ପାଇଁ ସର୍ବାଧିକ ରନ ସଂଗ୍ରହକାରୀଙ୍କ ତାଲିକାରେ ମୋମିନୁଲ ହକ ୫,୨୯୩ ରନ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।୬,୦୦୦+ ରନ ମୁଶଫିକର ରହିମ, ୫,୨୯୩ ରନ ମୋମିନୁଲ ହକ, ୫,୧୩୪ ରନ ତାମିମ ଇକବାଲ। ମୁଶଫିକର ରହିମ ବାଂଲାଦେଶ ପାଇଁ ସର୍ବାଧିକ ରନ ସଂଗ୍ରହ କରିଥିବା ୱିକେଟକିପର-ବ୍ୟାଟର ମଧ୍ୟ ଅଟନ୍ତି। ବର୍ତ୍ତମାନ ସୁଦ୍ଧା, ସେ ୱିକେଟକିପର ଭାବରେ ଖେଳି ୩,୫୧୫ ରନ ସଂଗ୍ରହ କରିଛନ୍ତି। ସେ ବାଂଲାଦେଶୀ ୱିକେଟକିପରମାନଙ୍କ ତାଲିକାରେ ଶୀର୍ଷରେ ଥିବାବେଳେ, ଲିଟନ ଦାସ ୨,୯୯୦ ରନ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।ଦ୍ୱିତୀୟ ଟେଷ୍ଟ ମ୍ୟାଚରେ, ୱେଷ୍ଟ ଇଣ୍ଡିଜର ପ୍ରଥମ ଇନିଂସ ୩୫୬ ରନରେ ଶେଷ ହୋଇଥିଲା। ଏହାର ଜବାବରେ ବାଂଲାଦେଶ ୩୮୬ ରନ ସଂଗ୍ରହ କରି ୩୦ ରନର ଏକ ସାମାନ୍ୟ ଅଗ୍ରଣୀ ହାସଲ କଲା। କାଭେମ ହଜଙ୍କ ୧୪୨ ରନ ବଲରେ, ୱେଷ୍ଟ ଇଣ୍ଡିଜ ନିଜର ଦ୍ୱିତୀୟ ଇନିଂସକୁ ୩୧୮ ରନରେ ଘୋଷଣା (ଡିକ୍ଲେୟାର) କଲା। ଫଳରେ, ଚତୁର୍ଥ ଇନିଂସରେ ବାଂଲାଦେଶ ସମ୍ମୁଖରେ ୩୮୭ ରନର ଏକ ବଡ଼ ଲକ୍ଷ୍ୟ ରଖାଗଲା।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate, Bhubaneswar-751010, Near NSIC Office, Dist - Khordha (Odisha), Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର